୬ ଫର୍ମୁଲା ୱାନ : ଭର୍ଷ୍ଟାପେନଙ୍କୁ ୨ ପଏଣ୍ଟରେ ହରାଇ ନୋରିସ ନୂଆ ବିଶ୍ୱ ଚାମ୍ପିଅନ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
# ସମ୍ବାଦ କଳିକା
The Sambad Kalika
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
E-mail : sambadkalikanews@gmail.com
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
● ବର୍ଷ–୩୨ ● ସଂଖ୍ୟା–୩୧୧ ● ୯ ଡିସେମ୍ବର ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-311 ● 9th December 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ବିରୋଧୀ ଦଳର କକ୍ଷତ୍ୟାଗ ମଧ୍ୟରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ

## ମିଶନ ପାୱାର : ଦୁଇ ବର୍ଷରେ ସବୁ ଗାଁକୁ ପାଣି ଓ ବିଜୁଳି

ଭୁବନେଶ୍ୱର, ୮।୧୨
ନ୍ୟୁଜ୍ ବ୍ୟୁରୋ

ସୋମବାର ବିଧାନସଭାରେ ବିରୋଧୀ ଦଳର ପ୍ରତିବାଦ ଓ କକ୍ଷତ୍ୟାଗ ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉଦ୍ଦିଷ୍ଟ ୧୭,୪୪୦ କୋଟି ୨୧ ହଜାର ଟଙ୍କାର ବ୍ୟୟମଞ୍ଜୁରୀ ବିଲ୍ ପାରିତ ହୋଇଛି । ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଗତ ଏହି ବିଲ୍ ଉପରେ ଗୃହରେ ଦୀର୍ଘ ସମୟ ଧରି ସରଗରମ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଲୋଚନାର ଉତ୍ତର ରଖିବା ବେଳେ ପ୍ରଥମେ କଂଗ୍ରେସ ଓ ପରେ ମୁଖ୍ୟବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ଅସନ୍ତୋଷ ବ୍ୟକ୍ତ କରି କକ୍ଷତ୍ୟାଗ କରିଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଲୋକଙ୍କ ସରକାର ସମସ୍ତଙ୍କର ମତାମତ ସହଯୋଗରେ ଯେଉଁ ବଜେଟ୍ ପ୍ରସ୍ତୁତ



କରିଛନ୍ତି ତାହା ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଉଦ୍ଦିଷ୍ଟ । ଏଥିରେ ଅନ୍ନଦାତା (କୃଷକ), ଯୁବକ, ମହିଳା ଏବଂ ଗରିବ ଲୋକମାନଙ୍କୁ ମୁଖ୍ୟସ୍ରୋତରେ ଯୋଡିବା ସହ ସେମାନଙ୍କର ବିକାଶକୁ ପ୍ରାଥମିକତା ଦିଆଯାଇଛି । ଏହି ଶ୍ରେଣୀର ସାମଗ୍ରିକ ବିକାଶ ପାଇଁ ଆବଶ୍ୟକୀୟ ଅର୍ଥ ଅତିରିକ୍ତ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ସ୍ୱତନ୍ତ୍ର ଭାବେ ଭିଜନ ରହିଛି । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ନିମନ୍ତେ ସମସ୍ତ ପ୍ରସ୍ତୁତିର ସହ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଗତ ୧୪ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାକୁ ୭ ଥର ଆସିଛନ୍ତି ଏବଂ ଓଡ଼ିଶାର ବିକାଶ ପାଇଁ ଏବଂ ଏହି ରାଜ୍ୟକୁ ଏକ ଶ୍ରେଷ୍ଠ ସମୃଦ୍ଧ ଅର୍ଥନୈତିକ ଅଭିବୃଦ୍ଧି ସଂପନ୍ନ ରାଜ୍ୟ ଭାବେ ଗଢି ତୋଳିବା ପାଇଁ ସବୁ ପ୍ରକାର ସହାୟତା ଯୋଗାଉଛନ୍ତି । କୃଷି ବିକାଶ କାର୍ଯ୍ୟକ୍ରମ ପାଇଁ ଗୁରୁତ୍ୱ ଦିଆଯିବା ସହ ଯୁବକମାନଙ୍କ ପାଇଁ ଉତ୍କର୍ଷ ଓଡ଼ିଶା ଜରିଆରେ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି । ଭିତ୍ତିଭୂମି ବିକାଶକୁ ସରକାର ପ୍ରାଥମିକତା ଦେଇଛନ୍ତି ।

ଆର୍ଥିକ ପରିଚାଳନା ବ୍ୟବସ୍ଥା ଓ ଶୃଙ୍ଖଳାରକ୍ଷା ଆଦି କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ସର୍ବୋତ୍ତମ ପ୍ରଗତି ଅବଲମ୍ବନ କରିଥିବା ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଥିଲେ ଏ ଦିଗରେ ସମ୍ମୁଚିତ ଧ୍ୟାନ ଦିଆଯାଇଛି । ଏଫ୍‌ଆରବିଏମ୍ ଆକ୍ଟ *(ପୃଷ୍ଠା ୭ରେ)*

## ବନ୍ଦେ ମାତରମ୍‌ରୁ ପ୍ରେରଣା ନେଇ ଆମେ ସମୃଦ୍ଧି ଅଭିମୁଖେ ବଢିବା

ନୂଆଦିଲ୍ଲୀ, ୮।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ବନ୍ଦେ ମାତରମ୍ ଗୀତର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ଗୀତକୁ ନଦୀର ପ୍ରବାହ ସହିତ ତୁଳନା କରିଛନ୍ତି । ସେ କହିଛନ୍ତି ଯେ ବନ୍ଦେ ମାତରମ୍ ନିଜ ସହିତ ପ୍ରେରଣାର ପ୍ରବାହ ନେଇ ଆଗେ ବଢୁଛି ଏବଂ ସ୍ୱାଧୀନତା ପରେ ଏବେ ଏହା ଆମକୁ ସମୃଦ୍ଧି ଦିଗକୁ ନେଇଯିବ ।

ସୋମବାର ଲୋକସଭାରେ ବନ୍ଦେ ମାତରମ୍ ଉପରେ ଚର୍ଚ୍ଚାର ଆରମ୍ଭ କରି ସେ କହିଛନ୍ତି ଯେ ପୂର୍ବ ଯୁଗରେ ଏହି ଗୀତ ସହିତ ଅନ୍ୟାୟ ହୋଇଥିଲା । ସେ ନିଜ ଭାଷଣରେ ଗାନ୍ଧୀଜୀଙ୍କ ଏହି କଥାକୁ ଉଦାହରଣ ଦେଇ କହିଛନ୍ତି ଯେ ବନ୍ଦେ ମାତରମ୍ ଏତେ ଲୋକପ୍ରିୟ ହୋଇଗଲା ଯେ ଏହାକୁ ରାଷ୍ଟ୍ରଗାନ୍ ହେବା ଉଚିତ । ସେ କହିଛନ୍ତି ଯେ ଆଜି ସେହି ପରିସ୍ଥିତିକୁ ଜାଣିବାର ଆବଶ୍ୟକତା ଅଛି ଯେ, କେଉଁ ଶକ୍ତି ଥିଲା, ଯାହା ଏହି ପୂଜ୍ୟ ଭାବନା ଉପରେ ପ୍ରଭାବ ପକାଇଥିଲା ଏବଂ ବିବାଦକୁ ଟାଣିଥିଲା ।

ପ୍ରଧାନମନ୍ତ୍ରୀ ଗୃହରେ ଏହି ଗୀତ ସହିତ ସମ୍ବନ୍ଧିତ ଇତିହାସ, ଭାବଜାଗରଣ, ପ୍ରେରଣା ଏବଂ ଅନ୍ୟାନ୍ୟ ତଥ୍ୟଗୁଡ଼ିକ ଦେଇଥିଲେ । ଏହା ସହିତ କଂଗ୍ରେସ୍ ଉପରେ ଏହି ଗୀତ ସହିତ



ଅନ୍ୟାୟ କରିବାର ଅଭିଯୋଗ ମଧ୍ୟ ଲଗାଇଲେ । ସେ ଜନପ୍ରତିନିଧିମାନଙ୍କୁ ଆହ୍ୱାନ କରିଥିଲେ ଯେ ଏହି ଚର୍ଚ୍ଚାରେ ଅଂଶ ନେବା ଆମ ପାଇଁ ଏକ ଐତିହାସିକ ଦାୟିତ୍ୱ ।

ପ୍ରଧାନମନ୍ତ୍ରୀ କଂଗ୍ରେସ୍ ଏବଂ ପୂର୍ବ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଉପରେ ତୁଷ୍ଟୀକରଣର ଅଭିଯୋଗ ମଧ୍ୟ କରିଥିଲେ । ସେ କହିଥିଲେ ଯେ ମୁସଲିମ୍ ଲିଗ୍‌ର ବିରୋଧ ପରେ କଂଗ୍ରେସ୍ ଏହି ଗୀତକୁ ପୁନଃସମୀକ୍ଷା କଲା । ସେ କହିଥିଲେ ଯେ ନେହେରୁ ୧୯୩୭ ମସିହାରେ ମହମ୍ମଦ ଅଲୀ ଜିନ୍ନାଙ୍କ ଗୀତ ବିରୋଧୀ ମତାମତ ପରେ ଏହି ଗୀତକୁ ମୁସଲମାନମାନଙ୍କୁ "ଇରିଟେଟ୍" କରୁଥିବା ବୋଲି କହିଥିଲେ, ଯାହାକୁ ସେ ସୁଭାଷଚନ୍ଦ୍ର ବୋଷଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିଲେ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବନ୍ଦେ ମାତରମ୍ ଗୀତକୁ କାଟିଦେବା ହିଁ ଦେଶ ବିଭାଜନର ଭିତ୍ତି ପକାଇଥିଲା । ସେ କହିଛନ୍ତି ଯେ ସାମାଜିକ ସମ୍ମିଳନୀର ନାମରେ ବନ୍ଦେ ମାତରମ୍ ଗୀତର ବ୍ୟବହାରର ସମୀକ୍ଷା କରାଯାଇଥିଲା ଏବଂ ଏହାକୁ କଟାଯାଇଥିଲା । କଂଗ୍ରେସ୍ ମୁସଲିମ୍ ଲିଗ୍ ସମ୍ମୁଖରେ ନଇଁଥିଲା ଏବଂ ତାଙ୍କର ତୁଷ୍ଟୀକରଣ ନୀତି ଦେଶକୁ ଏକ ଦିନ ଭାରତର ବିଭାଜନ ସ୍ୱୀକାର କରିବାକୁ ବାଧ୍ୟ କଲା ।

ପ୍ରଧାନମନ୍ତ୍ରୀ ନିଜ ଭାଷଣର ଆରମ୍ଭ ଏହି ଗୀତରୁ ପ୍ରେରଣା ନେଇ ଦେଶ ପାଇଁ ପ୍ରାଣ ଆହୂତି କରିଥିବା ଜଣା-ଅଜଣା ସେନାନୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ କହିଥିଲେ ।

ସେ ବନ୍ଦେ ମାତରମ୍ ଗୀତର ୫୦ ଏବଂ ୧୦୦ ବର୍ଷ ପୂର୍ତ୍ତି ବେଳେ ଦେଶର ପରିସ୍ଥିତିକୁ ସ୍ମରଣ କରାଇ କହିଛନ୍ତି ଯେ ୧୫୦ ବର୍ଷ ପୂର୍ତ୍ତିର ଏହି ଅବସରକୁ ଆମେ ଦେଶର ଗୌରବକୁ ପୁନଃସ୍ଥାପିତ କରିବା ପାଇଁ ବ୍ୟବହାର କରିବା ଉଚିତ । ସେ କହିଛନ୍ତି ଯେ ୫୦ ବର୍ଷ ପୂରା ହେବାବେଳେ ଦେଶ ଦାସତ୍ୱରେ ଥିଲା ଏବଂ ୧୦୦ ବର୍ଷ ପୂରା ହେବାବେଳେ ଦେଶ ଜରୁରୀକାଳୀନ ସ୍ଥିତି ଦେଇ ଯାଉଥିଲା । ଜରୁରୀକାଳରେ ସମ୍ବିଧାନର ସ୍ୱରକୁ ଦବା ଯାଇଥିଲା ।

## ମୃତ ଛାତ୍ରୀଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା

ଭୁବନେଶ୍ୱର, ୮।୧୨
ନ୍ୟୁଜ୍ ବ୍ୟୁରୋ

ନିଆଁରେ ପୋଡି ହୋଇଥିବା ରାଜଗାଙ୍ଗପୁର ଲାଞ୍ଜିବେରାନାର ଗୁରୁତର ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ମୃତ ଛାତ୍ରୀଙ୍କ ପରିବାରକୁ ୪ ଲକ୍ଷର ଅନୁକମ୍ପା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଘଟଣାରେ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ପୀଡିତାଙ୍କ ମୃତ୍ୟୁ ପରେ ସୋମବାର କ୍ଷତିପୂରଣ ଦାବିରେ ପରିବାର ଲୋକେ ହସ୍ପିଟାଲ *(ପୃଷ୍ଠା ୭ରେ)*

### ବିଧାନସଭାରେ ଉଦ୍‌ବେଗ

## ଗାଁ କଳିରୁ ପୋଡାଜଳା, ଗୋଷ୍ଠୀ ସଂଘର୍ଷ : ୨୪ ଘଣ୍ଟା ଇଣ୍ଟରନେଟ୍ ସେବା ବନ୍ଦ

ମାଲାକାନଗିରି/ଭୁବନେଶ୍ୱର, ୮।୧୨
ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମାରିୱାଡ଼ା ପଞ୍ଚାୟତ ଅନ୍ତର୍ଗତ ରାଖେଲଗୁଡ଼ା ଗାଁର ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ପରେ ସଂପୃକ୍ତ ଗାଁରେ ଉତ୍ତେଜନା ଦେଖାଦେଇଛି । ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀଙ୍କ ଘରେ ନିଆଁ ଲଗାଇବା ସହ ଭଙ୍ଗାରୁଜା କରିଛନ୍ତି । ଖୋଦ ଜିଲ୍ଲାପାଳ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛନ୍ତି । କଡ଼ା ସୁରକ୍ଷା ଭିତରେ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ଶେଷ ହୋଇଛି ।

ରାତି ତମାମ ମାଲକାନଗିରି ଏମଭି ୨୬ ଗାଁରେ ପୁଲିସର ପହରା ଦେଇଥିବା ବେଳେ ଏହି ଗ୍ରାମ ସମେତ ଆଖପାଖ ଗାଁରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ମାଲକାନଗିରି ଜିଲ୍ଲାର ଏମ୍‌ଭି ୨୬ ଓ ରାଖେଲଗୁଡ଼ା ଗାଁ ମଧ୍ୟରେ ଉତ୍ତେଜନା ପରେ ଉଭୟ ଗାଁର ୧୦



କିମି ପରିଧି ମଧ୍ୟରେ ବିଏନ୍ଏସ୍ ୧୬୩ ଜାରି କରାଯାଇଛି । ପୁଲିସ୍ ଓ ବିଏସଏଫ୍ ଯବାନ ମୁତୟନ ରହିଛନ୍ତି । ଏମ୍‌ଭି ୨୬ରେ ଥିବା ଆବାସିକ ବିଦ୍ୟାଳୟ ୪ ଦିନ ପାଇଁ ଛୁଟି ଘୋଷଣା କରାଯାଇଛି । ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ରହିଛି ।

ସୋମବାର ଏହି ପ୍ରସଙ୍ଗ ବିଧାନସଭାର ଶୂନ୍ୟ କାଳରେ ଉଠିଥିଲା । ବିଜେଡିର ବରିଷ୍ଠ ବିଧାୟକ ପ୍ରତାପ ଦେବ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିର ଅଧୋଗତି ସମ୍ପର୍କରେ ଉଲ୍ଲେଖ କରି ଉଦବେଗ ପ୍ରକାଶ କରିଥିଲେ । ସେ ଦର୍ଶାଇଥିଲେ ଯେ, ମାଲକାନଗିରି ଜିଲ୍ଲାର ଏମଭି-୩୬ ଗ୍ରାମରେ ୫୦ରୁ ଉର୍ଦ୍ଧ୍ୱ ଘର ପୋଡ଼ି ଦିଆଯାଇଛି । ଏହି ମାଓପ୍ରବଣ ଜିଲ୍ଲାରେ ଏଭଳି ଅବସ୍ଥା ସୃଷ୍ଟି ହେବା ବିଷୟରେ ଗୁଇନ୍ଦା *(ପୃଷ୍ଠା ୭ରେ)*

## ଆମେରିକା ସହିତ ଶାନ୍ତି ଆଲୋଚନା ସହଜ ନୁହେଁ

ନୂଆଦିଲ୍ଲୀ, ୮।୧୨

ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି ଯେ ୟୁକ୍ରେନର ଶାନ୍ତି ଯୋଜନା ଉପରେ ଆମେରିକୀୟ ପ୍ରତିନିଧିମାନଙ୍କ ସହିତ ଆଲୋଚନା ଗଠନମୂଳକ କିନ୍ତୁ ସହଜ ନୁହେଁ ।

ଜେଲେନସ୍କି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟକଫ ଏବଂ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ କୁଶନରଙ୍କ ସହିତ କଥା ହୋଇଥିଲେ ଏବଂ ସୋମବାର ଲଣ୍ଡନରେ ଫରାସୀ, ବ୍ରିଟିଶ ଏବଂ ଜର୍ମାନ ନେତାମାନଙ୍କୁ ଭେଟିଛନ୍ତି । ବ୍ରୁସେଲ୍ସରେ ଆହୁରି ଆଲୋଚନା ଯୋଜନା କରାଯାଇଥିବା ଜେଲେନସ୍କି କହିଛନ୍ତି । ଜେଲେନସ୍କି ଏକ ଭିଡିଓ କରି ସୂଚନା ଦେଇଛନ୍ତି ଯେ, ଆମେରିକୀୟ ପ୍ରତିନିଧିମାନେ ୟୁକ୍ରେନର ମୌଳିକ ସ୍ଥିତି ଜାଣନ୍ତି । ଏ ପରିସ୍ଥିତିର ଆଲୋଚନା ଗଠନମୂଳକ ଥିଲା କିନ୍ତୁ ସହଜ ନୁହେଁ ।



ଟ୍ରମ୍ପ କହିଛନ୍ତି ଯେ, ୟୁକ୍ରେନରେ ରୁଷର ଯୁଦ୍ଧ ଏବେ ୪ବର୍ଷ ହେବାକୁ ଯାଉଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ ଏହା ସବୁଠାରୁ ଭୟଙ୍କର ଯୁଦ୍ଧ । ଏହା ତାଙ୍କପାଇଁ ସବୁଠାରୁ କଷ୍ଟକର ବୈଦେଶିକ ନୀତି ଚ୍ୟାଲେଞ୍ଜ ବୋଲି ଟ୍ରମ୍ପ କହିଛନ୍ତି । ଆମେରିକାର ମଧ୍ୟସ୍ଥତା ଏବଂ ଉଚ୍ଚସ୍ତରୀୟ ଯୋଗାଯୋଗ ସତ୍ତ୍ୱେ ଶାନ୍ତି ଆଲୋଚନାରେ ଅଗ୍ରଗତି ଧୀର ରହିଛି । କିଭ୍ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ଏବଂ ରୁଷ-ଅଧିକୃତ ଅଞ୍ଚଳର ସ୍ଥିତି ଉପରେ ବିବାଦ ଏପର୍ଯ୍ୟନ୍ତ ସମାଧାନ ହୋଇନାହିଁ ।

ଘଟଣାରେ ମସ୍କୋ କହିଛି ସେ ଆଲୋଚନା ପାଇଁ ପ୍ରସ୍ତୁତ ଅଛି ଏବଂ ଶାନ୍ତିକୁ ବାଧା ଦେବା ପାଇଁ କିଭ୍ ଏବଂ ପଶ୍ଚିମକୁ ଦାୟୀ କରିଛି । ୟୁକ୍ରେନ୍ ଏବଂ ଏହାର ସହଯୋଗୀମାନେ କହିଛନ୍ତି ଯେ ରୁଷ ଏହାର ଲାଭକୁ ଦୃଢ଼ କରିବା ପାଇଁ କୂଟନୀତିକୁ ଅଟକାଉଛି ଏବଂ ବ୍ୟବହାର କରୁଛି । ୟୁରୋପୀୟ ନେତାମାନେ ୟୁକ୍ରେନ୍ ପାଇଁ ଏକ ପର୍ଯ୍ୟାୟକ୍ରମେ କୂଟନୈତିକ ପ୍ରକ୍ରିୟାକୁ ସମର୍ଥନ କରିଛନ୍ତି, ଯାହା ଦୀର୍ଘକାଳୀନ ସୁରକ୍ଷା ଗ୍ୟାରେଣ୍ଟି ଏବଂ ନିରନ୍ତର ସାମରିକ ସହାୟତା ସହିତ ଜଡିତ । ତଥାପି, ଟ୍ରମ୍ପ ଦ୍ରୁତ ଚୁକ୍ତିନାମା ଏବଂ ଭାର ବଣ୍ଟନ ଉପରେ ଧ୍ୟାନ ଦେଇଛନ୍ତି ଏବଂ କୂଟନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଯେକୌଣସି ଆଲୋଚନା ଆମେରିକା ରାଜନୀତିରେ ପରିବର୍ତ୍ତନ ପାଇଁ ଦୁର୍ବଳ ରହିବ ।

### ଆଜିର ମୁଖ୍ୟ ଖବର

- ନାସିକରେ କାର ଗଭୀର ଖାଇରେ ଖସିପଡ଼ିବାରୁ ଛଅ ଜଣଙ୍କର ମୃତ୍ୟୁ, ଜଣେ ଆହତ ।
- ପୁଟିନଙ୍କ ପରେ ଦିଲ୍ଲୀ ଆସିବେ ଜେଲେନସ୍କି !
- ଟାଟା କମ୍ପାନୀଙ୍କ ଚିପ୍ କାରଖାନା ପାଇଁ ଇଣ୍ଟେଲ୍ ପ୍ରମୁଖ ଗ୍ରାହକ ଭାବେ ଯୋଗଦେଲା ।
- ବିମାନ ସଙ୍କଟ ମଧ୍ୟରେ ଇଣ୍ଡିଗୋର ଶେୟାର ମୂଲ୍ୟ ହ୍ରାସ ।
- ପ୍ରତିରକ୍ଷା ମନ୍ତ୍ରୀଙ୍କ ଦ୍ୱାରା ୧୨୫ଟି ସୀମା ପ୍ରକଳ୍ପ ଉଦ୍‌ଘାଟନ ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୦୪୨ (+୨୭)
୨. ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୯୫ (+୨୫)
୩. ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୭୮୨ (+୨୧)

### ରୁପା ଦର

ରୂପା – ପ୍ରତି ଗ୍ରାମ ୧୯୮ (+୨)

## ରାଜ୍ୟରେ ବ୍ୟାଙ୍କ ଜମା-ରଣ ଅନୁପାତ ୬୬.୮୧ ପ୍ରତିଶତ

ଭୁବନେଶ୍ୱର, ୮।୧୨
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ୨୦୨୫ ସେପ୍ଟେମ୍ବର ମାସ ସୁଦ୍ଧା ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ୨୦ଟି ଘରୋଇ ବ୍ୟାଙ୍କ, ଗୋଟିଏ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ଗୋଟିଏ ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ୭ଟି କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କ ସେମାନଙ୍କର ୬୨୨୭ ବ୍ୟାଙ୍କ ଶାଖା ମାଧ୍ୟମରେ ବ୍ୟାଙ୍କିଂ ସୁବିଧା ପ୍ରଦାନ କରୁଛନ୍ତି । ସେଥିମଧ୍ୟରୁ ୩୨୩୬ ଶାଖା ଅର୍ଥାତ୍ ୫୨.୯୬ ପ୍ରତିଶତ ଗ୍ରାମାଞ୍ଚଳରେ, ୧୬୬୭ଟି ଶାଖା ଅର୍ଦ୍ଧ ସହରାଞ୍ଚଳରେ ଅର୍ଥାତ୍ ୨୬.୭୭ ପ୍ରତିଶତ ଏବଂ ଅବଶିଷ୍ଟ ୧୩୨୪ (୨୧.୨୬ ପ୍ରତିଶତ) ସହରାଞ୍ଚଳରେ ରହିଛି । ଓଡ଼ିଶାରେ କାର୍ଯ୍ୟ କରୁଥିବା ବ୍ୟାଙ୍କ ମାନଙ୍କର ଜମା-ରଣ ଅନୁପାତ ୬୬.୮୧ ପ୍ରତିଶତ ରହିଛି ବୋଲି ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାୟକ ପ୍ରଶାନ୍ତ ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ପ୍ରକାଶ କରିଛନ୍ତି । ବିଧାୟକ ସର୍ବଶ୍ରୀ ଯୋଗେଶ ସିଂ, *(ପୃଷ୍ଠା ୭ରେ)*

## ଦୂରଦର୍ଶନର 'ସୁପ୍ରଭାତମ' କାର୍ଯ୍ୟକ୍ରମ : ଭାରତୀୟ ପରମ୍ପରା ପାଇଁ ପ୍ରେରଣାଦାୟକ

ନୂଆଦିଲ୍ଲୀ, ୮।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୂରଦର୍ଶନର 'ସୁପ୍ରଭାତମ' କାର୍ଯ୍ୟକ୍ରମକୁ ପ୍ରଶଂସା କରି କହିଛନ୍ତି ଯେ ଏହା ସକାଳକୁ ସତେଜତା ଏବଂ ସକାରାତ୍ମକତାରେ ପରିପୂର୍ଣ୍ଣ କରିଥାଏ । ଏହା ଯୋଗଠାରୁ ଭାରତୀୟ ଜୀବନଶୈଳୀ ପର୍ଯ୍ୟନ୍ତ ଭାରତୀୟ ଜୀବନଶୈଳୀର ବିଭିନ୍ନ ଦିଗ ଉପରେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଆଲୋଚନା ପ୍ରଦାନ କରେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ପରମ୍ପରା ଏବଂ ମୂଲ୍ୟବୋଧ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମ ଜ୍ଞାନ, ପ୍ରେରଣା ଏବଂ ସକାରାତ୍ମକତାର ଏକ ଅନନ୍ୟ ମିଶ୍ରଣ, ଯାହା କେବଳ ଦର୍ଶକଙ୍କୁ ଆଲୋକିତ କରେ ନାହିଁ ବରଂ ସେମାନଙ୍କୁ ସଂସ୍କୃତି ସହିତ ମଧ୍ୟ ଯୋଡିଥାଏ । ସେ 'ସୁପ୍ରଭାତମ', 'ସଂସ୍କୃତ ଶୁଭାଶିତମ୍'ର ସ୍ୱତନ୍ତ୍ର ସେଗମେଣ୍ଟ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ ଏହି ସେଗମେଣ୍ଟ ଭାରତର ସଂସ୍କୃତି ଏବଂ ଐତିହ୍ୟ ବିଷୟରେ ନୂତନ ସଚେତନତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି ଯେ ଦୂରଦର୍ଶନରେ ପ୍ରସାରିତ 'ସୁପ୍ରଭାତମ' କାର୍ଯ୍ୟକ୍ରମ ସକାଳେ ଏକ ସତେଜ ଅନୁଭବ ପ୍ରଦାନ କରେ । ଏହା ଯୋଗଠାରୁ ଭାରତୀୟ ଜୀବନଶୈଳୀ ପର୍ଯ୍ୟନ୍ତ ବିଭିନ୍ନ ଦିଗ ଉପରେ ଆଲୋଚନା କରେ । ଭାରତୀୟ ପରମ୍ପରା ଏବଂ ମୂଲ୍ୟବୋଧ ଉପରେ ଆଧାରିତ, ଏହି କାର୍ଯ୍ୟକ୍ରମ ଜ୍ଞାନ, ପ୍ରେରଣା ଏବଂ ସକାରାତ୍ମକତାର ଏକ ଆଶ୍ଚର୍ଯ୍ୟଜନକ ମିଶ୍ରଣ ।

## ଆତ୍ମସମର୍ପଣ କଲେ ୧୨ ମାଓବାଦୀ



ମାଲକାନଗିରି, ୮।୧୨
ନ୍ୟୁଜ୍ ବ୍ୟୁରୋ

ଆତ୍ମସମର୍ପଣ କଲେ ୧୨ ମାଓବାଦୀ । କୁଖ୍ୟାତ ନକ୍ସଲବାଦୀ କମାଣ୍ଡର ଓ କେନ୍ଦ୍ରୀୟ କମିଟି ସଦସ୍ୟ (ସିସିଏମ୍) ରାମଧେର ମାଝୀ ତାଙ୍କ ୧୧ ଜଣ *(ପୃଷ୍ଠା ୭ରେ)*

### ଏକାଳ ପଖାଳ




ଆଜି ମ୍ୟାଚ୍ କଟକରେ ଭାଇ
ରେଡି ଆମ ବାରବାଟୀ
ଭାରତ ଆଉ ଦକ୍ଷିଣ ଆଫ୍ରିକା
ଖେଳିବେ ଯେ ଟ୍ୱେଣ୍ଟି-ଟ୍ୱେଣ୍ଟି
ଜିତିବାର ମାରି ଘଣ୍ଟି
ଆଫ୍ରିକାକୁ ଇଣ୍ଡିଆ ଟୋକାଏ
ଖେଇବେ ହାର ଖାଣ୍ଟି ।

## ପାକିସ୍ତାନ ଏବଂ ଗଣତନ୍ତ୍ର ଏକାଠି ଚାଲନ୍ତି ନାହିଁ



ନୂଆଦିଲ୍ଲୀ, ୮।୧୨

ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ କାରାଗାର ଏବଂ ପାକିସ୍ତାନରେ ଚାଲିଥିବା ରାଜନୈତିକ ଆନ୍ଦୋଳନକୁ ନେଇ ଭାରତ ସୋମବାର କହିଛି ଯେ ପାକିସ୍ତାନ ଏବଂ ଗଣତନ୍ତ୍ର ଏକାଠି ଚାଲନ୍ତି ନାହିଁ ।

ସୋମବାର ଏଠାରେ ଏକ ନିୟମିତ ବ୍ରିଫିଂରେ ପାକିସ୍ତାନରେ ଚାଲିଥିବା ବିକାଶ ସମ୍ପର୍କରେ ପଚରାଯାଇଥିବା ପ୍ରଶ୍ନ ଉପରେ ମନ୍ତବ୍ୟ ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରାନ୍ଧିର ଜୟସ୍ୱାଲ କହିଛନ୍ତି ଯେ ଆମେ ସେଠାରେ ଗଣତନ୍ତ୍ର ବିଷୟରେ ଯେତେ ଆଲୋଚନା କରିବୁ ସେତେ କମ୍ । ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଜେଲରେ ରଖିବା ସହ ସେଠାରେ ଥିବା ପରିସ୍ଥିତି ଉପରେ ଜୟସ୍ୱାଲ କହିଛନ୍ତି ଯେ ପଡୋଶୀ ଦେଶର ପ୍ରତ୍ୟେକ ବିକାଶ ଉପରେ ଭାରତ ତୀକ୍ଷ୍ଣ ନଜର ରଖିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ପାକିସ୍ତାନରେ ଗଣତନ୍ତ୍ରର ଦୁର୍ବଳତା ଯେତେ ଦୂର, ଏହା ଉପରେ କମ୍ କୁହାଯାଇପାରେ, ସେତେ ଭଲ । ପାକିସ୍ତାନ ଏବଂ ଗଣତନ୍ତ୍ର ଏକାଠି ଯାଆନ୍ତି ନାହିଁ ।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମୁଖପାତ୍ର ଶ୍ରୀ ଜୟସ୍ୱାଲ କହିଛନ୍ତି ଯେ, ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ *(ପୃଷ୍ଠା ୭ରେ)*

## ଜାଡ଼ରେ ଥରୁଛି ଓଡ଼ିଶା

ଭୁବନେଶ୍ୱର, ୮।୧୨
ନ୍ୟୁଜ୍ ବ୍ୟୁରୋ

ଉତ୍ତର-ପଶ୍ଚିମ ଶୁଷ୍କ ଥଣ୍ଡା ବାୟୁ ରାଜ୍ୟ ମଧ୍ୟକୁ ପ୍ରବାହିତ ହେଉଛି । ସାରା ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଉଛି । ଦକ୍ଷିଣରୁ ଉତ୍ତର ଓଡ଼ିଶା, ପଶ୍ଚିମରୁ ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାରେ ପ୍ରଚଣ୍ଡ ଶୀତ ପଡୁଛି । ବିଶେଷକରି କନ୍ଧମାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ଅନୁଗୋଳ, କେନ୍ଦୁଝର, ସମ୍ବଲପୁର ଏବଂ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହାଡ଼ଭଙ୍ଗା ଜାଡ଼ ଅନୁଭୂତ ହେଉଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଅନୁଗୁଳ, ଝାରସୁଗୁଡ଼ା, ଖୋର୍ଦ୍ଧା ଏବଂ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶୀତ ପ୍ରକୋପ ଆହୁରି ବଢ଼ିବା ସମ୍ଭାବନା



ରହିଛି । ଏଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଶୀତ ଲହରୀ ପାଇଁ ସତର୍କ ସୂଚନା ଜାରି କରାଯାଇଛି । ପୁଣି ସପ୍ତାହେ ପର୍ଯ୍ୟନ୍ତ ରାତିର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଆସିବାର ସମ୍ଭାବନା ନାହିଁ । ୧୦ ସହରରେ ପାରଦ ୧୦ଡିଗ୍ରୀ ତଳେ ଥିବାବେଳେ ୧୫ଡିଗ୍ରୀ ତଳେ ୩୯ଟି ସହର ପାରଦ ରହିଛି ।

ଗତ ୨୪ଘଣ୍ଟା ମଧ୍ୟରେ ରାତିର ତାପମାତ୍ରା ତଳମୁହାଁ ହେବା କାରଣରୁ ପାହାଡ଼ିଆ ଅଞ୍ଚଳ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ଡିସେମ୍ବର, ମଙ୍ଗଳବାର ୨୦୨୫





# ନିଜ ଆକାଉଣ୍ଟ ନିଜେ ନ ଚଳାଇଲେ ଏଣିକି ବନ୍ଧା ହେବେ

## ୫୦୦ ଆକାଉଣ୍ଟ ଉପରେ ପୋଲିସର ନଜର

**ଭଞ୍ଜନଗର, ନ୍ୟୁଜ୍‌ବ୍ୟୁରୋ**




ଲୋକେ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲୁଛନ୍ତି। ଏହାପରେ ତାକୁ ଅନ୍ୟ ଲୋକଙ୍କୁ ପରିଚାଳନା କରିବା ପାଇଁ ଦେଇ ଦେଉଛନ୍ତି। ଉକ୍ତ ଲୋକ ଆକାଉଣ୍ଟଧାରୀଙ୍କ ଅଜାଣତରେ ବିପୁଳ ଟଙ୍କା ଆକାଉଣ୍ଟରେ କାରବାର କରୁଛନ୍ତି। ଯାହାକି ବେନିୟମ। ଆଉ କିଛି ଲୋକ କମିଶନ ଖାଇବା ପାଇଁ ଆକାଉଣ୍ଟ ଖୋଲୁଛନ୍ତି। ଏଥିସହ ଆଉ କିଛି ଆକାଉଣ୍ଟ ମାଧ୍ୟମରେ ଅନ୍‌ଲାଇନ ଠକେଇ ମଧ୍ୟ ହେଉଛି। ଯାହାକି ଚିନ୍ତାଜନକ ବିଷୟ। ଏହିଭଳି ଗଞ୍ଜାମ ଜିଲ୍ଲାରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଆକାଉଣ୍ଟ କାରବାର ସନ୍ଦେହ ଦେଖାଦେଇଛି। ଦୁର୍ଭାଗ୍ୟରେ ବିପୁଳ ଟଙ୍କା କାରବାର ହୋଇଛି। ଉକ୍ତ ଆକାଉଣ୍ଟଧାରୀଙ୍କୁ ବର୍ତ୍ତମାନ ବିଭିନ୍ନ ଥାନା ମାଧ୍ୟମରେ ନୋଟିସ ଦିଆଯାଉଛି। ଏଥିସହ ସେମାନଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଉଛି। ଉତ୍ତର ସନ୍ତୋଷଜନକ ନ ହେଲେ ସେମାନଙ୍କୁ ବନ୍ଧା ଯାଉଛି। ଏହିଭଳି ଭଞ୍ଜନଗର ଥାନା ଅଞ୍ଚଳରେ ୬୬ଟି ଆକାଉଣ୍ଟ ଅଛି। ସେଥିମଧ୍ୟରୁ ୬ଜଣଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଇଛି। ଆଉ ୬ ଜଣଙ୍କୁ ନୋଟିସ୍ ଦିଆଯାଇଛି ତଦରେ ସନ୍ତୋଷ ଜନକ ଉତ୍ତର ନ ମିଳିଲେ ବନ୍ଧା ହେବେ। ଏହି ଘଟଣା ଜଣାପଡ଼ିବା ପରେ ଏଭଳି ଆକାଉଣ୍ଟଧାରୀମାନେ ଆତଙ୍କିତ ଅବସ୍ଥାରେ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, କେନ୍ଦ୍ର ସରକାର ଏନ୍‌ସିଆରପି ପୋର୍ଟାଲ ମାଧ୍ୟମରେ ଏଭଳି କେତେକ ଆକାଉଣ୍ଟଧାରୀମାନଙ୍କ ଠାବ କରୁଛନ୍ତି। ଏହାପରେ ବିଭିନ୍ନ ରାଜ୍ୟକୁ ସୂଚନା ଦିଆଯାଉଛି। ଏହିଭଳି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

# ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ : ଗେଟ୍‌ରୁ ଫେରିଲେ ଛାତ୍ରଛାତ୍ରୀ

**ସୋରଡ଼ା, ନ୍ୟୁଜ୍‌ବ୍ୟୁରୋ**



ସୋରଡ଼ା ବ୍ଲକ ପଦ୍ମପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପୁରିଲାଣି ୧୦୦ବର୍ଷରୁ ଊର୍ଦ୍ଧ୍ୱ ଦିନ ଓ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଛନ୍ତି ୩୨୫ ପାଖାପାଖି ଛାତ୍ରଛାତ୍ରୀ ଓ ଅଛନ୍ତି ୧୩ଜଣ ଶିକ୍ଷକ ଓ ମାତ୍ର ସୋରରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ବର୍ଷେ ହେବ ନିୟମିତ ବିଦ୍ୟାଳୟକୁ ଆସୁନଥିବାରୁ ବିଦ୍ୟାଳୟରେ ସମସ୍ୟା ଲାଗି ରହିଛି ଓ ଅଭିଭାବକମାନେ ବାରମ୍ବାର ଶିକ୍ଷା ବିଭାଗକୁ ଗୁହାରି କରି କରି ନୟାନ୍ତ ହେବା ପରେ ବୁଧବାର ବିଦ୍ୟାଳୟକୁ ଚାବି ପକେଇବାକୁ ବାଧ୍ୟ ହୋଇଛନ୍ତି। ଫଳରେ ଛାତ୍ରଛାତ୍ରୀ, ଶିକ୍ଷକମାନେ ଫାଟକ ସମ୍ମୁଖରେ ଅପେକ୍ଷା କରି ଫେରିଥିଲେ। ଖବରପାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ ସ୍ୱାଇଁ, ଅତିରିକ୍ତ ଅଧିକାରୀ ସୁଶୀଳା ପାତ୍ର ପହଞ୍ଚି ଅଭିଭାବକମାନଙ୍କୁ ବହୁ ବୁଝାସୁଝା କରି ନିରାଶରେ ଫେରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏକ ବର୍ଷ ହେବ ନିୟମିତ ବିଦ୍ୟାଳୟକୁ ଆସୁନଥିବାରୁ ସମସ୍ତ ପ୍ରକାର ସମସ୍ୟା ଉପୁଜୁଛି। ତେଣୁ ତାଙ୍କୁ ଏଠାରୁ ତୁରନ୍ତ ବଦଳି କରାଯାଇ ନୂତନ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଧାନ ଶିକ୍ଷକଙ୍କ ଅନୁପସ୍ଥିତି ରହିବା ସମସ୍ୟା ଉପରେ ପୂର୍ବରୁ ୩ ଥର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଙ୍କୁ ଅବଗତ କରାଯାଇଛି। ସ୍ଥାନୀୟ ବିଭାଗ ମଧ୍ୟ ଜିଲ୍ଲା ଶିକ୍ଷା ବିଭାଗକୁ ଏହାରି ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଭାବେ ଜଣାଇଛନ୍ତି। କିନ୍ତୁ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କିଛି ହୋଇନି। ଜିଲ୍ଲାସ୍ତରରେ ଜିଲ୍ଲା ଶିକ୍ଷାଧିକାରୀମାନଙ୍କ ବାରମ୍ବାର ବଦଳି ସାଙ୍ଗକୁ ଏଠାରେ ବର୍ଷେ ମଧ୍ୟରେ ୩ଟା ଗୋଷ୍ଠୀ ଶିକ୍ଷା ଅଧିକାରୀ ବଦଳି ଯୋଗୁଁ ଏପରି ସମସ୍ୟା ଗୁଡ଼ିକ ସମାଧାନ ହେବାରେ ବିଳମ୍ବ ହେଉଥିବା ମଧ୍ୟ ଦେଖାଦେଇଛି। ତେବେ ଜିଲ୍ଲା ଶିକ୍ଷାଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାପାଳ ଆସି ଏହି ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଅଡ଼ି ବସିଛନ୍ତି। ସାଧନ ସଂଯୋଜକ ସାମାନ୍ତ ବିଶ୍ୱୟୀଙ୍କ କହିବା ଅନୁଯାୟୀ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀମାନଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।

# ମଧ୍ୟାହ୍ନଭୋଜନ ଅର୍ଥ ହେରଫେର ଅଭିଯୋଗ ପ୍ରଧାନଶିକ୍ଷକ ନିଲମ୍ବିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଛାତ୍ରଛାତ୍ରୀମାନଙ୍କ ମଧ୍ୟାହ୍ନ ଭୋଜନ ଅର୍ଥ ହେରଫେର କରିବା ଅଭିଯୋଗରେ ଜଣେ ପ୍ରଧାନଶିକ୍ଷକ ନିଲମ୍ବିତ ହୋଇଛନ୍ତି। ପ୍ରଧାନ ଶିକ୍ଷକ ଜଣକ ହେଲେ ଜାମଦା ବ୍ଲକ ଅନ୍ତର୍ଗତ ବଡ଼ଦୁନ୍ଦୁ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗଦୀଶ ଚନ୍ଦ୍ର ବାରିକ। ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟାହ୍ନ ଭୋଜନ ବାବଦ ୬,୬୦,୦୦୦ ଟଙ୍କାକୁ ବିଦ୍ୟାଳୟ ପରିଚାଳନା କମିଟି ବିନା ଅନୁମୋଦନ ହେରଫେର କରି ଥିବାର ଅଭିଯୋଗ ହୋଇଥିଲା। ଅଭିଯୋଗ କ୍ରମେ ତଦନ୍ତ କରି ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ବାରିକଙ୍କୁ ନିଲମ୍ବନ କରିବା ସହ ତଦନ୍ତ ଜାରି ରହିଛି ବୋଲି ସୂଚନା ମିଳିଛି।

# ବନ ବିଭାଗ ଦ୍ୱାରା ୨ଟି ହାତୀ ଦାନ୍ତ ଜବତ : ୩ ଗିରଫ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଜେଟିଏଫ୍ ପିସିସିଏଫ୍ (ୱାଇଲ୍ଡ ଲାଇଫ)ର ବିଶ୍ୱସ୍ତ ସୂଚନା ଆଧାରରେ ଏବଂ ଏଡିଏଫ ଧନଗାରଙ୍କ (ଭାରତୀୟ ବନ ସେବା) ଡିଏଫଓ କେନ୍ଦୁଝରଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପୁଲିସ ଓ ରାଜସ୍ୱ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷାକରି ଚମ୍ପୁଆ ରେଞ୍ଜ ଅଧୀନରେ ଥିବା ରାମଲା ଅଞ୍ଚଳରୁ ଚଢ଼ଉ କରି ୨ଟି ହାତୀ ଦାନ୍ତ, ୩ଟି ବାଇକ୍ ଓ ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ଏହି ଅଭିଯାନ ସମୟରେ ବେଆଇନ ବନ୍ୟଜନ୍ତୁ ବାଣିଜ୍ୟିକରେ ସମ୍ପୃକ୍ତି ଅଭିଯୋଗରେ ଏହି ୩ ଜଣଙ୍କୁ ଗିରଫ କରାଯାଇଛି। ଢେଙ୍କାନାଳ ଜିଲ୍ଲାର କୈଳାସ ତିରିଆ, ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲ୍ଲାର ଚରଣ କେରାଇ ଓ କେନ୍ଦୁଝର ଜିଲ୍ଲାର କଲଡ଼ାପ୍ରଦୁର ଗ୍ରାମର ମିଶ୍ର ମୁଣ୍ଡାଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଓଆର୍ ମାମଲା ନମ୍ବର ୧୨ସିଏଚ୍ ଅଫ୍ ୨୦୨୫-୨୬ ବନ୍ୟଜନ୍ତୁ ସୁରକ୍ଷା ଅଧିନିୟମ ୧୯୭୨ ଧାରା ୯,୩୯(୩) ଏବଂ ୪୯ (ବି) ଅନୁସାରେ ମାମଲା ରୁଜୁ କରାଯାଇଛି। ଏବଂ ଅଧିକ ତଦନ୍ତ ନିମନ୍ତେ ଆଞ୍ଚଳିକ ଡିଏଫଓ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତି ବିଶେଷଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ଏସିଏଫ୍ ଏକେ ଦାସ, ଚମ୍ପୁଆ ରେଞ୍ଜ ଅଫିସର ଅକ୍ଷୟ ଛତ୍ରିଆ, ବଡବିଲ ରେଞ୍ଜ ଅଫିସର ସଂଜିବ କୁମାର ରାଉତ, ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ ଅଫିସର ନୟନ ସାହୁ ଫରେଷ୍ଟର କାଳନ୍ଦି ସାମଲ, ଜ୍ୟୋତିରୂପା ପାଣି ତଥା ବିଭିନ୍ନ ବନ କର୍ମଚାରୀ ଆଦି ଏହି ଚଢ଼ଉରେ ସାମିଲ ଥିଲେ। ଏହି ହାତୀ ଦାନ୍ତର ଓଜନ ଡାହାଣ ପଟ ୭.୫ କି.ଗ୍ରା. ଓ ଅନ୍ୟଟିର ୬.୮ କି.ଗ୍ରା. ବୋଲି ଜଣାପଡ଼ିଛି। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି।

# ଭାରତର ଏପରି ଗାଁ ଅଛି ଯେଉଁଠି ପ୍ରତ୍ୟେକ ଘରେ ଅଛନ୍ତି ଜଣେ 'ଯବାନ'

**ନୂଆଦିଲ୍ଲୀ**



ଉତ୍ତର ପ୍ରଦେଶର ଗାଜିପୁର ଜିଲ୍ଲାରେ ଥିବା ଗହମରକୁ ଭାରତର ସର୍ବବୃହତ୍ "ସୈନିକ ଗ୍ରାମ" ଭାବେ ଜଣାଶୁଣା। ଏହି ଗ୍ରାମରେ ସେନାରେ କାର୍ଯ୍ୟ କରିସାରିଥିବା କିମ୍ବା ବର୍ତ୍ତମାନ କାର୍ଯ୍ୟ କରୁଥିବା ପାଞ୍ଚ ହଜାରରୁ ଅଧିକ ସଦସ୍ୟ ଅଛନ୍ତି। ଏହି ଗ୍ରାମର ପ୍ରାୟ ପ୍ରତ୍ୟେକ ଘରୁ ଜଣେ ଯବାନ ଦେଶ ସେବା ପାଇଁ ସଶସ୍ତ୍ର ବାହିନୀରେ ଯୋଗ ଦେଇଛନ୍ତି, ଯାହା ଏକ ଦୀର୍ଘ ଦଶନ୍ଧିର ପରମ୍ପରାକୁ ଦର୍ଶାଏ।

ଏଠାରେ ସେନାରେ ଯୋଗଦେବା କେବଳ ଏକ ବୃତ୍ତି ନୁହେଁ, ବରଂ ଏହା ଏକ ପାରିବାରିକ ପରମ୍ପରା ଓ ପରିଚୟ। ଗାଁର ଯୁବକମାନେ ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସାମରିକ ତାଲିମ ଭଳି ସକାଳୁ ଦୌଡ଼ ଅଭ୍ୟାସ କରନ୍ତି। ଅବସରପ୍ରାପ୍ତ ସୈନିକମାନେ ନିୟମିତ ଭାବେ ଯୁବ ଆଶାୟୀମାନଙ୍କୁ ସାମରିକ ପରୀକ୍ଷା ପାଇଁ କୋଚିଂ ଦିଅନ୍ତି। ଜାତୀୟ ଘଟଣାବଳୀ ଓ ସୀମାନ୍ତର ଖବର ଗ୍ରାମରେ ଏକ ସାମୂହିକ ଆଲୋଚନାର ବିଷୟ ହୋଇଥାଏ। ସେନା ଚାକିରି ଏକ ସ୍ଥିର ରୋଜଗାର ଦେଉଥିଲେ ମଧ୍ୟ ଏହା ଦେଶ ପାଇଁ ଗର୍ବର ବିଷୟ ବୋଲି ଗ୍ରାମବାସୀ ବିଶ୍ୱାସ କରନ୍ତି।

ପ୍ରତିରକ୍ଷା ନିଯୁକ୍ତିରେ ବଢ଼ୁଥିବା ପ୍ରତିଯୋଗିତା ସତ୍ତ୍ୱେ, ଅବସରପ୍ରାପ୍ତ କର୍ମଚାରୀମାନେ ଛୋଟ ଏକାଡେମୀ ଖୋଲି ଏହି ମହତ୍ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ନୂଆ ଯବାନଙ୍କୁ ତାଲିମ ପାଇଁ ବିଦାୟ ଦେବା ସମଗ୍ର ଗ୍ରାମ ପାଇଁ ଏକ ଗର୍ବ ଓ ଉତ୍ସାହର ମୁହୂର୍ତ୍ତ।

# ଅସହାୟ ପ୍ରାଣୀର ଜୀବନ ବଞ୍ଚାଇ ଶେଷରେ ଯୁବକର ପ୍ରାଣ ଗଲା

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**



ଅସହାୟ ପ୍ରାଣୀର ଜୀବନ ବଞ୍ଚାଇ ସାମାନ୍ୟ ଅବହେଳାରୁ ନିଜେ ଜୀବନ ହରାଇଛନ୍ତି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍ ଅନ୍ତର୍ଗତ ସରାମୁଳି ପଞ୍ଚାୟତର ପାକାଲମାହା ଗ୍ରାମର ଫାଉସ୍ଟିନା ବଳିୟାର ସିଂ (୪୬) ନାମକ ଜଣେ ବ୍ୟକ୍ତି। ସେ ଗୁରୁତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ଜୀବନ ହରାଇଛନ୍ତି। ତାଙ୍କୁ ତାଙ୍କ ବଡ଼ଭାଇ ସନ ବଳିୟାର ସିଂ ଓ ଅନ୍ୟମାନେ ଆମ୍ବୁଲାନ୍ସ ଯୋଗେ ନିଜ ଭିଟାମାଟିକୁ ନେଇ ଆସଥିଲେ। ସୂଚନା ଅନୁସାରେ ଗତ ପ୍ରାୟ ୨ ବର୍ଷ ପୂର୍ବେ, ଗାଁରେ ଏକ ଢାଳ ଭିତରେ ଗୋଟିଏ କୁକୁର ଛୁଆର ମୁଣ୍ଡ ପଶି ଯାଇଥିଲା। କୁକୁର ଛୁଆଟି, ଯନ୍ତ୍ରଣାରେ ଛଟପଟ ହୋଇ ଗାଁରେ ଏଣେ ତେଣେ ବୁଲୁଥିଲା। କୌଣସି ଖାଦ୍ୟ ଗ୍ରହଣ କରିବା ତା ପାଇଁ ସମ୍ଭବ ନଥିଲା ଏଥିରେ ଦୟା ପରବଶ ହୋଇ, ଫାଉସ୍ଟିନା ଏବଂ ମୁଁ ଦୁହେଁ ଉକ୍ତ କୁକୁର ଛୁଆର ବେକରୁ ଢାଳଟି ବାହାର କରି ତାକୁ ବଞ୍ଚେଇବାକୁ ଚେଷ୍ଟା କରି ଢାଳ ବାହାର କରି ବଞ୍ଚେଇଥିଲୁ। ହେଲେ କୁକୁରଟି ସେହି ସମୟରେ ଫାଉସ୍ଟିନାଙ୍କୁ କାମୁଡ଼ି ଦେଇଥିଲା ହାତରୁ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଭାଇ ପ୍ରଥମେ ସରାମୁଳି ପରେ ଗଦାପୁର ଓ ପରେ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେହି ସମୟରେ ତାଙ୍କ ଉପଯୁକ୍ତ ଚିକିତ୍ସା ହୋଇ ନ ଥିଲା କି କୁକୁର କାମୁଡ଼ା ଇଞ୍ଜେକ୍ସନ ଦେବାକୁ କେହି ପରାମର୍ଶ ଦେଇ ନ ଥିଲେ। ଓଲଟି ଏକ ସାବୁନରେ ଭଲରେ ହାତ ଧୋଇଦେବାକୁ କହି କିଛି ଖାଇବାକୁ ଔଷଧ ଦେଇଥିଲେ। ଭାଇ ଟିକିଏ ସୁସ୍ଥ ଅନୁଭବ କରିବାରୁ ଆଉ ଅଧିକା ଚିକିତ୍ସା କରାଇ ନ ଥିଲେ ଆଉ ବର୍ତ୍ତମାନ୍ ସେ ଜଳାତଙ୍କ ରୋଗରେ ଚିକିତ୍ସାଧିନ ଅବସ୍ଥାରେ ଜୀବନ ହରାଇଛନ୍ତି ବୋଲି ମୃତକଙ୍କ ବଡ଼ ଭାଇ କହିଛନ୍ତି।

# ବୁଲା ଗାଈଗୋରୁ ଯୋଗୁଁ ବଢୁଛି ଟ୍ରାଫିକ୍ ସମସ୍ୟା

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**



ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ଗାଈଗୋରୁଙ୍କ ଯୋଗୁଁ ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏପରିକି ଚାରିଚକିଆ ଯାନରେ ଯାଉଥିବା ଲୋକ ମଧ୍ୟ ଦୁର୍ଘଟଣା ଶିକାର ହେଉଛନ୍ତି। ଗାଈଗୋରୁ ଓ ବୁଲା କୁକୁରଙ୍କ ପ୍ରତି ଏନଏସିର ନିଘା ନାହିଁ। ସହରର ପ୍ରମୁଖ ରାସ୍ତାରେ ଏହି ସମସ୍ୟା ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ସହର ମଧ୍ୟରେ ମାଳ ମାଳ ଗାଈଗୋରୁ ବୁଲୁଥିବା ବେଳେ ଖଡ଼ିଆଳ ଏନଏସି ଅଧୀନରେ ଥିବା କାଞ୍ଜି ଘର ଦୀର୍ଘବର୍ଷ ହେବ ବନ୍ଦ ଥିବାରୁ ଏନଏସି ଗାଈ ଗୋରୁଙ୍କୁ ଧରିଲେ କେଉଁଠାରେ ରଖିବ ତାକୁ ନେଇ ସମସ୍ୟା ସୃଷ୍ଟି ହେଉଛି। ବୁଲା ଗାଈଗୋରୁ ଓ କୁକୁରଙ୍କୁ ଧରିବା କାର୍ଯ୍ୟରେ ଏନଏସି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ କର୍ମଚାରୀ ନିୟୋଜିତ କରି ବୁଲା କୁକୁର, ଗାଈ ଗୋରୁଙ୍କୁ ଥଇଥାନ ଆରମ୍ଭ କରିବାକୁ ସହରବାସୀଙ୍କ ପକ୍ଷରୁ ବାରମ୍ବାର ଦାବି କରାଯାଉଛି। ସହରରେ ଦିନକୁ ଦିନ ବୁଲା ଗାଈ ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ସେମାନଙ୍କୁ ଧରିବା ପାଇଁ ଏନଏସି କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଦିନକୁ ଦିନ ସମସ୍ୟା ବଢି ଚାଲିଛି ଓ ଗାଈଗୋରୁ ଦୁର୍ଘଟଣାର ସଂମ୍ମୁଖୀନ ହୋଇ ମୃତ୍ୟୁ ବରଣ କରୁଛି। ଅନ୍ୟପକ୍ଷରେ ଗାଈଗୋରୁ ମାଲିକମାନେ ସଚେତନ ନ ହେବାରୁ ପ୍ରତ୍ୟେକ ଦିନ ସହରର ବିଭିନ୍ନ ରାସ୍ତାରେ ଗୋଠ ଗୋଠ ହୋଇ ଗୋରୁ ଗାଈ ରାସ୍ତା ଉପରେ ବୁଲୁଛନ୍ତି। ସହରର ଅଧିକାଂଶ ରାସ୍ତା ଅଣଓସାରିଆ ହୋଇଥିବାରୁ ଗାଈଗୋରୁ ରାସ୍ତାରେ ଚଲାବୁଲା କଲେ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ସହରରେ ଶହଶହ ବୁଲା କୁକୁର ରାସ୍ତା ଉପରେ ଶୋଇ ରହୁଛନ୍ତି। ରାତିରେ ଯାତାୟାତ କରୁଥିବା ଲୋକଙ୍କୁ ଗୋଡାଇବା ଫଳରେ ବାଇକରୁ ପଡ଼ି ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଇଛନ୍ତି। ଏଥିପ୍ରତି ଏନଏସି ପ୍ରଶାସନ ଦୃଷ୍ଟି ଦେବାକୁ ସହର ବାସି ଦାବି କରିଛନ୍ତି। ଏନେଇ ଖଡ଼ିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣାଙ୍କୁ ପଚାରିବାରୁ ବୁଲା ଗାଈ ବଳଦ ନୁହେଁ ଦିନରେ ଦୁଗ୍ଧ ସଂଗ୍ରହ ପରେ ଛାଡ଼ି ଦେଉଛନ୍ତି। ଆଗାମୀ ଦିନରେ ଗାଈ ମାଲିକମାନଙ୍କ ବିରୋଧରେ ଜରିମାନା ଆଦାୟ କରାଯିବ ଓ କୁକୁରମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।

# କବି ସମ୍ମିଳନୀ ଓ ଗଣମାଧ୍ୟମ ପ୍ରଚାର ପ୍ରସାର କମିଟି ବୈଠକ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ମାଲ୍ୟବନ୍ତ ମହୋତ୍ସବରେ କବି ସମ୍ମିଳନୀ ଆୟୋଜନ କରାଯିବ। ଏଥି ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଏଫଏଲସି ହଲ୍ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସାରସ୍ୱତ ସାଧକ ମାନଙ୍କୁ ଏଥିରେ ଭାଗ ନେବା ପାଇଁ ଆମନ୍ତ୍ରଣ କରାଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ୮ ଡିସେମ୍ବର ସୁଦ୍ଧା ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଠାରେ ଇଚ୍ଛୁକ କବି ନିଜ ନାମ ପଞ୍ଜିକରଣ କରାଇ ନେବେ। ଡିସେମ୍ବର ୧୦ରେ ସଂସ୍କୃତି ଭବନ ଠାରେ ଅପରାହ୍ଣ ୨ଟାରେ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ବୈଠକରେ ଡିପିଏମୟୁ ଉପନିର୍ଦ୍ଦେଶକ ଗୋଲକ ଦଳେଇ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଦସ୍ୟ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା, ପ୍ରକାଶ ପଟ୍ଟନାୟକ, ରତ୍ନାକର ଦାଶ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା ଓ ଦୁର୍ଯ୍ୟୋଧନ ହନ୍ତାଳ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ।

ସେହିପରି ଚଳିତ ବର୍ଷ ମାଲ୍ୟବନ୍ତ ମହୋତ୍ସବର ପ୍ରଚାର ପ୍ରସାର ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱଙ୍କ ଅଧ୍ୟକ୍ଷତା ରେ ଗଣମାଧ୍ୟମ ପ୍ରତିନିଧି ଏବଂ କମିଟି ସଦସ୍ୟଙ୍କ ସହ ଆଲୋଚନା କରାଯାଇଛି। ମହୋତ୍ସବର ପ୍ରଚାର ପ୍ରସାର ପାଇଁ ଗୋଟିଏ ରଥ ସମଗ୍ର ଜିଲ୍ଲା ଭ୍ରମଣ କରିବ। ଏଥିରେ ସ୍ୱାସ୍ଥ୍ୟ ଓ କୃଷି ବିଭାଗ ସହଯୋଗ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଫଟୋଗ୍ରାଫି ଓ ଭିଡ଼ିଓଗ୍ରାଫି ପ୍ରତିଯୋଗିତା କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆ ଯାଇଛି। ମହୋତ୍ସବକୁ କିଭଳି ବ୍ୟାପକ ଓ ସୁଦୂର ପ୍ରସାରି କରି ପାରିବା ସେଥି ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏଥିରେ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳିକା ଡଃ ମୌସୁମୀ ମିଶ୍ର, ଆସିଷ୍ଟାଣ୍ଟ ମ୍ୟାନେଜର କ୍ୱାଲିଟି ସଚିନ୍ ଦେବ ଗୌଡ଼, କୃଷି ବିଭାଗରୁ ଆଶିଷ ଦୋରାଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ଧନୁପାଲି ଶିଶୁ ମନ୍ଦିରରେ ଗୀତା ଜୟନ୍ତୀ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଧନୁପାଲି ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶା ମୁକ୍ତ ବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଦୁଃଶାସନ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ସଂସ୍କୃତ ଅଧ୍ୟାପକ ନବ କିଶୋର ପଣ୍ଡା ମୁଖ୍ୟବକ୍ତା ଏବଂ ବିଦ୍ୟାଳୟର ସଭାପତି ଡ. ଦେବେନ୍ଦ୍ର ପଣ୍ଡା, ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ଅମୃତ ପଟେଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ବିଦ୍ୟାର୍ଥୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ମୁଖ୍ୟବକ୍ତା ଡ. ପଣ୍ଡା ଗୀତା ଦିବସର ମହତ୍ୱ ଓ ଦୈନନ୍ଦିନ ଜୀବନରେ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ଶ୍ରୀ ବିଶ୍ୱାଳ ଗୀତା କର୍ମମୟ ଜୀବନର ଆଧାର ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ଡ଼. ପଣ୍ଡା ଅବିଭାଷଣରେ ଗୀତା ହେଉଛି ହିନ୍ଦୁ ଶାସ୍ତ୍ରର ପରିଚୟ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରା ଯାଇଥିଲା। ଶେଷରେ ବିଦ୍ୟାଳୟର ଗୁରୁମା ସୁସ୍ମିତା କର ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ।

# ରମ୍ଭାରେ ୨୯ ଜଣଙ୍କୁ ମାଗଣା ଚକ୍ଷୁ ଚିକିତ୍ସା : ୪ ଜଣ ଅସ୍ତ୍ରୋପଚାର ଚିହ୍ନଟ



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପରିସରରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ସହଯୋଗରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଏକ ମାଗଣା ଗ୍ଲୁକୋମା ଓ ପରଳ ଚକ୍ଷୁ ଚିକିତ୍ସା ଶିବିର ଗାୟତ୍ରୀ ଶକ୍ତି ପୀଠ, ରମ୍ଭା ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୯ ଜଣଙ୍କ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ତନ୍ମଧ୍ୟରୁ ଚାରି ଜଣଙ୍କୁ ପରଳ ଅପରେସନ ପାଇଁ ଶଙ୍କର ଚିକିତ୍ସାଳୟକୁ ପଠାଯାଇଛି। ସହ-ସଂଯୋଜକ ରମ୍ଭାର ରବି ନାରାୟଣ ସେନାପତି ଏବଂ ସଂଯୋଜକ ବିଜୟ କୁମାର ମିସ୍ତ୍ରୀ ଏବଂ ସତ୍ୟ ନାରାୟଣ ଆଚରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ଏଥିରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପଞ୍ଚାନନ ଖଟୁଆ, ସତ୍ୟ ନାରାୟଣ ଆଚାରି, ଉମାକାନ୍ତ ସାହୁ ଏବଂ ଚିକିତ୍ସାଳୟର ଟିମ୍ ମ୍ୟାନେଜର ଚିତ୍ରସେନ ଗୌଡ଼ ଏବଂ ତାଙ୍କର ସହଯୋଗୀ କର୍ମଚାରୀ ମାନେ ଶିବିରରେ ରୋଗୀଙ୍କୁ ପରୀକ୍ଷା କରିବା ସହିତ ୦୪ ଜଣ ରୋଗୀଙ୍କୁ ଚିହ୍ନଟ ଅସ୍ତ୍ରୋପଚାର ପାଇଁ ଶଙ୍କର ଚକ୍ଷୁ ଚିକିତ୍ସାଳୟ, ସମର ଝୋଳ ନେଇଥିଲେ।

# ମାତୃଶକ୍ତି ଓ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡା ସରସ୍ୱତୀ ଶିଶୁ ମନ୍ଦିରରେ ମାତୃଶକ୍ତି ଓ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନା ଅନୁଯାୟୀ ବିଦ୍ୟାଳୟ ପରିସରରେ ମାତୃ ଭାରତୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସସ୍ମିତା ରାୟ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶୀଲାରାଣୀ ବାରିକ ଯୋଗ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକର୍ମ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ଗୁରୁମା ମାନଙ୍କ ସହିତ ମାତୃ ଭାରତୀର ମାଆମାନେ ଭାରତର ବିକାଶରେ ମହିଳାଙ୍କ ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଆଚାର୍ଯ୍ୟା ସସ୍ମିତା ଦାସ, ସ୍ନେହଲତା ସ୍ୱାଇଁ, କଳ୍ପନା ପଣ୍ଡା, ଝୁନୁବାଳା ଦାଶ, କ୍ଷଣପ୍ରଭା ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସପ୍ତଶକ୍ତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ ଜଣ ମାଆ ଅଂଶ ଗ୍ରହଣ କରିଥିଲେ।

# ଅଳସୀ ରାଣୀର ପ୍ରେମରେ ପଡ଼ିଯାଇଛି ପ୍ରକୃତି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**



ଅଳସ ଭାଙ୍ଗୁଛି ଅଳସି ଫୁଲ। ସତେ ଯେମିତି ଲାଗୁଛି ପ୍ରକୃତି ରାଣୀ ସୁନାର ଓଢ଼ଣୀ ମେଲି ବସିଛି। କୋରାପୁଟରେ ଏବେ ମେଲିଛି ଅଳସି ଫଳର ସମ୍ଭାର, ଆଉ ପାଲଟିଛି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଶୀତର ଆଗମନରେ ନିଜେ ସଜେଇ ହୋଇ କୋରାପୁଟ ଜିଲ୍ଲାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି ଅଳସି ଫୁଲ। ସତେ ଯେପରି ହଳଦିଆ ଚାଦରର ସ୍ତରରେ ଢାଙ୍କି ଦେଇଛି ପୃଥିବୀ ବକ୍ଷକୁ।

ଫେରିଛି ବର୍ଷା, ଆସିଛି ଶୀତ। ଶୀତୁଆ ସକାଳରେ କୁହୁଡ଼ିର ପତଳା ଚାଦର ସବୁଆଡେ ଘୋଡ଼ାଇ ହୋଇ ରହିଛି କୋରାପୁଟ। ଆଉ ଏହାରି ଭିତରେ ଆଖି ଯେଉଁ ଆଡ଼େ ବୁଲାଇଲେ ଦେଖିବାକୁ ମିଳୁଛି ସବୁଜିମାରେ ପରିପୂର୍ଣ୍ଣ ପାହାଡ଼ ମଝିରେ ଅଳସୀ ଫୁଲର ଅପୂର୍ବ ଶୋଭା। ଯାହାକି ପ୍ରାକୃତିକ ସୌନ୍ଦର୍ଯ୍ୟକୁ କରୁଛି ବେଶ୍ ମନଲୋଭା। ଅଳସୀ ଫୁଲରେ ସୂର୍ଯ୍ୟଙ୍କ ପହିଲି କିରଣ ପୂରା ପରିବେଶକୁ ମତୁଆଲା କରୁଛି। ଆଉ ଏହି ଅଳସୀ ଫୁଲର ସୌନ୍ଦର୍ଯ୍ୟରେ ବିଭୋର ସମସ୍ତେ। କୋରାପୁଟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପରିବେଶ ବର୍ଷସାରା ଏଠାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ ଓ ଆକର୍ଷିତ କରିଥାଏ। କିନ୍ତୁ ଶୀତ ଦିନ କୋରାପୁଟ ହୋଇଥାଏ ଅଧିକ ସୌନ୍ଦର୍ଯ୍ୟମୟ। ଏହି ପ୍ରାକୃତିକ ସୌନ୍ଦର୍ଯ୍ୟ ଭିତରେ କିଛି ଲେଖିବାକୁ କବି ଓ ଲେଖକଙ୍କୁ ପ୍ରେରଣା ଦେଇଥାଏ। ଅଳସୀ ଫୁଲକୁ ଦେଖି କବି ଗୁଣୁଗୁଣୁ ହୋଇ କବିତାଗୁଡ଼ିକ ଆପେ ଆପେ ମନକୁ ଚାଲିଆସେ।

ରାସ୍ତା କଡ଼ରେ କଡ଼ରେ ଅଳସୀ ରାଣୀ। ଦେଖିଲେ ଆଖି ଦୁଇଟା ଲାଖି ଯାଉଛି। ଏପଟେ ଅଳସି ଫୁଲ ଚାଷରେ ରୋଜଗାରକ୍ଷମ ହୋଇପାରିଛନ୍ତି କୋରାପୁଟ ଚାଷୀ। କୋରାପୁଟରେ ଅଳସୀ କ୍ଷେତ ଏବେ ପର୍ଯ୍ୟଟକଙ୍କୁ ଟାଣି ଆଣୁଛି। ସକାଳର କୁହୁଡି ସାଙ୍ଗକୁ ସବୁଜିମାରେ ଭରା ପାହାଡ଼ ଆଉ ଏହା ସହ ଅଳସୀ ଫୁଲରେ ସୂର୍ଯ୍ୟଙ୍କ ପହିଲି କିରଣ ପର୍ଯ୍ୟଟକଙ୍କୁ ମତୁଆଲା କରୁଛି। ପର୍ଯ୍ୟଟକ ହେଉ କିମ୍ବା ପଥଚାରୀ ଏହି ଅଳସୀ ଫୁଲର ଅପୂର୍ବ ସମ୍ଭାର ଦୃଶ୍ୟକୁ ଦେଖି ଟିକିଏ ଅଟକିଯାଏ। ଅଳସୀ ଚାଷକୁ ବେଶ୍ ଗୁରୁତ୍ୱ ଦିଅନ୍ତି କୋରାପୁଟ ଜିଲ୍ଲାର ଚାଷୀ। ଏହି ଚାଷ ଅକ୍ଟୋବର ମାସରୁ ଧୀରେଧୀରେ ଆରମ୍ଭ ହୋଇ ଡିସେମ୍ବର ମାସର ମଧ୍ୟ ଆଡ଼କୁ ଅମଳ ହୋଇଥାଏ। ଅଳସୀରୁ ତେଲବାହାର କରିବା ସହ ଭଲ ମୂଲ୍ୟରେ ବିକ୍ରି କରୁଛନ୍ତି। ତେଣୁ ଅଞ୍ଚଳରେ ଆଗ୍ରହ ପ୍ରକାଶ କରନ୍ତି ଚାଷ ପାଇଁ। ଶୀତ ଋତୁରେ କୋରାପୁଟ ଜିଲ୍ଲାକୁ ଦେଶ ବିଦେଶର ପର୍ଯ୍ୟଟକ ଆସୁଥିବା ବେଳେ ରାସ୍ତା କଡରେ ଥିବା ଅଳସୀ ଫୁଲକୁ ଦେଖି ବିଭୋର ହୋଇ କିଏ ତୋ ସେଲ୍ଫି ଉଠାଇ ବାରେ ବ୍ୟସ୍ତ କିଏ ତ ଫୋଟ ଉଠାଇବାରେ ବ୍ୟସ୍ତ।

ଦେଓମାଳିର ପାଦଦେଶରୁ କୋରାପୁଟ ସହରର କୋଣ ଅନୁକୋଣରେ ଫୁଟିଉଠେ ଅଳସି ଫୁଲର ସୁନ୍ଦରତା। ଏହା ନା ଯେ କେବଳ ପ୍ରକୃତିର ସୁନ୍ଦରତା ବଢ଼ାଏ ବରଂ ଏହା ଚାଷୀ ପେଟକୁ ବି ଦି'ଓଳିର ଦାନା ଯୋଗାଇବାରେ ସହାୟକ ହୁଏ। ତେଣେ ଏହି ସୁନ୍ଦରତାକୁ ଥରେ ଯିଏ ଆଖିରେ ଦେଖିଛି ସେ ବାରମ୍ବାର ଏଠାକୁ ଆସିବାକୁ ମନ କରିଛି।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୯ ଡିସେମ୍ବର ୨୦୨୫ ମଙ୍ଗଳବାର





# ପୂର୍ବତଟ ରେଳପଥର ଅତିରିକ୍ତ କୋଚ୍ ସଂଯୋଗ ଏବଂ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ: ବର୍ଦ୍ଧିତ ଚାହିଦା ଏବଂ ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥ ମୁମ୍ବାଇ, ନୂଆଦିଲ୍ଲୀ, ବେଙ୍ଗାଲୁରୁ ଏବଂ ହାଓଡ଼ା ଅଞ୍ଚଳ ଅଭିମୁଖେ କିଛି ନିୟମିତ ଟ୍ରେନ୍ ?ରେ ଅତିରିକ୍ତ କୋଚ୍ ସଂଯୋଗ ଏବଂ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନେଇଛି। ପୂର୍ବତଟ ରେଳପଥ ଦ୍ୱାରା ଘୋଷଣା କରାଯାଇଥିବା ସ୍ୱତନ୍ତ୍ର ଟ୍ରେନ୍ଗୁଡ଼ିକ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଚାଲିବ । ଟ୍ରେନ ନମ୍ବର ୦୮୪୦୧ ଭୁବନେଶ୍ୱର – ଲୋକମାନ୍ୟ ତିଳକ ଟର୍ମିନସ୍ ସ୍ୱତନ୍ତ୍ର ୦୭ ଡ଼ିସେମ୍ବର ୨୦୨୫ ରେ ଭୁବନେଶ୍ୱରରୁ ଛାଡିବ । ଟ୍ରେନ ନମ୍ବର ୦୮୪୦୨ ଲୋକମାନ୍ୟ ତିଳକ ଟର୍ମିନସ୍ – ସମ୍ବଲପୁର ସ୍ୱତନ୍ତ୍ର ୦୯ ଡ଼ିସେମ୍ବର ୨୦୨୫ ରେ ଲୋକମାନ୍ୟ ତିଳକ ଟର୍ମିନସ୍ ରୁ ଛାଡିବ । ଟ୍ରେନ ନମ୍ବର ୦୮୪୦୩ ପୁରୀ – ଆନନ୍ଦ ବିହାର ଟର୍ମିନଲ୍ ସ୍ୱତନ୍ତ୍ର ୦୮ ଡ଼ିସେମ୍ବର ୨୦୨୫ ରେ ପୁରୀରୁ ଛାଡିବ। ଟ୍ରେନ ନମ୍ବର ୦୮୪୦୪ ଆନନ୍ଦ ବିହାର ଟର୍ମିନଲ୍ – ଭୁବନେଶ୍ୱର ସ୍ୱତନ୍ତ୍ର ୦୯ ଡ଼ିସେମ୍ବର ୨୦୨୫ ରେ ଆନନ୍ଦ ବିହାର ଟର୍ମିନଲ୍ ରୁ ଛାଡିବ । ଟ୍ରେନ ନମ୍ବର ୦୮୫୦୧ ବିଶାଖାପାଟଣା – ଝଗଡାଇ ବେଙ୍ଗାଲୁରୁ ସ୍ୱତନ୍ତ୍ର ୦୮ ଡ଼ିସେମ୍ବର ୨୦୨୫ ରେ ବିଶାଖାପାଟଣାରୁ ଛାଡିବ । ଟ୍ରେନ ନମ୍ବର ୦୮୫୦୨ ଝଗଡାଇ ବେଙ୍ଗାଲୁରୁ – ବିଶାଖାପାଟଣା ସ୍ୱତନ୍ତ୍ର ୦୯ ଡ଼ିସେମ୍ବର ୨୦୨୫ ରେ ଝଗଡାଇ ବେଙ୍ଗାଲୁରୁରୁ ଛାଡିବ । ନିୟମିତ ଟ୍ରେନ ଗୁଡିକରେ ଅତିରିକ୍ତ କୋଚ୍ ସଂଯୋଗ । ସ୍ୱତନ୍ତ୍ର ଟ୍ରେନଗୁଡିକ ବ୍ୟତୀତ, ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ଦୂର କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ନିମ୍ନଲିଖିତ ନିୟମିତ ଟ୍ରେନଗୁଡିକରେ ଅତିରିକ୍ତ ଏସି କୋଚ୍ ସଂଯୋଗ କରାଯାଇଛି । ଟ୍ରେନ ନଂ.୨୨୮୧୧ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ ରାଜଧାନୀ ଏକ୍ସପ୍ରେସ୍ ତାରିଖ ୦୭ ଡ଼ିସେମ୍ବର ୨୦୨୫ ଏବଂ ଟ୍ରେନ ନଂ. ୨୨୮୧୨ ନୂଆଦିଲ୍ଲୀ - ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ତାରିଖ ୦୮ ଡ଼ିସେମ୍ବର ୨୦୨୫ ରେ ଗୋଟିଏ ପ୍ରଥମ ଶ୍ରେଣୀ ଏସି ଶ୍ରେଣୀ କୋଚ୍? ସଂଯୋଗ କରାଯିବ । ଟ୍ରେନ୍ ନଂ. ୨୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ତାରିଖ ୦୮ ଡ଼ିସେମ୍ବର ୨୦୨୫ ରେ ଏବଂ ଟ୍ରେନ୍ ନଂ. ୨୨୮୨୪ ନୂଆଦିଲ୍ଲୀ - ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ ତାରିଖ ୦୯ ଡ଼ିସେମ୍ବର ୨୦୨୫ ରେ ଗୋଟିଏ ତୃତୀୟ ଶ୍ରେଣୀ ଏସି କୋଚ୍ ସଂଯୋଗ କରାଯିବ । ଟ୍ରେନ୍ ନଂ. ୧୨୮୮୨ ପୁରୀ-ଶାଳିମାର, ଗରିବ ରଥ ଏକ୍ସପ୍ରେସ ତାରିଖ ୦୮ ଡ଼ିସେମ୍ବର ଓ ୧୦ ଡ଼ିସେମ୍ବର ୨୦୨୫ ରେ ଏବଂ ଟ୍ରେନ୍ ନଂ. ୧୨୮୮୧ ଶାଳିମାର -ପୁରୀ ଗରିବ ରଥ ଏକ୍ସପ୍ରେସ ତାରିଖ ୦୯ ଡ଼ିସେମ୍ବର ଏବଂ ୧୧ ଡ଼ିସେମ୍ବର ୨୦୨୫ ରେ ଗୋଟିଏ ଏସି ଇକୋନୋମିକ୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ। ସେହିଭଳି ଟ୍ରେନ ନମ୍ବର ୨୨୮୮୩ ପୁରୀ-ଯଶବନ୍ତପୁର ଗରିବ ରଥ ଏକ୍ସପ୍ରେସ୍ ତାରିଖ ୧୨ ଡ଼ିସେମ୍ବର ୨୦୨୫ ଏବଂ ଟ୍ରେନ ନମ୍ବର ୨୨୮୮୪ ଯଶବନ୍ତପୁର-ପୁରୀ ଗରିବ ରଥ ଏକ୍ସପ୍ରେସ୍ ତାରିଖ ୧୩ ଡ଼ିସେମ୍ବର ୨୦୨୫ ରେ ଗୋଟିଏ ଏସି ଇକୋନୋମିକ୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ । ପୂର୍ବ ତଟ ରେଳପଥ ଯାତ୍ରୀମାନଙ୍କୁ ଆପ୍ ଏବଂ ରେଳବାଇ ଅନୁସନ୍ଧାନ ସେବା ମାଧ୍ୟମରେ ପ୍ରକୃତ ସମୟ ଉପଲବ୍ଧତା ଯାଞ୍ଚ କରିବାକୁ ପରାମର୍ଶ ଦେଉଛି। ଶେଷ ମୁହୂର୍ତ୍ତର ଅସୁବିଧାକୁ ଏଡ଼ାଇବା ପାଇଁ ଯାତ୍ରୀମାନଙ୍କୁ ସେହି ଅନୁଯାୟୀ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ଅନୁରୋଧ। ପୂର୍ବତଟ ରେଳପଥ ନିରାପଦ, ଆରାମଦାୟକ ଏବଂ ଅସୁବିଧାମୁକ୍ତ ଯାତ୍ରା ପ୍ରଦାନ କରିବାକୁ ପ୍ରତିବଦ୍ଧ ଏବଂ ଚାହିଦା ଉପରେ କଡ଼ା ନଜର ରଖି ଆବଶ୍ୟକତା ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ।



# ଘର ଘର ବୁଲି ଅନ୍ତ୍ୟୋଦୟ ଓ ଆବାସ ଗୃହ ଯୋଜନାର ତଦାରଖ

ବରଗଡ,ନ୍ୟୁଜ ବ୍ୟୁରୋ: ଜିଲ୍ଲା ପଦ୍ମପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୋଜ ଦେବତା ନିଜ ଅଧିକାରୀ ବିପିସି ବିକ୍ରମ ବାରିକ,ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ଘନଶ୍ୟାମ ଟଟଙ୍ଗ, ଏ.ସି.ପି ରମେଶ ନାଏକ,ଗ୍ରାମରୋଜଗାର ସେବକ ରାଜ କୁମାର ଦୀପଙ୍କୁ ସାଙ୍ଗରେ ନେଇ ଆଜି ଜ୍ଞାନ ଗ୍ରାମ ପଞ୍ଚାୟତରେ ପହଞ୍ଚି ଅନ୍ତୋଦୟ ଗୃହ ଓ ପ୍ରଧାନ ମନ୍ତ୍ରୀ ଆବାସ ପାଇଥିବା ହିତାଧିକାରୀଙ୍କ ଘର ଘର ଯାଇ ଯାଞ୍ଚ କରିଥିଲେ । ତେବେ ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀ ମାନେ କାମ ଆରମ୍ଭ କରୁନଥିବାରୁ ତାଙ୍କୁ ତାଗିଦ କରିବା ସହ ଯେଉଁମାନେ ଅଧା ପନ୍ତରିଆ କାମ କରିଛନ୍ତି ଖୁବ ଶୀଘ୍ର କାମ ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗାଁରେ ବୁଲୁଥିବା ସମୟରେ ବିଡ଼ିଓ ମହାଶୟ ଯେଉଁ ବ୍ୟକ୍ତିମାନେ ଆବାସ ଯୋଜନା ପାଇ ନାହାନ୍ତି ଓ ସେମାନେ ଭଙ୍ଗା ଦଦରା ଘରେ ରହୁଛନ୍ତି ସେମାନଙ୍କ ପାଖରେ ପହଞ୍ଚି ତାଙ୍କ ଦୁଃଖ ସୁଖ ବୁଝିବା ସହ ଯଥା ଶୀଘ୍ର ତାଙ୍କୁ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଏବଂ ସମସ୍ତ ହିତାଧିକାରୀ ମାନେ କିଭଳି ଭାବରେ ଶୀଘ୍ର ଘର କାମ ସଂପୂର୍ଣ୍ଣ କରିବେ ସେଥି ପ୍ରତି ଧ୍ୟାନ ଦେବା ପାଇଁ ନିଜ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



# ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୨ ଡିଗ୍ରୀ ଛୁଇଁଲା

ବାରିପଦା,ନ୍ୟୁଜ ବ୍ୟୁରୋ: ଶୀତର ଆଗମନ ସହ ମୟୁରଭଞ୍ଜ ଜିଲ୍ଲାବ୍ୟାପି ହାଡ଼ଭଙ୍ଗା ଶୀତ ଅନୁଭୁତ ହେଉଛି। ଶୀତ ପ୍ରକୋପରେ ଜିଲ୍ଲା ସମେତ ଶିମିଳିପାଳ ଅଭୟାରଣ୍ୟ ମଧ ଥରୁଛି। ବୁଧବାର ରାତିରେ ଶିମିଳିପାଳ ଅଭୟାରଣ୍ୟରେ ଚଳିତ ବର୍ଷର ସର୍ବନିମ୍ନ ୨ଡିଗ୍ରୀ ତାପମାତ୍ରା ଛୁଇଁଥିବାର ରେକର୍ଡ କରାଯାଇଛି। ସମଗ୍ର ଜିଲ୍ଲାରେ ଥଣ୍ଡା ଅନୁଭୂତ ହେଉଥିବାରୁ ସାଧାରଣ ଜନଜୀବନକୁ ପ୍ରଭାବିତ କରୁଛି। ତେବେ ଏଥିରୁ ଶିମିଳିପାଳ ଅଭୟାରଣ୍ୟ ବର୍ତ୍ତି ପାରିନାହିଁ। ବିଗତ ସପ୍ତାହ ଧରି ଜିଲ୍ଲାରେ ଧୀରେ ଧୀରେ ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ତାପମାତ୍ରା ନିମ୍ନଗାମୀ ହେବା ସହ ସର୍ବନିମ୍ନ ତାପମାତ୍ରା ୨ଡିଗ୍ରୀ ଛୁଇଁଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ଶିମିଳିପାଳ ଅଭୟାରଣ୍ୟର ଉପର ବାରାହା କାମୁଡାରେ ସର୍ବନିମ୍ନ ୨ଡିଗ୍ରୀ ତାପମାତ୍ରା ଛୁଇଁଥିବା ବେଳେ ଚହଲା ୪ଡିଗ୍ରୀ, ନଓ୍ୱଣା ୫ଡିଗ୍ରୀ, ବରେହିପାଣି ୭ଡିଗ୍ରୀ, ରାମତୀର୍ଥ ୧୨ଡିଗ୍ରୀ, ଗୁଡୁଗୁଡିଆ ୭ଡିଗ୍ରୀ, ସାତକୋଶିଆରେ ୧୩ଡିଗ୍ରୀ ଓ କିଆଝରିରେ ୧୩ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟ ପର୍ବତ ମାଳାର ଅନେକ ସ୍ଥାନରେ ପ୍ରବଳ ଶୀତ ଅନୁଭୂତ ହେଉଛି। ଶିମିଳିପାଳ ଅଭୟାରଣ୍ୟ ମଧରେ ଥିବା ନିଷିଦ୍ଧାଞ୍ଚଳ ଗୁଡିକରେ ତାପମାତ୍ରା ହ୍ରାସ ଯୋଗୁଁ ରାତିରେ ଘାସ, ଗଛ, ଲତା ମାନଙ୍କ ଉପରେ ପଡିଥିବା କାକର ବିନ୍ଦୁ ଜମାଟ ବାନ୍ଧି ତୁହିନର ଆସ୍ତରଣରେ ପରିଣତ ହୋଇଥିବା ବେଳେ ତୁଷାର ପାତର ଭ୍ରମ ସୃଷ୍ଟି କରିଛି। ଯାହା ଫଳରେ ଶିମିଳିପାଳ ଅଭୟାରଣ୍ୟ ଭିତରେ ଥିବା ବିଭିନ୍ନ ନେଚର କ୍ୟାମ୍ପ ଗୃହ ଓ ଘାସ ଗାଲିଚା ଉପରେ ତୁହିନର ଆସ୍ତରଣ ଦେଖିବାକୁ ମିଳିଛି। ଆଭ୍ୟନ୍ତରୀଣ ଶିମିଳିପାଳର ଅନ୍ୟାନ୍ୟ ମୁଖ୍ୟ ସ୍ଥାନ ଦେବସ୍ଥଳୀ, ଜେନାବିଲ, କୁମାରୀ ଓ ତାରାଣୀବିଲା ଆଦିରେ ମଧ ପ୍ରବଳ ମାତ୍ରରେ ଶୀତ ଅନୁଭୂତ ହେଉଥିବାର ସୂଚନା ମିଳିଛି। ପାରଦ ଖସିବାରୁ ଶିମିଳିପାଳ ଅଭୟାରଣ୍ୟ ସମେତ ଜିଲ୍ଲାବ୍ୟାପି ଶୀତ ଅନୁଭୂତ ହେଉଛି। ତେବେ ଆଗକୁ ଆହୁରି ତାପମାତ୍ରା କମିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପ୍ରବଳ ଥଣ୍ଡା କାରଣରୁ ସନ୍ଧ୍ୟା ହେଲେ ଗାଁରୁ ସହର ସବୁଠି ରାସ୍ତାଘାଟ ଶୂନଶାନ ହୋଇଯାଉଛି। ସକାଳୁ ସକାଳୁ ଅନେକ ସମୟ ପର୍ଯ୍ୟନ୍ତ କୁହୁଡି ଲାଗି ରହୁଛି। ଯାହାକୁ ସ୍ଥାନେ ସ୍ଥାନେ ଘଣ୍ଟା ଘଣ୍ଟା ଧରି ଲୋକେ ନିଆଁ ଜାଳି ବସି ରହୁଛନ୍ତି। ତେବେ ବିଗତ ବର୍ଷ ମାନଙ୍କରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ସର୍ବନିମ୍ନ ଶୂନ୍ୟ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଚଳିତବର୍ଷ ମଧ ଆହୁରି ତାପମାତ୍ରା ଖସିବାର ଯଥେଷ୍ଟ ସମ୍ଭାବନା ରହିଛି। ବର୍ତ୍ତମାନ ପିକନିକ ଋତୁରେ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ଶୀତ କୁହୁଡି ମଧରେ ଶିମିଳିପାଳର ପ୍ରାକୃତିକ ପରିବେଶର ମଜା ନେବାର ସୁଯୋଗକୁ କେହି ବି ହାତଛଡା କରିବାକୁ ଚାହିଁନାହାଁନ୍ତି। ପାହାଡ ଓ ପ୍ରକୃତିମାଳାରେ ଘେରି ରହିଥିବା ଶିମିଳିପାଳରେ ତୁଷାରପାତ ପରେ ଓଡ଼ିଶାର କାଶ୍ମୀର ପରି ଭୂସ୍ୱର୍ଗ ପାଲଟି ଯାଇଛି। ଯାହା ପର୍ଯ୍ୟଟକ ମାନଙ୍କ ପାଇଁ ଖୁବ ମଜାର କାରଣ ସାଜିଛି।

# ଶୌର୍ଯ୍ୟ ଦିବସ ପାଳନ ଅବସରରେ ବାଇକ୍ ରାଲି

 କେନ୍ଦୁଝର,ନ୍ୟୁଜ ବ୍ୟୁରୋ: ବିଶ୍ୱହିନ୍ଦୁ ପରିଷଦର ବଜରଙ୍ଗ ଦଳ କେନ୍ଦୁଝର ଜିଲା ପକ୍ଷରୁ ଶନିବାର ଶୌର୍ଯ୍ୟ ଦିବସ ମହା ଆଡମ୍ବର ସହକାରେ ପାଳିତ ହୋଇଛି। ଏହି ଉପଲକ୍ଷେ କେନ୍ଦୁଝର ମାଇନିଙ୍ଗ ରୋଡ଼ ସ୍ଥିତ ରାମମନ୍ଦିର ପ୍ରାଙ୍ଗଣରୁ ପୂଜାର୍ଚ୍ଚନା ପରେ ଶତାଧିକ ବଜରଙ୍ଗ ଦଳ କର୍ମୀଙ୍କ ପକ୍ଷରୁ ଏକ ବାଇକ ରାଲି କେନ୍ଦୁଝର ସହର ପରିକ୍ରମା କରିଥିଲେ। ଏହି ବାଇକ ରାଲି ଶୋଭାଯାତ୍ରା ମାଇନିଙ୍ଗ ରୋଡ଼ ରାମମନ୍ଦିର ନିକଟରେ ବାହାରି ନିଉକଲୋନୀ , ପ୍ରିତ୍ରଡ଼ିହା, ଧୋବାଡ଼ିହା, ସିରାଜୁଦ୍ଦିନ ଛକ, ଗାନ୍ଧୀ ଛକ, ଜେଲରୋଡ଼ ଛକ, ଚର୍ଚ୍ଚ ଛକ, ଟେଲିଫୋନ ଏକ୍ସଚେଞ୍ଜ ଛକ, ଥାନା ଛକ, କଲେକ୍ଟରେଟ ଛକ ଲାବଣ୍ୟ ଛକ କୋର୍ଟ ଛକ ହୋଇ ରାମମନ୍ଦିର ନିକଟରେ ପରିକ୍ରମା ଶେଷ କରିଥିଲା ଏହି ବାଇକ ରାଲିରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ପ୍ରମୁଖ କର୍ମୀ ମାନେ ଜୟଶ୍ରୀରାମ ନାରା ଦେଇ ସହର ପରିକ୍ରମା କରି ଶୌର୍ଯ୍ୟଦିବସ ପାଳନ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ସୂଚନାଯୋଗ୍ୟ ଯେ ୧୯୯୨ ମସିହା ଡିସେମ୍ବର ମାସ ୬ ତାରିଖରେ ହଜାର ହଜାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ,ବିଶ୍ୱହିନ୍ଦୁ ପରିଷଦର ଭାଇମାନେ ଏକତ୍ରିତ ହୋଇ ଅଯୋଧ୍ୟାର ଐତିହାସିକ ଶ୍ରୀରାମ ଜନ୍ମଭୂମି ଉପରୁ ପାଞ୍ଚ ଶହ ବର୍ଷ ଧରି ବାବରୀ ମସଜିଦ ଢାଞ୍ଚାକୁ ଧରାଶାୟୀ କରି ଶ୍ରୀରାମ ମନ୍ଦିର ନିର୍ମାଣ କରିବା ପାଇଁ ବିଜୟ ପ୍ରାପ୍ତ କରିଥିଲେ। ଏହି ବିଜୟ, ଏହି ବୀରତ୍ୱ, ଏହି ପୁନର୍ଜାଗରଣକୁ ମନେପକାଇ ସେହି ଦିନକୁ ଶୌର୍ଯ୍ୟ ଦିବସ ଭାବେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପାଳନ କରା ଯାଉଛି। ବିଶ୍ୱହିନ୍ଦୁ ପରିଷଦ ଜିଲା ସଭାପତି ତୁଷାର ସାମନ୍ତ, ସମ୍ପାଦକ ସ୍ୱପନେଶ୍ୱର ସାହୁ, ପୂର୍ବପ୍ରାନ୍ତୀୟ ମହିଳା ମୋର୍ଚ୍ଚା ସେବା ପ୍ରମୁଖ ମାମିନା ରାଉ‌ସଙ୍କ ସହିତ ଜିଲା ସଭାପତି ତୁଷାରକାନ୍ତ ସାମନ୍ତ, ଜିଲା ସମ୍ପାଦକ ସ୍ୱପ୍ନେଶ୍ୱର ସାହୁ,ଜିଲା ସହ ସମ୍ପାଦକ କେଦାରନାଥ ଦାଶ, ନଗର ସମ୍ପାଦକ ସୁବ୍ରତ ମହାନ୍ତି, ସହ ସମ୍ପାଦକ ରଞ୍ଜନ ସାହୁ, ସୁପାଇ ମୁର୍ମୁ, ଗୋରକ୍ଷା ପ୍ରମୁଖ ଦୁର୍ଯ୍ୟୋଧନ ମହାନ୍ତ, କାର୍ଯ୍ୟାଳୟ ପ୍ରମୁଖ କାର୍ତ୍ତିକ ମହାନ୍ତି, ଦେବାଶିଷ ପତି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ପ୍ରତାପ ଝରା, ନୀଳମଣି ସାହୁ, ମହେନ୍ଦ୍ର ସାହୁ, ପ୍ରଫୁଲ୍ଲ ଓଝା, ବିଶ୍ୱହିନ୍ଦୁ ପରିଷଦ ଜିଲା ପ୍ରଚାର ପ୍ରସାର ପ୍ରମୁଖ ସତ୍ୟଜିତ ସାମନ୍ତରାୟ, ସତ୍ୟବ୍ରତ ରାଉଳ, ବଜରଙ୍ଗ ଦଳର ସୌମ୍ୟ ରଞ୍ଜନ ସାହୁ, ରଞ୍ଜିତ ସାହୁ, ବିଜେପି ପୂର୍ବତନ ସଭାପତି ରାଧାକାନ୍ତ ମାହାନ୍ତ, ପ୍ରକାଶ ମଲ୍ଲିକ, ଯେନେଶ ଭାଇ, ରଙ୍ଗାଧର ନାଥ ପ୍ରମୁଖ ଜିଲାରେ ନିଶାମୁକ୍ତି ଅଭିଯାନ ବିଷୟରେ ସମସ୍ତଙ୍କୁ ଶୌର୍ଯ୍ୟ ଦିବସଠାରୁ ବିଶେଷ ଅଭିଯାନ ଆରମ୍ଭ କରି ଲୋକଙ୍କୁ ସଚେତନ କରିବା ପାଇଁ ସମସ୍ତ ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦ, ସଙ୍ଘ କାର୍ଯ୍ୟ କର୍ତ୍ତା ମାନଙ୍କୁ ମିଳିତ ସହଯୋଗରେ କରିବା ପାଇଁ ଆହ୍ୱାନ ଦେଇଥିଲେ।



# ଶିଶୁର ନୈତିକ ଶିକ୍ଷା ଓ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱ

ଭଦ୍ରକ,ନ୍ୟୁଜ ବ୍ୟୁରୋ: ଶିଶୁ ହସିଲେ ଦୁନିଆ ହସେ। ଶିଶୁର ନୈତିକ ଶିକ୍ଷା ସହିତ ବୌଦ୍ଧିକ ବିକାଶ ଏବଂ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ସୁରକ୍ଷା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ୍ ବୋଲି ଭଦ୍ରକ ଜିଲ୍ଲା ମହୋତ୍ସବର ତୃତୀୟ ସନ୍ଧ୍ୟାକୁ ଉଦ୍ଘାଟନ କରି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ମନସ୍ମିତା ଖୁଂଟିଆ କହିଥିଲେ। 'ଭାରତର ପ୍ରଥମ ମହିଳା ଶହୀଦ ପରି ବେଥ୍ୱା ମଞ୍ଚର ଶିଶୁର ବୌଦ୍ଧିକ ବିକାଶ ଓ ଅମର କର୍ତ୍ତବ୍ୟ 'ଶୀର୍ଷକ ଏହି ଆଲୋଚନା ଚକ୍ରରେ ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ବକ୍ତା ଭାବେ ରାଜ୍ୟ ମହିଳା କମିଶନ ସଦସ୍ୟା ତଥା ଆନ୍ତର୍ଜାତୀୟ କବି ଡକ୍ଟର କଳ୍ପନା ମଲ୍ଲିକ ଶିଶୁର ବୌଦ୍ଧିକ ବିକାଶ ହେଲେ କିପରି ସମାଜର ବିକାଶ ହେବ ସେସମ୍ପର୍କରେ ମୂଲ୍ୟବୋଧଭିତିକ ବକ୍ତବ୍ୟ ରଖିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଭଦ୍ରକର ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଭଦ୍ରକର ଐତିହ୍ୟ ଇତିହାସ କିମ୍ବଦନ୍ତୀ ଓ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ ପୂର୍ବକ ଭଦ୍ରକ ଜିଲ୍ଲା ମହୋତ୍ସବର କର୍ମକର୍ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଶିଶୁ ସାହିତ୍ୟ ଗବେଷକ ତଥା ସାରସ୍ୱତ ସାଧକ ଡକ୍ଟର ମନୀନ୍ଦ୍ର ମହାନ୍ତି ଶିଶୁର ବୌଦ୍ଧିକ ବିକାଶ ଦିଗରେ ପିତା ମାତା ଏବଂ ଅଭିଭାବକର କର୍ତ୍ତବ୍ୟ କିପରି ହେବା ଉଚିତ୍ ସେସମ୍ପର୍କରେ ଗବେଷଣା ଧର୍ମୀ ବକ୍ତବ୍ୟ ରଖିଥିଲେ। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧିରଞ୍ଜନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାକୁ ଭଦ୍ରକର ଦାନ ଅତୁଳନୀୟ ବୋଲି କହିଥିଲେ। ପ୍ରାରମ୍ଭରେ କାର୍ଯକାରୀ ସଭାପତି ଦୁର୍ଗା ଶଙ୍କର ବିଶ୍ୱାଳ ସ୍ୱାଗତ ଭାଷଣ ରଖିଥିବାବେଳେ ସମ୍ପାଦକ ସତ୍ୟଭୂଷଣ ସ୍ୱାମୀ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅଥିତିମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ଅତିଥି ମାନଙ୍କ ଦ୍ୱାରା କୁନି କୁନି ପିଲାମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ପ୍ରଭାତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କଳ୍ପନା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ସନ୍ଧ୍ୟାରେ ଆର୍ ଡି ଏସ ନୃତ୍ୟ ଗ୍ରୁପ ଭଦ୍ରକ ଏବଂ ସାଇ ସମ୍ରାଟ ଭଜନ ସନ୍ଧ୍ୟା କଳାକାରଙ୍କ ନୃତ୍ୟ ଓ ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଭଦ୍ରକ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଘୋଡ଼ା ନାଚ ଓ ଚତୁର୍ଦ୍ଧା ମୂର୍ତ୍ତି ଭଜନ ସନ୍ଧ୍ୟା ବେଶ୍ ଚିତାକର୍ଷକ ଥିଲା। ଏହି ଅବସରରେ ବରିଷ୍ଠ ଓଡ଼ିଶା ପ୍ରଶାସନିକ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳଙ୍କ ଭଜନ ପରିବେଷଣ ହୃଦୟସ୍ପର୍ଶୀ ଥିଲା। କମିଟିର ଉପ ସଭାପତି ପ୍ରମୋଦ ରାୟ,ଆବାହକ ଶଶି ଭୂଷଣ ସ୍ୱାମୀ, ସାଂସ୍କୃତିକ ସମ୍ପାଦକ ରଶ୍ମିତା ଦାଶ, ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଂଯୋଜକ ରାଜଲକ୍ଷ୍ମୀ ମହାପାତ୍ର, ଉପ ସଭାନେତ୍ରୀ କଳ୍ପନା ଜେନା, ଯୁଗ୍ମ ସମ୍ପାଦକ ଅରୁଣ କୁମାର ମଲ୍ଲିକ,ପ୍ରଶାନ୍ତ କୁମାର ତ୍ରିପାଠୀ, ମନସ୍ମିତା ଦାସ, ଦୀପାଳୀ ନାୟକ, ସୁମିତ୍ରା ପାଣି, ସୁନିଲ ଦତ ପ୍ରମୁଖଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବ ପ୍ରତ୍ୟେହ ସନ୍ଧ୍ୟାରେ ସାଧାରଣ ସଭା, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସମାରୋହ, ଆଧାତ୍ମିକ କାର୍ଯ୍ୟକ୍ରମ, କବିତା ପାଠୋତ୍ସବ, ନୃତ୍ୟ, ସଙ୍ଗୀତ, ନାଟକ ଭିତିକ ସାଂସ୍କୃତିକ ବିଚିତ୍ରା, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡ଼ିଶା ଓ ଜିଲ୍ଲା ପ୍ରଶାସନ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲୋକ କଳା, ଲୋକ ନୃତ୍ୟ, ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ, ମଞ୍ଚ କଳାକାର, ହାସ୍ୟ ଅଭିନେତା, ଅଭିନେତ୍ରୀ, ଯାତ୍ରା କଳାକାର, ବିଶିଷ୍ଟ ସଙ୍ଗୀତଜ୍ଞଙ୍କ ସମାରୋହରେ ଗତ ୨ତାରିଖରୁ ଆରମ୍ଭ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଡ. ରାଧାନାଥ ରଥଙ୍କ ୧୨୯ତମ ଜୟନ୍ତୀ ପାଳିତ

ଚୌଦ୍ୱାର,ନ୍ୟୁଜ ବ୍ୟୁରୋ: ବିଶିଷ୍ଟ ସାମ୍ବାଦିକ, ମହାନ୍ ସେବକ, ଲୋକ ସେବକ ମଣ୍ଡଳର ପୂର୍ବତନ ସଭାପତି ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ୧୨୯ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଚୌଦ୍ୱାର ପ୍ରେସ୍କ୍ଲବ୍ ଆନୁକୁଲ୍ୟରେ ତଥା ହନ୍ଦ୍ ସେବକ ସଂଘର ଆଜୀବନ ସଦସ୍ୟ ତଥା ସାମ୍ବାଦିକ ଗଙ୍ଗାଧର ସାହୁଙ୍କ ପୌରୋହିତ୍ୟରେ ପ୍ରେସ୍କ୍ଲବ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ଉପଦେଷ୍ଟା ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ସାମ୍ବାଦିକ ଆଶୁତୋଷ ଦାସ, ପ୍ରକାଶ ନାୟକ, ଅଜିତ୍ କୁମାର ସ୍ୱାଇଁ, ବିଶ୍ୱଜିତ୍ ଭଞ୍ଜ, ବିମଳ କୁମାର ବେଉରା,ଅଶୋକ କୁମାର ଦାସ, ସୁଧାକର ସାମନ୍ତରାୟ,ଶିକ୍ଷାବିତ୍ ଶିବ ପ୍ରସାଦ ପତି,ସହଦେବ ବରାଳ, ବିଭୁ ପ୍ରସାଦ ମହାନ୍ତି,ଭାସ୍କର ପ୍ରଧାନ, ସାଗର ସାହୁ, ସେକ୍ ଗୁଲଫାମ୍ ପ୍ରମୁଖ ଡ. ରଥଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ନିସ୍ୱାର୍ଥ ସେବା ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ମହତ୍ ଅବଦାନ ତାଙ୍କୁ ଚୀର ସ୍ମରଣୀୟ କରି ରଖିଛି ବୋଲି ମତବ୍ୟକ୍ତ କରିଥିଲେ।ଏସ୍.କେ.ରେହାନ୍ ଧନ୍ୟବାଦ ଅର୍ପଣ କରିଥିଲେ।



# ରମ୍ଭାରେ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ



ରମ୍ଭା,ନ୍ୟୁଜ ବ୍ୟୁରୋ: ଶନିବାର ଦିନ ବିଶ୍ୱ ଜ୍ଞାନ ପୁରୁଷ ଭାରତ ରତ୍ନ ଡ଼ା ବି. ଆର. ଆମ୍ବେଦକରଙ୍କୁ ମନେ ପକାଇ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ପ୍ରଦାନ କରାଯାଇଥିଲା। ଯେତେ ଦିନ ପର୍ଯ୍ୟନ୍ତ ଗରିବ, ଦଳିତ, ପଛୁଆ ଅନୁସୂଚିତ ଜାତି ଓ ଜନଜାତି ଜାଗ୍ରତ ହୋଇନାହିଁ, ସମ୍ବିଧାନରେ ଥିବା ନିୟମ ବୁଝି ପାରିନାହିଁ ସେତେଦିନ ପର୍ଯ୍ୟନ୍ତ ସୁବିଧାରୁ ବଂଚିତ ହେବ ବୋଲି ବକ୍ତା ମାନେ ମନ୍ତବ୍ୟ ପ୍ରଦାନ କରିଥିଲେ। ଏଥି ସହିତ ସାମାଜିକ ନ୍ୟାୟ, ସମାନତା, ସ୍ୱତନ୍ତ୍ରତା ଓ ବନ୍ଧତ୍ୟୁ ମୂଳ ଲକ୍ଷରେ ପହଁଚିଲେ ନିଶ୍ଚିତ ସ୍ୱାଧୀନତାର ମୂଲ୍ୟ ପାଇପାରିବା ବୋଲି ଆଜିର ଦିନରେ ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମରେ ଆମ୍ବେଦକର ଶ୍ରମିକ ଉନ୍ନୟନ ସଙ୍ଘ ଉପସଭାପତି ତଥା ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ପ୍ରାକ୍ତନ ଶ୍ରମ କମିଶନର ଦୀନବନ୍ଧୁ ଅଧିକାରୀ, ଏନ ଏ ସି ଅଧକ୍ଷା ପ୍ରତିନିଧି ସୁରଜ ସ୍ୱାଇଁ, ଉପାଧକ୍ଷ କାଳିଆ ତରେଇ, ମଣ୍ଡଳ ସଭାପତି ଘନଶ୍ୟାମ ବେହେରା, ପ୍ରାକ୍ତନୱାର୍ଡ ସଭ୍ୟ ମହେଶ୍ୱର ବେହେରା, ରବି ସ୍ୱାଇଁ, ବସନ୍ତ ବେହେରା,ରଘୁନାଥ ମହାପାତ୍ର, ବସନ୍ତ ବେହେରା ଓ ଅନ୍ୟାନ୍ୟ ମହିଳା ମାନେ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୯।୧୨।୨୦୨୫, ମାର୍ଗଶିର ଦି୨୪ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୬।୧୦।୦୧ ଚନ୍ଦ୍ରୋଦୟ- ରାଘ୯।୪୭।୧୩**

**ପଚଂମୀ-** ଦିଘ୨।୨୯ପର୍ଯ୍ୟନ୍ତ । **ଅଶ୍ଳେଷାନକ୍ଷତ୍ର ଓ କର୍କଟ ଚନ୍ଦ୍ର-** ରାଘ ୨।୨୩ ପର୍ଯ୍ୟନ୍ତ **ଚନ୍ଦ୍ରଶୁଦ୍ଧି-** ମେଷ,ବୃଷ, କର୍କଟ, ସିଂହ,କନ୍ୟା, ତୁଳା,ମକର ଓ କୁମ୍ଭ ରାଶିର। ରାଘ ୨।୨୩ ଗତେ ବୃଷ, ମିଥୁନ, ସିଂହ,କନ୍ୟା,ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-**ରାଘ୨।୨୩ପରେ କର୍କଟ ଓ ମକର ରାଶୀର। **ଶ୍ରାଦ୍ଧନିର୍ଣ୍ଣୟ-** ପଚଂମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ୨।୨୯ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୪ ଗତେ ଘ ୬।୫୭ ମଧ୍ୟେ । ଦିଘ ୮।୫୬ ଗତେ ଘ ୧୧।୧୭ ମଧ୍ୟେ । **ପର୍ବୋତ୍ସବ-** କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଜୟନ୍ତୀ।



**ମେଷ:** କର୍ମକ୍ଷେତ୍ରରେ ଆଶାନୁରୂପକ ଫଳ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଶତ୍ରୁ ନାଶ ହେବେ । ମନସ୍କାମନା ପୂରଣ ହେବ ।



**ବୃଷ:** ଚାକିରୀ କ୍ଷେତ୍ରରେ ଉନ୍ନତିର ସୂଚନା । ହଠାତ୍ କୌଣସି ଶୁଭ ଖବର ମିଳିପାରେ । ରୋଜଗାର ଭଲ ହେବ । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଗୃହେ ଆନନ୍ଦ ।



**ମିଥୁନ:** ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବା ବ୍ୟବସାୟରେ ଲାଭବାନ ହେବେ । ଆୟର ପରିମାଣ ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ ।



**କର୍କଟ:** ଅଟକି ରହିଥିବା କାମଟି ପୂରଣ ହେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବାର ସୂଚନା ।



**ସିଂହ:** କର୍ମକ୍ଷେତ୍ରରେ ସମସ୍ତ କାର୍ଯ୍ୟ ବିଳମ୍ବ ହେବ । ଆର୍ଥିକ ସ୍ଥିତି ସ୍ଥିର ରହିବ । ପରିବାରରେ ପିଲାଙ୍କ ନିମନ୍ତେ ସାମାନ୍ୟ ଚିନ୍ତିତ ହୋଇପାରନ୍ତି । ଶତ୍ରୁଙ୍କ ଠାରୁ ସତର୍କ ରହିବେ ।



**କନ୍ୟା:** ବ୍ୟବସାୟରେ କ୍ଷତି ହୋଇପାରେ । ଶାରୀରିକ ଅସୁସ୍ଥତା ଦେଖାଦେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ । ଖର୍ଚ୍ଚର ପରିମାଣ ଅଧିକ ହେବ । ମାନସିକ ଦୁଶ୍ଚିନ୍ତା ଦେଖାଦେବ ।



**ତୁଳା:** ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁ ଦର୍ଶନ ସହିତ ସାହାଯ୍ୟ ସହଯୋଗ ମଧ ପ୍ରାପ୍ତ ହେବ । ଆୟରେ ଉନ୍ନତି ।



**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି । ଘରେ ସୁଖ ଶାନ୍ତି ରହିବ । ଉତ୍ତମ ଭୋଜନ କରିପାରନ୍ତି । ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।



**ଧନୁ:** ହଠାତ୍ କୌଣସି ଖବର ପାଇ ଆନନ୍ଦିତ ହେବେ । ଦେବ ଦର୍ଶନ ସହିତ ଧର୍ମକାର୍ଯ୍ୟରେ ମନ ଦେବେ । ପାରିବାରିକ ଜୀବନ ଶାନ୍ତିମୟ ହେବ । ରୋଜଗାର ଭଲ ହେବ ।



**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବା ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରେ ଦୁଶ୍ଚିନ୍ତା ଦେଖାଦେବ । ମନ ଅସ୍ଥିର ରହିବ ।



**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଦାମ୍ପତ୍ୟ ଜୀବନ ସୁଖ ମଧୁରମୟ ହେବ । ଆୟରେ ଉନ୍ନତି ଦେଖାଦେବ । ଦେହ ଭଲ ରହିବ ।



**ମୀନ:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଲାଗିଥିବା ବିବାଦରେ ବିଜୟୀ ହେବେ । ଆୟ ଭଲ ହେବ । ଘରେ ସୁଖ ଶାନ୍ତି ରହିବ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୦।୧୨।୨୦୨୫, ମାର୍ଗଶିର ଦି୨୫ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୬।୧୦।୩୬ ଚନ୍ଦ୍ରୋଦୟ-ରାଘ୧୦।୪୩।୧୦**

**ଷଷ୍ଠୀ-** ଦିଘ୧।୪୭ପର୍ଯ୍ୟନ୍ତ । **ମଘାନକ୍ଷତ୍ର-** ରାଘ ୨।୪୫ ପର୍ଯ୍ୟନ୍ତ **ସିଂହଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର। । **ଘାତ ଚନ୍ଦ୍ର-**କର୍କଟ ଓ ମକର ରାଶୀର। **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ୧।୪୭ପରେ ନଡିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୫ ଗତେ ଘ ୮।୨୪ ମଧ୍ୟେ । ଦିଘ ୧।୨୮ ଗତେ ଘ ୩।୩୮ ମଧ୍ୟେ । **ପର୍ବୋତ୍ସବ-**ବିଶ୍ୱମାନବାଧିକାର ଦିବସ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଡିସେମ୍ବର ୧୦ ସୁଦ୍ଧା ସ୍ୱାଭାବିକ ବିମାନ ଚଳାଚଳ ପାଇଁ ଆଶା

୮ମ ଦିନରେ ବି ଇଣ୍ଡିଗୋର ହାଲ ବେହାଲ୍, ୪୫୦ରୁ ଅଧିକ ଉଡ଼ାଣ ବାତିଲ ପରେ ମଧ୍ୟ ଇଣ୍ଡିଗୋର ଅପରେସନ ସଙ୍କଟର ସମାଧାନ ହୋଇନାହିଁ। ସୋମବାର ଦିନ, ବିଭିନ୍ନ ବିମାନବନ୍ଦରରେ ୪୫୦ରୁ ଅଧିକ ଇଣ୍ଡିଗୋ ବିମାନ ବାତିଲ କରାଯାଇଛି। ଭାରତ ପୂର୍ବରୁ କେବେ ଏପରି ସଙ୍କଟର ସମ୍ମୁଖୀନ ହୋଇନଥିବା ହେତୁ ସରକାର ଇଣ୍ଡିଗୋକୁ ଏହାର ବିମାନ ଉଡାଣ ସ୍ୱାଭାବିକ କରିବାକୁ ଏବଂ ଯାତ୍ରୀମାନଙ୍କ ଅସୁବିଧାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଚେତାବନୀ ସତ୍ତ୍ୱେ, ବିମାନ ବାତିଲ ଜାରି ରହିଛି।

ଗତକାଲି ଦିଲ୍ଲୀ ବିମାନ ବନ୍ଦରରୁ ୨୯୫ଟି ଇଣ୍ଡିଗୋ ବିମାନ ବାତିଲ ହୋଇଛି । ବେଙ୍ଗାଲୁରୁ ବିମାନବନ୍ଦରରୁ ୧୨୭ଟି, ଚେନ୍ନାଇରୁ ୭୧ଟି, ହାଇଦ୍ରାବାଦରୁ ୭୭ଟି ଏବଂ ଜମ୍ମୁରୁ ୨୦ଟି ବିମାନ ବାତିଲ ହୋଇଛି। ସେହିପରି ଅହମ୍ମଦାବାଦରେ ୨୦ଟି ଓ ବିଶାଖାପାଟଣାରେ ୭ଟି ବିମାନ ଉଡ଼ାଣକୁ ବାତିଲ କରାଯାଇଥିଲା। ମୁମ୍ବାଇ ଏବଂ କୋଲକାତା ସମେତ ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବାଧା ସୃଷ୍ଟି ହୋଇଥିବା ସୂଚନା ମିଳିଛି। ସକାଳ ୧୦ଟା ୩୦ ସୁଦ୍ଧା ମୋଟ ୪୫୬ଟି ବିମାନ ଉଡ଼ାଣ ବାତିଲ କରାଯାଇଛି। ରବିବାର ଦିନ ଇଣ୍ଡିଗୋ ୬୫୦ ରୁ ଅଧିକ ଉଡ଼ାଣ ବାତିଲ କରିଥିଲା । ଅଧିକାରୀଙ୍କ ଅନୁଯାୟୀ, ପ୍ରଭାବିତ ଯାତ୍ରୀଙ୍କ ପାଇଁ ୬୧୦ କୋଟିରୁ ଅଧିକ ମୂଲ୍ୟର ଟିକେଟ୍ ଫେରସ୍ତ ପ୍ରକ୍ରିୟାକରଣ କରାଯାଇଛି।

କମ୍ପାନୀ କହିଛି ଯେ, ପାଇଲଟଙ୍କ ବିଶ୍ରାମ ଉପରେ ସରକାରୀ ନିୟମାବଳୀ, ଯାହାକୁ ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ୍ ମାନଦଣ୍ଡ କୁହାଯାଏ। ଏହା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବା ପରେ କକପିଟ୍ କ୍ରୁ ଅଭାବ ଯୋଗୁଁ ଏହି ସଙ୍କଟ ସୃଷ୍ଟି ହୋଇଥିଲା। ଏହି ନିୟମାବଳୀ କାର୍ଯ୍ୟକାରୀ ହେବା ପରେ, ବ୍ୟାପକ ଉଡ଼ାଣ ବାତିଲ ହୋଇଥିଲା, ଯାହା ଫଳରେ ଦେଶର ପ୍ରମୁଖ ବିମାନବନ୍ଦର ଗୁଡ଼ିକରେ ବ୍ୟାପକ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଏହା ପରେ, ସରକାର ନିୟମଗୁଡ଼ିକୁ ସ୍ଥଗିତ ରଖିଥିଲେ ଏବଂ ବିମାନ କମ୍ପାନୀଗୁଡ଼ିକ ଡିସେମ୍ବର ୧୦ ସୁଦ୍ଧା ସ୍ୱାଭାବିକ କାର୍ଯ୍ୟକୁ ଫେରିବାକୁ ଆଶା କରାଯାଉଛି।

ଏହି ସମୟରେ, ଏୟାରଲାଇନ୍ ପାଇଲଟ୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ସାଗ୍ନିକ୍ ବାନାର୍ଜୀ କହିଛନ୍ତି ଯେ, ଉଡ଼ାଣ ସୁରକ୍ଷା ବିପଦରେ ଅଛି। ବିମାନ କମ୍ପାନୀଗୁଡ଼ିକ ପାଇଲଟ୍ ସୁରକ୍ଷା ଅପେକ୍ଷା ଲାଭକୁ ପ୍ରାଥମିକତା ଦେଇ ନିଜ ଇଚ୍ଛା ପୂରଣ କରିବାକୁ ଅତ୍ୟଧିକ ଚେଷ୍ଟା କରୁଛନ୍ତି। **FDTL**ର ସଂଶୋଧିତ ନିୟମାବଳୀ, ଯାହାର **SOP** ଗୁଡ଼ିକୁ ସମୟାନୁବର୍ତ୍ତୀ କାର୍ଯ୍ୟଦକ୍ଷତା ବଜାୟ ରଖିବା ପାଇଁ ବର୍ଷ ବର୍ଷ ଧରି ସତର୍କତାର ସହ ପାଳନ କରାଯାଉଛି, ତାହାକୁ ଅଣଦେଖା କରାଯାଇଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅନେକ ପଦକ୍ଷେପ ନେଇଛି, ଯେଉଁଥିରେ ବିମାନ ଭଡ଼ାକୁ ସୀମିତ କରିବା ଏବଂ ଟିକେଟ୍ ଫେରସ୍ତକୁ ତ୍ୱରାନ୍ୱିତ କରିବାକୁ ଇଣ୍ଡିଗୋକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସଙ୍କଟର ଏକ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି, ମନ୍ତ୍ରୀ ରାମ ମୋହନ ନାଇଡୁ କହିଛନ୍ତି ଯେ ଏଥିପାଇଁ ବିମାନ କମ୍ପାନୀ ଗୁଡିକ ଦାୟୀ ଏବଂ ଉଡ଼ାଣ ପାଇଲଟ୍ ଡ୍ୟୁଟି ନିର୍ଦ୍ଦେଶ ପ୍ରାୟ ଏକ ବର୍ଷ ପୂର୍ବରୁ ଜାରି କରାଯାଇଥିଲା।

# ବନ୍ଦେମାତରମ୍ – ୧



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ-୮୮୯୫୧୯୦୪୭୫

ଘାତ, ପ୍ରତିଘାତ, ସଂଘର୍ଷ ଓ ସଂଗ୍ରାମର ଅନ୍ୟନାମ ଭାରତୀୟ ମୁକ୍ତିଯୁଦ୍ଧ । ଭାରତୀୟ ମୁକ୍ତି ସଂଗ୍ରାମ ବିଶ୍ୱର ପ୍ରମୁଖ ଗଣ ଆନ୍ଦୋଳନ ସହିତ ସମକକ୍ଷ, ବିଶ୍ୱର ମହାନ ବିପ୍ଳବ ମାନଙ୍କର ଭାବ, ଦର୍ଶନ, ଚିନ୍ତାଧାରା ଓ ଆଦର୍ଶ ସହ ଭାରତୀୟ ସ୍ୱତନ୍ତ୍ର ସଂଗ୍ରାମର ଅଛି ନିବିଡ ଓ ଘନିଷ୍ଠ ସମ୍ବନ୍ଧ । ୧୭୭୬ ମସିହାରେ ଆମେରିକା ସ୍ୱାଧୀନତା ସଂଗ୍ରାମ, ୧୭୮୯ ମସିହାର ଫରାସୀ ରାଷ୍ଟ୍ର ବିପ୍ଳବ ଓ ୧୯୧୭ ମସିହାର ଋଷ ବିପ୍ଳବ ବିଶ୍ୱର ଅଗ୍ରଣୀ କ୍ରାନ୍ତିକାରୀ ଘଟଣା ଯାହା ମାନବ ଜାତିର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଆଣିଥିଲା । କବି, ଲେଖକ, ଦାର୍ଶନିକ, ବୁଦ୍ଧିଜୀବୀ ମାନଙ୍କର ବିପ୍ଳବାତ୍ମକ ଓ ଚେତନାଧର୍ମୀ ସୃଷ୍ଟି ବିପ୍ଳବୀମାନଙ୍କ ମନରେ ସୃଷ୍ଟି କରିଥିଲା ଅଦମ୍ୟ ସାହସ । ଥମାସ ପେନ୍ ନାମକ ଲେଖକଙ୍କ ରଚିତ କମନସେନସ୍ ଜାତୀୟ ଜାଗରଣ ଆମେରିକା ଅଧିବାସୀମାନଙ୍କ ମନରେ ସୃଷ୍ଟି କରିଥିଲା । ଅନୁରୂପ ଭାବରେ ଫରାସୀ ରାଷ୍ଟ୍ରବିପ୍ଳବରେ ଦାର୍ଶନିକ ଋଷୋଙ୍କ ସାମାଜିକ ଚୁକ୍ତି ମଣ୍ଟେସ୍କୁଙ୍କ ଆଇନର ତାତ୍ପର୍ଯ୍ୟ ଓ ଭଲଟାୟାରଙ୍କର ସହନଶୀଳତା ଉପରେ ନିବନ୍ଧ ପୁସ୍ତକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଋଷବିପ୍ଳବ ପାଇଁ ମନିଷୀମାନଙ୍କ ଭୂମିକା ଥିଲା ଉଲ୍ଲେଖଯୋଗ୍ୟ । ସେମାନଙ୍କ ମଧ୍ୟରେ ଥିଲେ ଲିଓଟଲଷ୍ଟୟ ଓ କାର୍ଲମାର୍କସ ପ୍ରଭୃତି । କାର୍ଲମାର୍କସଙ୍କ ଦୁଇ ପ୍ରସିଦ୍ଧ ପୁସ୍ତକ ଦାସ କ୍ୟାପିଟାଲ ଓ କମ୍ୟୁନିଷ୍ଟ ମେନିଫେଷ୍ଟୋ ଋଷବିପ୍ଳବର ଗତିପଥରେ ବିରାଟ ପରିବର୍ତ୍ତନ ଆଣିଥିଲା । ଏହି ଦିଗଗଜ ସାରସ୍ୱତ ପ୍ରତିଭାଧର ମାନଙ୍କର ବୈପ୍ଳବିକ ଚିନ୍ତାଧାରା ଓ ସେମାନେ ସୃଷ୍ଟି କରିଥିବା ଧ୍ୱନି ବା ନାରା ବିପ୍ଳବ ଓ ବିପ୍ଳବୀମାନଙ୍କ ଉପରେ ଗଭୀର ପ୍ରଭାବ ସୃଷ୍ଟି କରିଥିଲା । ଫରାସୀ ରାଷ୍ଟ୍ରବିପ୍ଳବର ନାରା ଥିଲା ସାମ୍ୟ, ମୈତ୍ରୀ ଓ ମୁକ୍ତି ଏବଂ ଋଷବିପ୍ଳବରେ ପ୍ରତିଧ୍ୱନିତ୍ ହେଉଥିଲା ରୁଟି, ଜମି ଓ ଶାନ୍ତି । ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମର ସାର୍ଥକ ସାରସ୍ୱତ ସ୍ରଷ୍ଟାମାନଙ୍କର କ୍ରାନ୍ତିକାରୀ ରଚନାବଳୀ ମୁକ୍ତି ଯୋଦ୍ଧାଙ୍କ ହୃଦୟରେ ସୃଷ୍ଟି କରିଥିଲା ଅପୂର୍ବ ଶିହରଣ ଓ ଜାଗରଣ । ଦେଶ, ଜାତି ଓ ମାଟି ମାଆ ପାଇଁ ଆତ୍ମୋତ୍ସର୍ଗ ଓ ବଳିଦାନ ଦେବା ନିମନ୍ତେ ଏହା ସହାୟତା ପ୍ରଦାନ କରିବା ସହିତ ଯୋଗାଇଥିଲା ଅଜସ୍ର ପ୍ରେରଣା । ଭାରତୀୟ ଜାତୀୟ ଆନ୍ଦୋଳନ ସୃଷ୍ଟି କରିଥିଲା ଅନେକ କାଳଜୟୀ ସ୍ରଷ୍ଟା । ସେହି ସ୍ରଷ୍ଟା ଏବଂ ସେମାନଙ୍କର ସୃଷ୍ଟି ମଧ୍ୟରେ ଥିଲେ ଅନ୍ୟତମ ଯଶସ୍ୱୀ ଚିରସ୍ମରଣୀୟ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଓ ତାଙ୍କ ବହୁ ଚର୍ଚ୍ଚିତ ସୃଷ୍ଟି ଆନନ୍ଦମଠ । ଜାତୀୟବାଦୀ ଚେତନା ଓ ଭାବନା ଉପରେ ଆଧାରିତ ଉପନ୍ୟାସ ଆନନ୍ଦମଠର ଏକ ସଂଗୀତ ବନ୍ଦେ ମାତରମ୍, ଯାହା ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ପ୍ରମୁଖ ନାରା । ଏହି ନାରା ବନ୍ଦେମାତରମ୍ ଥିଲା ତ୍ୟାଗ, ବଳିଦାନ, ନିର୍ଭିକତା, ସାହସ, ବୀରତ୍ୱ, ସ୍ୱାଭିମାନ, ଧୈର୍ଯ୍ୟ, ସଂଯମ, ସାମର୍ଥ୍ୟର ସାର୍ଥକ ପ୍ରତୀକ । ବନ୍ଦେମାତରମ୍ କେବଳ ଏକ ଗୀତ ନୁହେଁ, ଏହା ରାଷ୍ଟ୍ରବାଦ ଓ ରାଷ୍ଟ୍ରପ୍ରେମର ଏକ ଅନିର୍ବାଣ ଦୀପଶିଖା । ବନ୍ଦେମାତରମ୍ ଭାରତୀୟ ମାନଙ୍କର ଜାତୀୟ ଗୀତ । ଏହା ଭାରତୀୟ ମାନଙ୍କର ସ୍ୱପ୍ନ, ସଂକଳ୍ପ ଓ ମନ୍ତ୍ର । ଏହି ଗୀତ ରଚନାର ପୃଷ୍ଠଭୂମିର ଇତିହାସ ଯେପରି ରୋମାଚଂକର ଓ ଏହାର ପ୍ରଭାବ ମଧ୍ୟ ଥିଲା ସେହିପରି ସୁଦୂରପ୍ରସାରୀ । ମାତୃଭୂମି ଭାରତକୁ ଆଧାର କରି ସେ ଏହି ଗୀତ ରଚନା କରାଯାଇଥିଲା । ନ୍ୟାର୍ଯ୍ୟ ଅଧିକାର ପାଇଁ ଦେଶ ସଂଗ୍ରାମ କରୁଥିବା ସମୟରେ ଭାରତମାତାର ଗୁଣଗାନ କରି ସଂଗ୍ରାମୀମାନଙ୍କ ମନରେ ସଂଗ୍ରାମର ଭାବ ସୃଷ୍ଟି କରିଥିଲେ ।

ବନ୍ଦେମାତରମ୍ ଗୀତ ଓ ନାରା ଥିଲା ଭାରତୀୟ ଜାତୀୟତାର ଏକ ନିର୍ଭିକସ୍ୱର । ସର୍ବଭାରତୀୟ ଜାତୀୟତା ସୃଷ୍ଟି ଓ ସ୍ୱାଧୀନତା ସଂଗ୍ରାମର ଅଗ୍ରଗତିରେ ବନ୍ଦେମାତରମ୍ ର ଭୂମିକା ନିର୍ଣ୍ଣାୟକ,ଏଥିରେ ଦ୍ୱିମତ ନାହିଁ । ଦେଶ ମାତୃକାର ବନ୍ଦନା ଉପରେ ଆଧାରିତ ଏହି ଗୀତ ତତ୍କାଳୀନ ସମୟରେ ଓ ବର୍ତ୍ତମାନ ମଧ୍ୟ ଜନମାନସରେ ଦେଶଭକ୍ତି, ଜାତିପ୍ରେମ ଓ ଆତ୍ମଶକ୍ତିର ଅନିର୍ବଚନୀୟ ଆତ୍ମପ୍ରତ୍ୟୟ ସୃଷ୍ଟିକରେ। ଇତିହାସରୁ ଜଣାଯାଏ ୧୮୭୫ମସିହା ନଭେମ୍ବର ମାସ ୭ ତାରିଖ ଶାରଦୀୟ ଦୁର୍ଗାପୂଜା ଅବସରରେ ମହାସପ୍ତମୀ ତିଥିରେ ଏହି ଗୀତ ରଚନା କରିଥିଲେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ । ଏହି ଗୀତରେ ୩୨ଟି ପଂକ୍ତି ଥିଲା । ରାଷ୍ଟ୍ରଗୀତର ମାନ୍ୟତା ପାଇବାର ଅବ୍ୟବହିତ ପୂର୍ବରୁ କେତେକ ପଂକ୍ତି ଏଥିରୁ ବାଦ୍ ଦିଆଯାଇଛି । ବଙ୍କିମଚନ୍ଦ୍ର ସ୍ୱସଂପାଦିତ ପତ୍ରିକା ବଙ୍ଗଦର୍ଶନରେ ୧୮୭୬ ମସିହାରେ ଏହି କବିତାକୁ ପ୍ରଥମେ ପ୍ରକାଶ କରିଥିଲେ । ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ(୨୬ଜୁନ୍ ୧୮୩୮-୮ଅପ୍ରେଲ୧୮୯୪) ବଙ୍ଗଳାର ଏକ ପ୍ରସିଦ୍ଧ ପ୍ରଶାସନିକ ପରିବାରରୁ ଆସିଥିଲେ । ବଙ୍ଗଳାର ଉତ୍ତର ଚବିଶିପ୍ରାଗଣା ଜିଲ୍ଲାର ନେହେଟି ସହରର ରାଧାବଲ୍ଲଭ ରୋଡ୍‌ରେ ତାଙ୍କର ପୈତୃକ ବାସସ୍ଥାନ ଅବସ୍ଥିତ । ସେ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଜନ୍ମଲାଭ କରିଥିଲେ । ତଙ୍କ ପିତା ଯାଦବଚନ୍ଦ୍ର ଡେପୁଟି କଲେକ୍ଟର ଥିଲେ । ତାଙ୍କର ଦୁଇ ବଡଭାଇ ଶ୍ୟାମ ଓ ସଞ୍ଜିବ ମଧ୍ୟ ଡେପୁଟି କଲେକ୍ଟର ପଦ ମଣ୍ଡନ କରିଥିଲେ । ତାଙ୍କ ସାନ ଭାଇ ପୁରଣ ଚନ୍ଦ୍ର ମଧ୍ୟ ଜଣେ ଡେପୁଟି କଲେକ୍ଟର ଥିଲେ । ନିଜେ ବଙ୍କିମଚନ୍ଦ୍ର ଡେପୁଟି କଲେକ୍ଟର ପଦରେ କାର୍ଯ୍ୟ କରିଥିଲେ। ତାଙ୍କ ପରିବାରକୁ ଡେପୁଟି କଲେକ୍ଟର ପରିବାର କୁହାଯାଉଥିଲା । ୩୩ବର୍ଷ ପ୍ରଶାସନିକ ସେବାରେ ରହି ୧୮୯୧ମସିହାରେ ସେବା ନିବୃତ ହେଲେ । ଇଂରେଜ ସରକାରଙ୍କ ଦ୍ୱରା ରାୟବାହାଦୁର ଉପାଧିରେ ତାଙ୍କୁ ଭୂଷିତ କରାଯାଇଥିଲା । ଏକାଧାରରେ ସେ ଥିଲେ ପ୍ରଶାସକ, ସାରସ୍ୱତ ସ୍ରଷ୍ଟା ଓ ଦେଶଭକ୍ତ । ଜଣେ ସ୍ରଷ୍ଟା ଭାବେ ତାଙ୍କ ସୃଷ୍ଟି ସମାଜର ବିଭିନ୍ନ କ୍ଷେତ୍ରକୁ ପ୍ରତିପାଦନ କରିଥିଲେ । ତାଙ୍କର କାଳଜୟୀ କୃତି ସମାଜ ସଂସ୍କାର ସହିତ ସାଧାରଣ ଜନତାର ନ୍ୟାର୍ଯ୍ୟ ଅଧିକାର ଉପରେ ପ୍ରତିଷ୍ଠିତ ତାଙ୍କ ରଚନାର ଅନ୍ୟ ବୈଶିଷ୍ଟ୍ୟ ଥିଲା ଦେଶଭକ୍ତି ଓ ଧାର୍ମିକ ସାଂସ୍କୃତିକ ଜାଗରଣ । ସାହିତ୍ୟ କ୍ଷେତ୍ରରେ ସେ କବିତା, ଉପନ୍ୟାସ ରଚନା କରିବା ସହିତ ସଂପାଦନା କାର୍ଯ୍ୟରେ ଥିଲେ ସିଦ୍ଧହସ୍ତ । ତାଙ୍କ କାଳଜୟୀ ସୃଷ୍ଟି ଦୁର୍ଗେଶନନ୍ଦିନୀ ୧୮୬୫ ମସିହାରେ ପ୍ରକାଶିତ ହୋଇଥିଲା । ତାଙ୍କର ପ୍ରଥମ ଇଂଗ୍ରାଜୀ ଉପନ୍ୟାସ 'ରାଜମୋହନ ସେ ୱାଇଫ୍'। ୧୮୬୬ରେ ପ୍ରକାଶିତ ତାଙ୍କର ଅନ୍ୟତମ ଉପନ୍ୟାସ 'କପାଳ କୁଣ୍ଡଳୀ'। ସେ ଯାଜପୁରଠାରେ କାର୍ଯ୍ୟରତ ଥିବା ସମୟରେ ଦେବୀ ଚୌଧୁରାଣୀ ରଚନା କରିଥିଲେ । ୧୮୭୨ରେ ବଙ୍ଗ ଦର୍ଶନ ପତ୍ରିକାର ସମ୍ପାଦନା କରିଥିଲେ। ସର୍ବଜନ ଆଦୃତ ଆନନ୍ଦମଠ ୧୮୮୨ଲୋକାର୍ପିତ ହୋଇଥିଲା । ଲଳିତା ଓ ମାନସ ଥିଲା ତାଙ୍କର କବିତା ସଂକଳନ । କୃଷ୍ଣକାନ୍ତର ଦପ୍ତର, ବିଷବୃକ୍ଷ, ମୃଦଳିନୀ, ମୋତିରାମ ଗୋରେଇ ଜୀବନ, ତାଙ୍କର ଶେଷ ଉପନ୍ୟାସ ସୀତାରାମ ୧୮୮୬ରେ ପ୍ରକାଶିତ ହୋଇଥିଲା । ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ସମସ୍ତ ସୁନାମଧନ୍ୟ କୃତିମାନଙ୍କ ମଧ୍ୟରୁ ୧୮୮୨ମସିହାରେ ପ୍ରକାଶିତ ଆନନ୍ଦମଠ ଉପନ୍ୟାସ ସର୍ବାଧିକ ଲୋକପ୍ରିୟ । ଏହି ଉପନ୍ୟାସ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଭିତ୍ତିଭୂମିକୁ ଆଧାର କରି ରଚିତ । ଏହି ଉପନ୍ୟାସରେ ବନ୍ଦେମାତରମ୍‌ର ୩୨ଟି ପଂକ୍ତି ସ୍ଥାନ ପାଇଛି । ଏହି ଗୀତ ମୂଳତଃ ବଙ୍ଗାଳୀ ଓ ସଂସ୍କୃତରେ ଲେଖାଯାଇଅଛି । ଏହି ଗୀତର ପ୍ରଥମ ପଂକ୍ତି ଭାରତ ମାତାର ବନ୍ଦନା କରାଯାଇଥିବା ବେଳେ ଅନ୍ୟ ପଂକ୍ତି ମାନଙ୍କରେ ଦୁର୍ଗାଦେବୀଙ୍କ ସମେତ ଅନ୍ୟ ଦେବୀଙ୍କର ଆରାଧନା କରାଯାଇଅଛି । ଆନନ୍ଦମଠ ଉପନ୍ୟାସର ପୃଷ୍ଠଭୂମି ଥିଲା୧୭୫୦ରୁ୧୮୦୨ମସିହା ପର୍ଯ୍ୟନ୍ତ ସଂଗଠିତ ହୋଇଥିବା ସନ୍ୟାସୀ ବିଦ୍ରୋହ । ବଙ୍ଗ ଓ ବିହାରରେ ତତ୍କାଳୀନ ସମୟରେ ଏହି ଐତିହାସିକ ବିଦ୍ରୋହ ଇଂଗ୍ରେଜମାନଙ୍କ ବିରୁଦ୍ଧରେ ସଂଗଠିତ ହୋଇଥିଲା । ଏହି ସନ୍ୟାସୀ ଫକୀର ବିଦ୍ରୋହ ଥିଲା ଇଂଗ୍ରେଜମାନଙ୍କ ବିରୁଦ୍ଧରେ ଅଘୋଷିତ ଯୁଦ୍ଧ । ପ୍ରାୟ ୫୦ହଜାର ସନ୍ୟାସୀ ପ୍ରତ୍ୟେକ୍ଷ ଭାବରେ ଇଂଗ୍ରେଜଶକ୍ତି ବିରୁଦ୍ଧରେ ଭୟଙ୍କର ବିଦ୍ରୋହର ସୂତ୍ରପାତ୍ର କରିଥିଲେ । ୧୮୭୧ମସିହାରେ ୧୫୦ଜଣ ସନ୍ୟାସୀଙ୍କୁ ନିର୍ମମହତ୍ୟା ଇଂଗ୍ରେଜ ପୋଲିସ୍ ଦ୍ୱାରା କରାଯାଇଥିଲା । ବର୍ତ୍ତମାନର ବାଙ୍ଗଲାଦେଶର ରଙ୍ଗପୁରର ନାଟୋଇଠାରେ ଏହି ଅମାନୁଷିକ ହତ୍ୟାକାଣ୍ଡ ଘଟିଥିଲା । ଅନ୍ୟାନ୍ୟ ସନ୍ୟାସୀମାନଙ୍କ ସମ୍ପର୍କିତ ଘଟଣା ଏହି ଐତିହାସିକ ବିଦ୍ରୋହକୁ ଜନ୍ମ ଦେଇଥିଲା । ଅଷ୍ଟାଦଶ ଶତାବ୍ଦୀର ଶେଷଭାଗକୁ ଦେଖା ଦେଇଥିବା ଏହି ବିଦ୍ରୋହକୁ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଊନବିଂଶ ଶତାବ୍ଦୀର ଶେଷ ଭାଗରେ ନିଜ ଉପନ୍ୟାସ ଆନନ୍ଦ ମଠରେ ସ୍ଥାନ ଦେଇଥିଲେ । ଆନନ୍ଦମଠ ଥିଲା ସନ୍ୟାସୀ ବିଦ୍ରୋହ ସଂପର୍କିତ କାହାଣୀ। ତେଣୁ ଏହା ଜାତୀୟ ଭାବନା, ଚେତନା ଓ ସଂଗ୍ରାମକୁ ତ୍ୱରାନ୍ୱିତ କରିଥିଲା । ୧୭୭୦ମସିହାରେ ବଙ୍ଗର କରାଳ ଦୁର୍ଭିକ୍ଷରେ ବଙ୍ଗଳାର ଜନସଂଖ୍ୟାର ଏକ ତୃତୀୟାଂଶ ମୃତ୍ୟୁମୁଖରେ ପଡିଲେ ଓ ସନ୍ୟାସୀ ବିଦ୍ରୋହର ଚିତ୍ର ବଙ୍କିମଚନ୍ଦ୍ର ଆନନ୍ଦ ମଠରେ ବର୍ଣ୍ଣନା କରିଛନ୍ତି । କଲ୍ୟାଣୀ ଏହି ଉପନ୍ୟାସର ନାୟିକା ଓ ନାୟକ ତାର ସ୍ୱାମୀ ମହେନ୍ଦ୍ରା ସେମାନେ ସନ୍ୟାସମାନଙ୍କ ଦ୍ୱାରା ଆଶ୍ରୟ ପାଇଛନ୍ତି । ସେମାନେ ଭାରତମାତାର ପୂଜନରେ ସମୟ ବିତାଇଛନ୍ତି । ମହେନ୍ଦ୍ର ଓ କଲ୍ୟାଣୀ ସନ୍ୟାସୀ ବିଦ୍ରୋହକୁ ସହଯୋଗ କରିଛନ୍ତି ଇଂଗ୍ରେଜମାନଙ୍କ ବିରୁଦ୍ଧରେ ଏଭଳି କଥା ବସ୍ତୁକୁ ନେଇ କାଳଜୟୀ ଉପନ୍ୟାସ ଆନନ୍ଦମଠ ରଚିତ । ଆନନ୍ଦମଠରେ ବନ୍ଦେମାତରମ୍‌ର ୩୨ଟି ପଂକ୍ତି ସ୍ଥାନ ପାଇଛି । ଏହି ଗୀତର ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଇଲା । ଇଂରେଜ ସରକାର ଆନନ୍ଦମଠ ପୁସ୍ତକ ପ୍ରକାଶନକୁ ବନ୍ଦ କଲେ । ଦେଶ ସ୍ୱାଧୀନତା ଲାଭ କଲାପରେ ଏହା ପୁନଃ ପ୍ରକାଶିତ ହୋଇଥିଲା । ୧୯୫୨ମସିହାରେ ପୁସ୍ତକରେ ଗଳ୍ପ ଆଧାରରେ ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା। (କ୍ରମଶଃ ...)

# ମହିଳା ସଶକ୍ତିକରଣ : ଦେଶର ପ୍ରଗତିର ଚାବିକାଠି



ଡାକ୍ତର ଅଶୋକ କୁମାର ମହାନ୍ତି
ଟାଟା ମେନ୍ ହସପିଟାଲ୍,
ନୂଆମୁଣ୍ଡି
ମୋ-୯୨୩୪୬୬୭୫୪୬

ବିଗତ ସହସ୍ରାବ୍ଦୀ ଧରି ଭାରତୀୟ ମହିଳାମାନଙ୍କ ପରିସ୍ଥିତିରେ ଅନେକ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି । ସେମାନଙ୍କ ଜୀବନଶୈଳୀ, ସ୍ୱାଧୀନତା ତଥାସାମାଜିକ ସ୍ଥିତିରେ ବହୁ ଉତ୍ଥାନ ପତନ ଘଟିଛି । ଅତି ପ୍ରାଚୀନ କାଳରୁ ମଧ୍ୟ ଯୁଗ ମଧ୍ୟରେ ତାଙ୍କର ସ୍ଥିତିରେ କ୍ରମାଗତ ଅବନତି ଘଟିଥିଲା । ସେମାନଙ୍କୁ ଅନେକ ଅଧିକାରରୁ ବଞ୍ଚିତ କରାଯାଉଥିଲା । ଏପରିକି କୁସଂସ୍କାର ବଶତଃ ସେମାନଙ୍କୁ ବିଦ୍ୟାଳୟରେ ପାଠ ପଢିବାପାଇଁ ବାରଣ କରାଯାଉଥିଲା । ତେବେ ଅଷ୍ଟାଦଶ ଶତାବ୍ଦୀର ପରବର୍ତ୍ତୀ କାଳରେ ବ୍ରିଟିଶ ଶାସନ ସମୟରୁ ଅନେକ ଉଦାରବାଦୀ ସମାଜ ସଂସ୍କାରକଙ୍କ ପ୍ରଚେଷ୍ଟା ଫଳରେ ସେମାନେ ଅନେକ ଅଧିକାର ପାଇଲେ ଓ ଅନେକ କୁସଂସ୍କାରକୁ କାଳ କ୍ରମେ ଦୂରେଇ ଦିଆଯାଇଥିଲା । ପ୍ରାଚୀନ ବେଦିକ କାଳରେ ଭାରତୀୟ ମହିଳାମାନେ ପୁରୁଷମାନଙ୍କ ସହ ସମସ୍ତ କ୍ଷେତ୍ରରେ ଅଧିକାର ପ୍ରାପ୍ତ ହେଉଥିବା କଥା ଭାରତୀୟ ବେଦରୁ ପ୍ରମାଣ ମିଳେ । ମହିଳାମାନଙ୍କୁ ସଶକ୍ତ କରିବା କେବଳ ସେମାନଙ୍କୁ ଅଧିକାର ଦେବା ବିଷୟରେ ନୁହେଁ,ଏହା ସେମାନଙ୍କର ସମ୍ଭାବନାକୁ ଚିହ୍ନଟ କରିବା ଏବଂ ଏପରି ଏକ ସମାଜ ଗଠନ କରିବା ବିଷୟରେ, ଯେଉଁଠାରେ ମହିଳାମାନେ ଉନ୍ନତି କରିପାରିବେ, ବୃଦ୍ଧି ହୋଇ ପାଇପାରିବ ଏବଂ ସେମାନଙ୍କର ସ୍ୱପ୍ନ ପୂରଣ କରିପାରିବେ। ମହିଳାମାନଙ୍କର ସଶକ୍ତୀକରଣ ରାଷ୍ଟ୍ର ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଏବଂ ଏହାକୁ ରାଷ୍ଟ୍ର ନିର୍ମାଣର ଏକ ଚାବିକାଠି ଭାବରେ ବିବେଚନା କରାଯାଏ, କାରଣ ଏହା କେବଳ ମହିଳାମାନଙ୍କର ସ୍ଥିତିକୁ ଉନ୍ନତ କରେ ନାହିଁ ବରଂ ଦେଶର ସାମଗ୍ରିକ ଅଭିବୃଦ୍ଧି ଏବଂ ସମୃଦ୍ଧିରେ ମଧ୍ୟ ଯୋଗଦାନ କରେ,ଯାହା ଶିକ୍ଷା, ନିଯୁକ୍ତି ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଅଭିବୃଦ୍ଧି,ସାମାଜିକ କଲ୍ୟାଣରେ ଉନ୍ନତି, ସମ୍ପ୍ରଦାୟକୁ ସୁଦୃଢ଼ କରିବା ଏବଂ ଗଣତନ୍ତ୍ରକୁ ସୁଦୃଢ଼ କରିବା ସହିତ ନିରନ୍ତର ବିକାଶ ଆଣିଥାଏ। ସ୍ୱାଧୀନ ଭାରତର ସମ୍ବିଧାନ ମହିଳାମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ପୁରୁଷଙ୍କ ସହ ସମାନ ହେବାର ଅଧିକାର ଦେଇଛି। ବର୍ତ୍ତମାନ ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ରହିଛନ୍ତି । ଶିକ୍ଷା,ବିଜ୍ଞାନ,କ୍ରୀଡ଼ା, ରାଜନୀତି, ସେନାବାହିନୀ, ସମ୍ବାଦିକତା ଏବଂ ଚଳଚ୍ଚିତ୍ର ସମେତ ଅନ୍ୟାନ୍ୟ ଗଣମାଧ୍ୟମରେ, ସବୁଥିରେ ମହିଳାମାନେ ତାଙ୍କ ସ୍ଥାନ ଦଖଲ କରିପାରିଛନ୍ତି । ରାଜନୀତି କ୍ଷେତ୍ରରେ, ବିଶ୍ୱର ଅନ୍ୟ ଯେକୌଣସି ଦେଶ ତୁଳନାରେ ଭାରତରେ ଶୀର୍ଷ ପଦବୀରେ ମହିଳାମାନଙ୍କର ଅନୁପାତ ସର୍ବାଧିକ। ଫଳସ୍ୱରୂପ, ଆଧୁନିକ ଭାରତରେ ମହିଳାମାନେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଲୋକ ସଭାର ବାଚସ୍ପତି, କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟ ମନ୍ତ୍ରୀ, ରାଜ୍ୟପାଳ, ବିରୋଧୀ ଦଳ ନେତ୍ରୀ, ବିଭିନ୍ନ କମ୍ପାନୀର ପରିଚାଳନା ମୁଖ୍ୟ ତଥା ଅନ୍ୟ ସମସ୍ତ କ୍ଷେତ୍ର, ଯଥା କ୍ରୀଡ଼ା, ଆନ୍ତର୍ଜାତୀୟ କୂଟନୀତି ଇତ୍ୟାଦି କ୍ଷେତ୍ରରେ ମଧ୍ୟ ସେମାନେ ଶୀର୍ଷ ପଦବୀରେ ଅବସ୍ଥାପିତ ହୋଇପାରିଛନ୍ତି । ନାରୀ ଶକ୍ତି ହେଉଛି ନାରୀଙ୍କ ସଶକ୍ତି ଏବଂ ସ୍ୱାଧୀନତାର ପ୍ରତୀକ, ଯାହା ମହିଳାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ ଏବଂ ସମାଜର ଉନ୍ନତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଯେତେବେଳେ ମହିଳାମାନେ ଶିକ୍ଷା, ଆର୍ଥିକ ସୁଯୋଗ, ସ୍ୱାସ୍ଥ୍ୟସେବା ଏବଂ ରାଜନୈତିକ ଅଂଶଗ୍ରହଣରେ ସମାନ ପ୍ରବେଶ ପାଆନ୍ତି, ସେମାନେ ନିଜ ପରିବାରର ଉନ୍ନତି କରିପାରିବେ,ମାନବ ସମ୍ବଳର ପୂର୍ଣ୍ଣ ଉପଯୋଗ ସୁନିଶ୍ଚିତ କରିପାରିବେ, ଅର୍ଥନୀତିରେ ଯୋଗଦାନ ଦେଇପାରିବେ ଏବଂ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିପାରିବେ।

ଯେତେବେଳେ ମହିଳାମାନଙ୍କୁ ସଶକ୍ତ କରାଯାଏ,ସେମାନେ କର୍ମକ୍ଷେତ୍ରରେ ପ୍ରବେଶ କରିପାରିବେ, ଉଦ୍ୟୋଗୀ ହୋଇପାରିବେ ଏବଂ ଜାତୀୟ GDPରେ ଅଧିକ ସହଯୋଗ କରିପାରିବେ । ମହିଳାମାନଙ୍କୁ ସଶକ୍ତ କରିବା ଦ୍ୱାରା ଅଧିକ ଉତ୍ପାଦକତା, ଅଭିନବ ଚିନ୍ତାଧାରାଏବଂ ସାମଗ୍ରିକ ଆର୍ଥିକ ଅଭିବୃଦ୍ଧି ଘଟିଥାଏ। ମହିଳାମାନଙ୍କ ପାଇଁ ଅଧିକ ଆର୍ଥିକ ସ୍ୱାଧୀନତା ପରିବାରର ଆୟ ଏବଂ ପରିବାର କଲ୍ୟାଣକୁ ଯଥେଷ୍ଟ ବୃଦ୍ଧି କରିପାରିବ।

ସଶକ୍ତ ମହିଳାମାନେ ପ୍ରାୟତଃ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପାଇଁ ପ୍ରାଥମିକତା ଦେଇଥାଆନ୍ତି, ଯାହା ପିଲାମାନଙ୍କ ଏବଂ ସମଗ୍ର ସମ୍ପ୍ରଦାୟ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇଥାଏ। ମହିଳାମାନଙ୍କୁ ସଶକ୍ତ କରିବା ଦ୍ୱାରା ଅଧିକ ସାମାଜିକ ସ୍ଥିରତା ଆସିଥାଏ ଏବଂ ଜଳବାୟୁ ପରିବର୍ତ୍ତନ ତଥା ଖାଦ୍ୟ ଅସୁରକ୍ଷା ଭଳି ଚ୍ୟାଲେଞ୍ଜର ମୁକାବିଲା କରିବାରେ ସାହାଯ୍ୟ ମିଳିପାରେ। ମହିଳାମାନଙ୍କୁ ସଶକ୍ତ କରିବା ହେଉଛି ଲିଙ୍ଗଗତ ସମାନତା ହାସଲ କରିବାର ଏକ ସିଧାସଳଖ ପଥ,ଯାହା ସମସ୍ତଙ୍କ ପାଇଁ ଏକ ନିଷ୍ପାପର ଏବଂ ଅଧିକ ନ୍ୟାୟପୂର୍ଣ୍ଣ ସମାଜ ସୃଷ୍ଟି କରିଥାଏ। ମହିଳାମାନେ ପ୍ରାୟତଃ ପରିବର୍ତ୍ତନର ପ୍ରମୁଖ ଏଜେଣ୍ଟ,ଯାହା ଅଧିକ ସ୍ୱନ୍ଦନଶୀଳ ଏବଂ ଅନ୍ତର୍ଭୁକ୍ତ ସମ୍ପ୍ରଦାୟକୁ ଆଗେଇ ନେଇଥାଏ। ସମାଜର ସମସ୍ତ ସ୍ତରରେ ନିଷ୍ପତ୍ତି ଗ୍ରହଣରେ ମହିଳାଙ୍କ ଅଂଶଗ୍ରହଣ ରାଜନୈତିକ ଏବଂ ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ। ନେତୃତ୍ୱ ଭୂମିକାରେ ମହିଳାମାନେ ସକାରାତ୍ମକ ସାମାଜିକ ସଂସ୍କାର ପାଇଁ ପ୍ରେରଣା ଦେଇଥାଆନ୍ତି।

ସଶକ୍ତିକରଣ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଉତ୍ସାହିତ କରେ,ଏଥିରେ ଘରେ, ସ୍କୁଲରେ, କର୍ମକ୍ଷେତ୍ରରେ ମହିଳାମାନଙ୍କ ପାଇଁ ସୁରକ୍ଷା ପ୍ରଦାନ କରିବା, ଆତ୍ମବିଶ୍ୱାସୀ ଏବଂ ସେମାନଙ୍କ ସମ୍ପ୍ରଦାୟ ଏବଂ ରାଷ୍ଟ୍ର ବିକାଶରେ ସକ୍ରିୟ ରହିବା ଅନ୍ତର୍ଭୁକ୍ତ। ଏହା ସହିତ ସେମାନଙ୍କୁ କ୍ୟାରିଅର, ବ୍ୟକ୍ତିଗତ ଜୀବନ ଏବଂ ପରିବାର ବିଷୟରେ ନିଜର ପସନ୍ଦ କରିବାକୁ ସକ୍ଷମ କରାଏ। ସମାଜରେ ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବା ପାଇଁ ମହିଳାମାନଙ୍କ ପାଇଁ ନିଶ୍ଚିତ ଅଧିକାର ଏବଂ ସୁଯୋଗ ସହିତ ଭେଦଭାବ ଏବଂ ହିଂସାରୁ ମୁକ୍ତି ମୌଳିକ। ସ୍ୱୟଂ ସହାୟକ ଗୋଷ୍ଠୀ (SHG)ଏବଂ ମହିଳା ସଶକ୍ତିକରଣ ସମାନ। ମହିଳାମାନଙ୍କ କଲ୍ୟାଣ ପାଇଁ ଅନେକ SHG ସଂଗଠିତ। ଅତ୍ୟାବଶ୍ୟକୀୟ ଦକ୍ଷତା ତାଲିମ,ସେମାନଙ୍କୁ କେବଳSHG ପ୍ରତିଷ୍ଠା କରିବାରେ ସାହାଯ୍ୟ କରେ ନାହିଁ ବରଂ ସେମାନଙ୍କର ରୋଜଗାର କ୍ଷମତା ବୃଦ୍ଧି କରିବା ପାଇଁ ସେଗୁଡ଼ିକୁ ପରିଚାଳନା ଏବଂ ନିର୍ମାଣ କରିବାରେ ସାହାଯ୍ୟ କରେ। ଭାରତରେ 'ମିଶନ ଶକ୍ତି' ଏବଂ 'ବେଟି ବଚାଓ,ବେଟି ପଢ଼ାଓ' ଭଳି ସରକାରୀ ପଦକ୍ଷେପଗୁଡ଼ିକ ମହିଳାମାନଙ୍କର ନିରାପତା, ସୁରକ୍ଷା, ଏବଂ ସଶକ୍ତିକରଣ ପାଇଁ ଲକ୍ଷ୍ୟ ରଖାଯାଇଛି, ଯାହା ଦେଶର ପ୍ରଗତିରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିଥାଏ। ମହିଳା ସଶକ୍ତିକରଣ ଏବଂ ଆର୍ଥିକ, ସାମାଜିକ ଏବଂ ପରିବେଶଗତ କ୍ଷେତ୍ରରେ ଲିଙ୍ଗଗତ ସମାନତା ବିନା ସ୍ଥାୟୀ ବିକାଶ ହାସଲ କରିବା ଅସମ୍ଭବ। ମହିଳାମାନଙ୍କୁ ସଶକ୍ତ କରିବା କେବଳ ସଠିକ୍ କାର୍ଯ୍ୟ ନୁହେଁ; ଏହା ଏକ ବୁଦ୍ଧିମାନ କାର୍ଯ୍ୟ। ଯେତେବେଳେ ମହିଳାମାନେ ଉନ୍ନତି କରନ୍ତି, ଅର୍ଥନୀତି ସମୃଦ୍ଧ ହୁଏ ଏବଂ ବିଶ୍ୱ ସମସ୍ତଙ୍କ ପାଇଁ ଏକ ଭଲ ସ୍ଥାନ ହୋଇଯାଏ। ମହିଳାଙ୍କ ଅବସ୍ଥା ଉନ୍ନତ ନ ହେଲେ ବିଶ୍ୱର କଲ୍ୟାଣ ହେବାର କୌଣସି ସମ୍ଭାବନା ନାହିଁ,ଯେପରି ପକ୍ଷୀ ଗୋଟିଏ ପକ୍ଷରେ ଉଡ଼ିବା ସମ୍ଭବ ନୁହେଁ। ମହିଳାମାନେ ସମାଜର ପ୍ରକୃତ ସ୍ଥପତି।

# ଧର୍ମର ସଂଜ୍ଞା ଓ ଧର୍ମର ଏକ ତାତ୍ତ୍ୱିକ ବିଶ୍ଳେଷଣ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଧର୍ମ ହେଉଛି ନିର୍ଦ୍ଦିଷ୍ଟ ଆଚରଣ ଏବଂ ଅଭ୍ୟାସ, ବିଶ୍ୱ ଦୃଷ୍ଟିକୋଣ, ଦିବ୍ୟଗ୍ରନ୍ଥ, ତୀର୍ଥ, ଭବିଷ୍ୟବାଣୀ, ନୈତିକତା ଇତ୍ୟାଦି ଯାହା ମାନବକୁ ଆଲୌକିକ, ଆଧ୍ୟୟନିକ କିମ୍ବା ଆଧ୍ୟାତ୍ମିକ ଉପାଦାନ ସହିତ ଜଡ଼ିତ କରୁଥିବା ସାମାଜିକ-ସାଂସ୍କୃତିକ ବ୍ୟବସ୍ଥା । ଧର୍ମ କହିଲେ ଜୀବ କଲ୍ୟାଣ ଏବଂ ଅନ୍ତଃକରଣ ଶୁଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଆଚରଣର ନିୟମକୁ ବୁଝାଇଥାଏ। ଅଧର୍ମ କହିଲେ ନିଷିଦ୍ଧ କର୍ମକୁ ବୁଝାଇଥାଏ ଯାହା ପତନର କାରଣ ହୋଇଥାଏ ଏବଂ ସମାଜର ହାନି କରିଥାଏ। ଆସୁରିକ ସ୍ୱଭାବରେ ଶାସ୍ତ୍ର ଜ୍ଞାନ ପ୍ରତି ଶ୍ରଦ୍ଧା ନ ଥାଏ। ସୁତରାଂ, ଯେଉଁମାନଙ୍କର ସ୍ୱଭାବ ଆସୁରିକ, ସେମାନେ ଠିକ୍ ଭୁଲ୍‌ର ବିଚାର କରିପାରନ୍ତି ନାହିଁ। ଆସୁରିକ ସ୍ୱଭାବର ବ୍ୟକ୍ତିମାନେ ଉଚିତ୍-ଅନୁଚିତ୍‌ର ବିବେଚନା କରି ପାରନ୍ତି ନାହିଁ। ତେଣୁ ସେମାନଙ୍କ ଚରିତ୍ରରେ ଶୁଦ୍ଧତା, ସତ୍ୟ କିମ୍ବା ଉଚିତ୍ ଆଚରଣ ଦୃଷ୍ଟିଗୋଚର ହୋଇ ନ ଥାଏ। ସେମାନେ କହନ୍ତି, "ସଂସାର ସତ୍ୟ ରହିତ ଅଟେ । ଏହାର ଆଧାର (ଧାର୍ମିକ) କିଛି ନାହିଁ ଏବଂ ଏହା ଈଶ୍ୱରହୀନ (ଯିଏ ସୃଷ୍ଟି କରନ୍ତି ଏବଂ ନିୟନ୍ତ୍ରଣ କରନ୍ତି) ଅଟେ। ଏହା ଦୁଇ ଲିଙ୍ଗର ସଂଯୋଗରେ ସୃଷ୍ଟି ହୋଇଛି ଏବଂ ଯୌନ ସନ୍ତୋଷ ଅତିରିକ୍ତ ଏହାର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ। ଅନୈତିକ ବ୍ୟବହାରରୁ କ୍ଷାନ୍ତ ହେବାର ଦୁଇଟି ଉପାୟ ଅଛି। ପ୍ରଥମଟି, ଇଚ୍ଛାଶକ୍ତିର ଉପଯୋଗ କରି ଅଧର୍ମଠାରୁ ଦୂରେଇ ରହିବା ଏବଂ ଦ୍ୱିତୀୟ ଉପାୟଟି, ଭଗବାନଙ୍କ ଭୟରେ ପାପରୁ ନିବୃତ୍ତ ରହିବା। କେବଳ ନିଜ ଇଚ୍ଛାଶକ୍ତି ଉପଯୋଗ କରି ପାପ କର୍ମରୁ ନିବୃତ୍ତ ରହିବା ବ୍ୟକ୍ତି ବହୁତ କମ୍ ଅଛନ୍ତି। ଅଧିକାଂଶ ବ୍ୟକ୍ତି ଦଣ୍ଡ ଭୟରେ ଅସତ୍ ଆଚରଣ କରିବାରୁ ନିବୃତ ହୁଅନ୍ତି। ଉଦାହରଣ ସ୍ୱରୂପ, ଆମେ ରାଜପଥରେ ଲକ୍ଷ୍ୟ କରୁ, ଯେତେବେଳେ ଗୋଟିଏ ପୋଲିସ ଗାଡ଼ି ଦେଖାଯାଏ, ଲୋକମାନେ ତାଙ୍କ ଯାନର ଗତିକୁ ମନ୍ଥର କରିଦିଅନ୍ତି। କିନ୍ତୁ ଯେତେବେଳେ ଧରାପଡ଼ି କୌଣସି ଭୟ ନ ଥାଏ, ସେମାନେ ଗତିକୁ ସୀମା ଅତିରିକ୍ତ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ। ତେଣୁ ଆମେ ଯଦି ଭଗବାନଙ୍କୁ ବିଶ୍ୱାସ କରିବା, ଅନୈତିକ କାର୍ଯ୍ୟରୁ ଦୂରରେ ରହିବା। ତା ପରିବର୍ତ୍ତେ ଯଦି ଆମେ ଭଗବାନଙ୍କୁ ବିଶ୍ୱାସ କରିବା ନାହିଁ, ତେବେ ମଧ୍ୟ ତାଙ୍କର ସମସ୍ତ ନିୟମ ଆମ ପ୍ରତି ଲାଗୁ ହେବ ଏବଂ ଆମେ ଅନୁଚିତ୍ କର୍ମର ପରିଣତି ଭୋଗ କରିବା।

ଭିନ୍ନ ଭିନ୍ନ ଧର୍ମରେ ଦିବ୍ୟ, ପବିତ୍ର ବସ୍ତୁ, ବିଶ୍ୱାସ, ଅଲୌକିକ ଜୀବ କିମ୍ବା ଅଲୌକିକ ଜୀବନ କିମ୍ବା 'ଅବଶିଷ୍ଟ ଜୀବନ ପାଇଁ ମାନଦଣ୍ଡ ଏବଂ ଶକ୍ତି ପ୍ରଦାନ କରିବା ଭଳି କିଛି ଚିରନ୍ତନତା ଏବଂ ଅପାର୍ଥିବତା' ଆଦି ବିଷୟ ରହିଥାଇପାରେ କିମ୍ବା ନଥାଇପାରେ । ଧାର୍ମିକ ଅଭ୍ୟାସଗୁଡ଼ିକ ଭିତରେ ରୀତିନିତି, ଧର୍ମୋପଦେଶ, (ଦେବତା ଏବଂ/କିମ୍ବା ସନ୍ଥମାନଙ୍କ ପ୍ରତି) ସ୍ମାରକ କିମ୍ବା ଅତ୍ୟଧିକ ସମ୍ମାନ, ବଳିଦାନ, ପର୍ବ, ଭୋଜି, ପ୍ରଣାମ, ଆରମ୍ଭ, ଅନ୍ତିମକ୍ରିୟା, ବିବାହ କାର୍ଯ୍ୟ, ଧ୍ୟାନ, ପ୍ରାର୍ଥନା, ସଂଗୀତ, କଳା, ନୃତ୍ୟ, ଜନ ସେବା କିମ୍ବା ମାନବ ସଂସ୍କୃତିର ଅନ୍ୟ ଦିଗ ଅନ୍ତର୍ଭୁକ୍ତ ହୋଇପାରେ । ଧର୍ମଗୁଡ଼ିକରେ ବିଭିନ୍ନ ପରାଭୌତିକ କାହାଣୀସବୁ ରହିଛି । ଏସବୁ ପବିତ୍ର ଶାସ୍ତ୍ର, ପ୍ରତୀକ ଏବଂ ପବିତ୍ର ସ୍ଥାନମାନଙ୍କରେ ସଂରକ୍ଷିତ ହୋଇ ରହେ ଏବଂ ତାହାର ଉଦ୍ଦେଶ୍ୟ ସାଧାରଣତଃ ଜୀବନକୁ ଅର୍ଥପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ହୋଇଥାଏ । ଧର୍ମରେ ଥିବା ସାଙ୍କେତିକ କାହାଣୀସବୁକୁ ବେଳେବେଳେ ଅନୁଗାମୀମାନେ ସତ୍ୟ ବୋଲି କହିଥାନ୍ତି । ଏସବୁର ଉଦ୍ଦେଶ୍ୟ ଜୀବନର ଉତ୍ପତ୍ତି, ବ୍ରହ୍ମାଣ୍ଡ ଏବଂ ଅନ୍ୟାନ୍ୟ ଜିନିଷର ବ୍ୟାଖ୍ୟା କରିବା । ପାରମ୍ପରିକ ଭାବେ କାରଣ ରହିତ ବିଶ୍ୱାସକୁ ଧାର୍ମିକ ବିଶ୍ୱାସର ଉତ୍ସ ଭାବେ ବିବେଚନା କରାଯାଇଛି । ବିଶ୍ୱରେ ପ୍ରାୟ ୧୦,୦୦୦ରୁ ଅଧିକ ଧର୍ମ ରହିଛି । ବିଶ୍ୱ ଜନସଂଖ୍ୟାର ୮୪ ଭାଗ ଲୋକ ଖ୍ରୀଷ୍ଟ, ହିନ୍ଦୁ, ଇସ୍ଲାମ, ବୌଦ୍ଧ ତଥା ଲୋକପ୍ରଥା ସହ ଯୋଡି ହୋଇଛନ୍ତି । ଅବଶିଷ୍ଟ ଲୋକମାନେ ନିଜକୁ କୌଣସି ନିର୍ଦ୍ଦିଷ୍ଟ ଧର୍ମର ବୋଲି ଭାବନ୍ତି ନାହିଁ କିମ୍ବା ସେମାନେ ନିଜକୁ ନାସ୍ତିକ ବୋଲି ମାନନ୍ତି ।

ଆସୁରିକ ପ୍ରବୃତ୍ତିଯୁକ୍ତ ବ୍ୟକ୍ତିମାନେ କୌଣସି ପ୍ରକାରର ପ୍ରାଧିକରଣ ଏବଂ ନିୟମନକୁ ସ୍ୱୀକାର କରନ୍ତି ନାହିଁ, ଯାହା ଭଗବତ୍ ବିଶ୍ୱାସର ଏକ ଆବଶ୍ୟକୀୟ ଅନୁଶାସନ ଅଟେ। ସେମାନଙ୍କ ମତରେ ଭଗବାନ ବୋଲି କେହି ନାହାଁନ୍ତି ଏବଂ ସଂସାରର କୌଣସି ଧାର୍ମିକ ଆଧାର ନାହିଁ। ସେମାନେ "ମହା ବିସ୍ଫୋଟ ସିଦ୍ଧାନ୍ତ" ପରି ପରିକଳ୍ପନାର ପ୍ରଚାର କରନ୍ତି, ଯାହା ଅନୁଯାୟୀ ସୃଷ୍ଟିର ଶୂନ୍ୟ ସମୟରେ ଘଟିଥିବା ଏକ ଆକସ୍ମିକ ବିସ୍ଫୋରଣରୁ ସଂସାରର ସୃଷ୍ଟି ହୋଇଛି, ତେଣୁ ଏହି ସଂସାରକୁ ବ୍ୟବସ୍ଥିତ ରଖିବାକୁ କୌଣସି ଭଗବାନ ନାହାଁନ୍ତି। ଏହିପରି ସିଦ୍ଧାନ୍ତ ସେମାନଙ୍କୁ ନିଃସଂକୋଚରେ କିମ୍ବା କୌଣସି ପରିଣାମର ଭୟ ନ ଥାଇ ଇନ୍ଦ୍ରିୟ ସୁଖ ଉପଭୋଗ କରିବାରେ ନିୟୋଜିତ କରିଥାଏ। ବିଭିନ୍ନ ଇନ୍ଦ୍ରିୟ ସୁଖଭୋଗ ମଧ୍ୟରୁ, ଯୌନ ସମ୍ଭୋଗର ଇଚ୍ଛା ଅତି ପ୍ରବଳ ଅଟେ। ଏହାର କାରଣ ଭୌତିକ ଜଗତ ଆଧ୍ୟାତ୍ମିକ ଜଗତର ଏକ ବିକୃତ ପ୍ରତିରୂପ ଅଟେ। ଆଧ୍ୟାତ୍ମିକ ଜଗତରେ, ମୁକ୍ତ ଆତ୍ମା ଗୁଡିକର ଭଗବାନଙ୍କ ସହିତ ସମ୍ପର୍କ ଯୋଡ଼ିବାର ଆଧାର ଦିବ୍ୟପ୍ରେମ ଅଟେ। ମାୟିକ ଜଗତରେ ଏହାର ବିକୃତ ପ୍ରତିରୂପ ଯୌନ ସମ୍ଭୋଗ, ମାୟାଧୀନ ଜୀବମାନଙ୍କର ଚେତନାରେ ପ୍ରାଧାନ୍ୟ ବିସ୍ତାର କରିଥାଏ, ବିଶେଷତଃ ଯେଉଁମାନେ ରଜଗୁଣ-ପ୍ରଧାନ ଅଟନ୍ତି। ଅତଏବ, ଆସୁରିକ ସ୍ୱଭାବର ବ୍ୟକ୍ତି ଯୌନ ସମ୍ଭୋଗକୁ ମାନବ ଜୀବନର ଉଦ୍ଦେଶ୍ୟ ନିର୍ଦ୍ଧାରିତ କରିଥାଆନ୍ତି । ଏପରି ସିଦ୍ଧାନ୍ତକୁ ଦୃଢ଼ ଭାବରେ ଗ୍ରହଣ କରି ଏହି ବିପଥଗାମୀ ଜୀବ, ସେମାନଙ୍କର ସ୍ୱଳ୍ପ ବୁଦ୍ଧି ଏବଂ ନିଷ୍ଠୁର କର୍ମ ଦ୍ୱାରା, ସଂସାରର ବିଧ୍ୱଂସକରୀ ଶତ୍ରୁ ରୂପରେ ଦେଖାଦିଅନ୍ତି। ଆସୁରିକ ସ୍ୱଭାବର ବ୍ୟକ୍ତିମାନେ, ସଠିକ୍ ଆତ୍ମ-ଜ୍ଞାନରୁ ବଞ୍ଚିତ ହୋଇ, ତାଙ୍କର ଅଶୁଦ୍ଧ ବୁଦ୍ଧିଦ୍ୱାରା, ସତ୍ୟର ସିଦ୍ଧାନ୍ତକୁ ବିକୃତ କରିଦିଅନ୍ତି। ଏହାର ଏକ ଉଦାହରଣ ହେଉଛି ଚାର୍ବାକ୍‌ଙ୍କର ସିଦ୍ଧାନ୍ତ ଯିଏ କି, ଭାରତ ଇତିହାସର ଜଣେ ପ୍ରସିଦ୍ଧ ଭୌତିକବାଦୀ ଦାର୍ଶନିକ ଅଟନ୍ତି । ସେ କହିଥିଲେ....

'ଯାବଜ୍ଜୀବେତ ସୁଖଂ ଜୀବେତ୍,
ଋଣମ୍ କୃତ୍ୱା ଘୃତଂ ପିବେତ୍
ଭସ୍ମୀ ଭୂତସ୍ୟ ଦେହସ୍ୟ
ପୁନରାଗମନଂ କୃତଃ' ।

ଯେତେଦିନ ପର୍ଯ୍ୟନ୍ତ ଜୀବିତ ରହିଛ, ନିଜକୁ ଉପଭୋଗ କର । ଯଦି ଘୃତ ପାନ କରିବାକୁ ଇଚ୍ଛା କରୁଥାଅ, ଆବଶ୍ୟକ ସ୍ଥଳେ ଋଣ କରି ମଧ୍ୟ, ତାହା କର। ଶରୀରର ଦାହସଂସ୍କାର କରାଯିବା ପରେ, ତୁମର ଅସ୍ତିତ୍ୱ ରହିବ ନାହିଁ ଏବଂ ତୁମେ ସଂସାରକୁ ପୁଣି ଫେରିବ ନାହିଁ । ତେଣୁ ତୁମ କର୍ମର ପରିଣାମକୁ ନେଇ ଚିନ୍ତିତ ହୁଅ ନାହିଁ । ଏହିପରି ଭାବରେ, ଆସୁରିକ ସ୍ୱଭାବଯୁକ୍ତ ବ୍ୟକ୍ତି ଆତ୍ମାର ନିତ୍ୟତା ଏବଂ କର୍ମ ପ୍ରତିକ୍ରିୟାର ସମ୍ଭାବନାକୁ ପ୍ରତ୍ୟାଖାନ କରି ଥାଆନ୍ତି। ସେଥିପାଇଁ ସେମାନେ ନିର୍ଦ୍ୱନ୍ଦରେ ସ୍ୱାର୍ଥପର ଏବଂ ନିଷ୍ଠୁର କର୍ମରେ ଲିପ୍ତ ରହନ୍ତି। ଯଦି ସେମାନେ ଅନ୍ୟମାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ହୋଇଥାଆନ୍ତି, ତେବେ ସେମାନେ ନିଜର ବିଭ୍ରାନ୍ତିକର ଭୌତିକବାଦୀ ମତକୁ ଅନ୍ୟମାନଙ୍କ ଉପରେ ନ୍ୟସ୍ତ କରିଥାନ୍ତି। ସେମାନଙ୍କର ଆତ୍ମ-କୈନ୍ଦ୍ରିକ ଲକ୍ଷ୍ୟ, ଅନ୍ୟମାନଙ୍କ ପାଇଁ ଦୁଃଖର କାରଣ ହେଉ କିମ୍ବା ସଂସାରର ବିନାଶର କାରଣ ହେଉ ପଛେ, ତାହାକୁ ହାସଲ କରିବା ପାଇଁ ସେମାନେ ଦ୍ୱିଧାହୀନ ଭାବରେ ଅବିଶ୍ରାନ୍ତ ଉଦ୍ୟମ କରିଥାନ୍ତି। ମାନବ ଇତିହାସ ବାରମ୍ବାର ଏହିପରି ଆତ୍ମବଡ଼ିମାପୂର୍ଣ୍ଣ ସମ୍ରାଟ, ଯଥା ହିଟ୍‌ଲର, ମୁସୋଲିନ୍, ଷ୍ଟାଲିନ୍ ଇତ୍ୟାଦିଙ୍କୁ ଦେଖିଛି, ଯେଉଁମାନେ ତାଙ୍କର ବିକୃତ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ ସଂସାରରେ ଅକଥନୀୟ ଯନ୍ତ୍ରଣା ଏବଂ ବିନାଶ ଆଣି ଦେଇଥିଲେ ଏମାନେ ସବୁ ଆସୁରିକ ସ୍ୱଭାବ ଯୁକ୍ତ ଥିଲେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ଶତାଧିକ ବିଦ୍ୟୁତ କର୍ମଚାରୀଙ୍କୁ ଛଟେଇ: ଅସନ୍ତୋଷ ବଢୁଛି

ବାରିପଦା, ନ୍ୟୁଜ ବ୍ୟୁରୋ: ଟାଟା ପାୱାର ବିଦ୍ୟୁତ ବିତରଣ ସଂସ୍ଥା ମନମାନି କାର୍ଯ୍ୟ ପାଇଁ ରାଜ୍ୟ ସରକାର ବଦନାମ ମୁଣ୍ଡେଇଲେଣି । ମନଇଚ୍ଛା ବିଦ୍ୟୁତ କର୍ମଚାରୀ ମାନଙ୍କୁ ଛଟେଇ କରିବା ଆରମ୍ଭ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୧୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ମାନଙ୍କୁ ଛଟେଇ କରି ସାରିଥିବା ବେଳେ ଆଗକୁ ଆହୁରି ଛଟେଇ କରିବାକୁ ଯାଉଛନ୍ତି । ଏମିତି କି ଉଚ୍ଚ କୁଶଳୀ କର୍ମଚାରୀ ମାନଙ୍କୁ ମନ ଇଚ୍ଛା ବେତନ କାଟ କରୁଛି । ଯାହାକୁ ନେଇ ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିଅନ୍ ପକ୍ଷରୁ ବିରୋଧ କରି ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା ଟିପିଏନଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଓଡ଼ିଶା ଡିସକମ ମୁଖ୍ୟ ଗଜାନନ କାଲେଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ୪ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟରତ କର୍ମଚାରୀଙ୍କୁ ଟାଟା ପାୱାର ବିଜନେସ ଆସୋସିଏଟ ସଂସ୍ଥା ମାନେ ଛଟେଇ କରୁଥିବା ବେଳେ ପୁନଃ ନିଯୁକ୍ତି ଦେଉନାହାଁନ୍ତି । ତେଣୁକରି କର୍ମଚାରୀ ମାନଙ୍କ ହିତ ପାଇଁ ଦ୍ୱିପାକ୍ଷିକ ଆଲୋଚନା କରି ତୁରନ୍ତ ସମାଧାନ ନିମନ୍ତେ ଦାବୀ ଗୁଡ଼ିକ ଉପସ୍ଥାପନ କରିଛନ୍ତି । ଦାବି ଅନୁଯାୟୀ, ୨୦୨୨ରୁ କାର୍ଯ୍ୟରତ ୫୫ରୁ ଉର୍ଦ୍ଧ୍ୱ ଡାଟା ଏଣ୍ଟ୍ରି ଅପରେଟରଙ୍କ ଛଟେଇ ବନ୍ଦ କରି ପୁନଃ ନିଯୁକ୍ତି ପ୍ରଦାନ, ଅନୁଭବ କେନ୍ଦ୍ରରେ କାର୍ଯ୍ୟରତ ୩୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ, ୧୧୦ରୁ ଉର୍ଦ୍ଧ୍ୱ ଉଚ୍ଚ କୁଶଳୀଙ୍କ ବେତନ କୁଶଳୀକୁ ପରିବର୍ତ୍ତନ କରାଯାଇଥିବା ବେଳେ ତାହାକୁ ବାତିଲ କରିବା, ଟିପିଏନଓଡିଏଲରେ ବିଭିନ୍ନ ଫିଲ୍ଡ ୟୁନିଟ, ସେକ୍ସନ, ଗ୍ରୀଡ, ୩୩ କେଭି ୧୧ କେଭି ମେଣ୍ଟେନାନ୍ସ, ଏଲ୍.ଟି. ଅପରେସନ ମେଣ୍ଟେନାନ୍ସରେ ଦୀର୍ଘ ୪ ବର୍ଷ ଭିତରେ ଅହେତୁକ ଅଭିବୃଦ୍ଧି ଘଟିଛି । କିନ୍ତୁ ୪ବର୍ଷ ଭିତରେ ରେଗୁଲାର ଏବଂ ଆଉଟ ସୋସିଂ ଠିକା କର୍ମଚାରୀ ମାନଙ୍କ ଅଭିବୃଦ୍ଧି ଘଟିନାହିଁ । ତାହାକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଯାଡ଼ଷ୍ଟିକ୍ ଅନୁଯାୟୀ ନୂତନ ନିଯୁକ୍ତି ଓ ବିଭିନ୍ନ କାର୍ଯ୍ୟାଳୟ କର୍ମଚାରୀ ସଂଖ୍ୟା ବୃଦ୍ଧି କରିବା ଆଦି ଦାବି ରହିଛି । ଟାଟା ଗ୍ରୁପରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକାର ସକାରାତ୍ମକ ପଦକ୍ଷେପ ମାନ ଗ୍ରହଣ କରି ମାନ ବୃଦ୍ଧି କରିଛନ୍ତି । ରାଜ୍ୟରେ ଟାଟା ପାୱାର ଆସିବା ପରେ ଅନେକ ସଂଖ୍ୟକ ରେଗୁଲାର ଓ ଠିକା କର୍ମଚାରୀ ନିଯୁକ୍ତି ହୋଇଛନ୍ତି । ଯାହା ଦ୍ୱାରା ବେକାରୀ ସମସ୍ୟା ଅନେକ ମାତ୍ରାରେ ଦୂରୀଭୂତ ହେବାରେ ସହାୟକ ହୋଇଛି । ତେବେ ବର୍ତ୍ତମାନ ଏହିପରି କର୍ମଚାରୀ ଛଟେଇ କରିବା ଆଦୌ ଗ୍ରହଣୀୟ ନୁହେଁ । ତେଣୁକରି ଦାବି ଗୁଡ଼ିକ ତୁରନ୍ତ ସମାଧାନ କରିବା ନିମନ୍ତେ କମ୍ପାନୀ ପକ୍ଷରୁ ଆବଶ୍ୟକତା ପଦକ୍ଷେପ ଗ୍ରହଣ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି । ଦାବି ପୂରଣ ନେଇ ପଦକ୍ଷେପ ଗ୍ରହଣ ନକରିଲେ ଆଗକୁ ଶ୍ରମିକ ଆନ୍ଦୋଳନ ତୀବ୍ର ରୂପ ଧାରଣା କରିବ ବୋଲି ଚେତାବନୀ ଦେଇଛନ୍ତି । ଦାବିପତ୍ର ଏକକ ନକଲ ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ, ଶ୍ରମ ମନ୍ତ୍ରୀ, ଶ୍ରମ ବିଭାଗ ମୁଖ୍ୟ ସଚିବ, ରାଜ୍ୟ ଶ୍ରମିକ ଆୟୁକ୍ତ ସମେତ ରାଜ୍ୟ ସରକାର ଓ ଟିପିଏନଓଡିଏଲ ଅନ୍ୟ ଅଧିକାରୀ ମାନଙ୍କୁ ପ୍ରଦାନ କରାଯାଇଛି ।

# ବରିଷ୍ଠ ନାଗରିକ ସଂଗଠନ ତରଫରୁ ମହାନଦୀ ନେତ୍ର ଚିକିତ୍ସାଳୟ ଅଧିକ୍ଷକଙ୍କୁ ଦାବିପତ୍ର

ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ: ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରର ପଣ୍ଡାପାଲି ସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟର ଅଧିକ୍ଷକଙ୍କୁ ଶୁକ୍ରବାର ବରିଷ୍ଠ ନାଗରିକ ସଂଗଠନ ତରଫରୁ ଏକ ଦାବିପତ୍ର ପ୍ରଦାନ କରା ଯାଇଛି ।ଏହି ଦାବିପତ୍ରରେ ଚକ୍ଷୁ ସଂପର୍କୀତ ଔଷଧ ଓ ଚଷମା ଉପରେ ୨୦% ରିହାତି ପ୍ରଦାନ, ବରିଷ୍ଠ ନାଗରିକ ମାନଙ୍କୁ ଚିକିତ୍ସା ତଥା ଅନ୍ୟାନ୍ୟ ସେବା କ୍ଷେତ୍ରରେ ଅଗ୍ରାଧିକାର ପ୍ରଦାନ,ପରିମଳ ଓ ପରିଛନ୍ନତା ପ୍ରତି ଧ୍ୟାନ ଦେବା, ଚିକିତ୍ସାଳୟର ବିଭିନ୍ନ ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ଆଦି ବିଷୟ ଉଲ୍ଲେଖ ରହିଛି । ବରିଷ୍ଠ ନାଗରିକ ସଂଗଠନର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ନେତୃତ୍ୱରେ ଅନୁଷ୍ଠାନ ର ସଂପାଦକ ସନ୍ତୋଷ କୁମାର ଷଡଙ୍ଗୀ, ପୂର୍ବତନ ସଭାପତି ଭଗବାନ ମିଶ୍ର ଓ କୃଷ୍ଣଚନ୍ଦ୍ର ପାଢ଼ୀ, ସଦସ୍ୟ ଧନୁ ପଧାନ, ଭୂଷଣ କୁମାର ପାତ୍ର,ଦ୍ୱିତୀକୃଷ୍ଣ ପଣ୍ଡା, ବାସୁଦେବ ପଣ୍ଡା, ଗୋପୀନାଥ ମହାକୁର, ଅକ୍ଷୟ ମିଶ୍ର, ବଳରାମ କାଣ୍ଡ, ଜ୍ଞାନେନ୍ଦ୍ର ତ୍ରିପାଠୀ, ତ୍ରିନାଥ ମିଶ୍ର,ଅକ୍ରୁର ଦନ୍ତା,ଚମରା ମହାକୁର, ଜୀତେନ୍ଦ୍ର ପଧାନ,ସତ୍ୟ ନାରାୟଣ ନାୟକ, ଜନ୍ମେଶ୍ୱର ପଧାନ , ପ୍ରମୁଖ ସାମିଲ୍ ହୋଇଥିଲେ ।ଏଇ ଉପଲକ୍ଷେ ଆୟୋଜିତ ସଭାରେ ଅଧିକ୍ଷକ ଦେବେନ୍ଦ୍ର କୁମାର ସାହୁ ଦାବିପତ୍ରକୁ ସମ୍ମାନ ଜଣାଇ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ନେତ୍ର ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ବିଭୁ ପ୍ରସାଦ ବଳିଆର ସିଂହ,କ୍ଲିନିକାଲ୍ ଷ୍ଟାଫ୍ ପ୍ରତ୍ୟୁଷ ରଞ୍ଜନ ଦାଶ,ଅମରେଶ ଦଣ୍ଡସେନା,ମନୋରଞ୍ଜନ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶିଷ୍ଟ କଣ୍ଠଶିଳ୍ପୀ ଡ. ଅନସୂୟା ନାଥଙ୍କୁ 'ମାର୍ଗଶିରର ମହକ ସମ୍ମାନ' ପ୍ରଦାନ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ: ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍) ର ସାମାଜିକ ଓ ସାଂସ୍କୃତିକ ଶାଖା କ୍ରିଆଟିଭୋ ପକ୍ଷରୁ ଗୁରୁବାର ଦିନ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଗଣିତ ବିଭାଗର ପ୍ରଫେସର ଡ. ଅନସୂୟା ନାଥଙ୍କର 'ମାର୍ଗଶିରର ମହକ ସମ୍ମାନ' ରେ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଡ. ନାଥଙ୍କର କିଛି ପ୍ରସିଦ୍ଧ ଭଜନ 'ଧନ ମାଳିରେ ସୁନା ଥାଳିରେ ତତେ ଗେଲ କରିବାକୁ ମନ'... 'ଆଲୋ ରାଇ ରାଇ ... ଡିଙ୍ଗି ଦେ ଦୁଲୁକେଇ ଲୋ' ଇତ୍ୟାଦିରେ ଗୁରି ଉଠିଥିଲା । କ୍ରିଆଟିଭୋ ପକ୍ଷରୁ ଆୟୋଜିତ ମାର୍ଗଶିରର ମହକ କାର୍ଯ୍ୟକ୍ରମର ତୃତୀୟ ସଂସ୍କରଣରେ ତାଙ୍କୁ ରୌପ୍ୟ ଫଳକ, ମାନପତ୍ର ତଥା ଉପଢୌକନ ପ୍ରଦାନ କରାଯାଇଥିଲା । ଏହି ଭବ୍ୟ ଉତ୍ସବରେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଯୋଗ ଦେଇ ଏପରି ଅଭିନବ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଓଡିଆ ସଂସ୍କୃତି ଆଧାରିତ ପର୍ବପର୍ବାଣୀ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । କ୍ରିଆଟିଭୋର ଆବାହକ ଡ. ଭୁବନାନନ୍ଦ ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଆଇଏଏସ୍‌ର ଡିନ୍ ପ୍ରଫେସର ସଂତୋଷ କୁମାର ରାଉତ, ସୋଆ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନସେସ୍ ଆଣ୍ଡ ଆନିମଲ ହଜବ୍ୟାଣ୍ଡେରୀ (ଆଭିଏସ୍ଏଏଚ) ର ଡିନ୍ ପ୍ରଫେସର ସୁଶାଂ ଦାସ ଓ ପ୍ରଫେସର ସରୋଜ କୁମାର ମହାଁ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡ. ଦୀପାଳି ଦାଶ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଲୋପାମୁଦ୍ରା ମହାଁ ଧନ୍ୟବାଦ ପ୍ରଦାନ କରିଥିଲେ । ଶ୍ରୀ ମାନସ ଦାସ, ଶ୍ରୀ ବିଶ୍ୱଜିତ୍ ମିଶ୍ର, ଡ. ରାଜୀବ କୁମାର ବେହେରା, ଡ. ରାକେଶ ଶତପଥୀ ଉତ୍ସବ ପରିଚାଳନା କରିଥିଲା ବେଳେ ଡ. ବିଷ୍ଣୁପ୍ରିୟା ପାତ୍ର, ଡ. ରାମକୃଷ୍ଣ ବସ୍ତିଆ, ଡ. ସୁବ୍ରତ ସେନାପତି ଓ ଡ. ବିଦ୍ୱାନ ରଂଜନ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ । ଉତ୍ସବରେ ପୂର୍ବ ଆୟୋଜିତ ସାଧାରଣ ଜ୍ଞାନ ଓ ଝୋଟି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ସବୁ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

# ଜୈବିକ ପ୍ରଣାଳୀରେ ଫସଲ ଚାଷ ପାଇଁ କୃଷକମାନଙ୍କୁ ଉତ୍ସାହ ପ୍ରଦାନ



ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ: ସୁବର୍ଣ୍ଣପୁର ଜିଲ୍ଲା କୃଷି କାର୍ଯ୍ୟାଳୟ କାର୍ଯ୍ୟାଳୟ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲା ସ୍ଥିତ ପୋଲିଟେକନିକ ମହାବିଦ୍ୟାଳୟ ଠାରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରୁଦ୍ରଦେବ ରାଉତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଏଡିଓ ସୋନପୁର ଘନଶ୍ୟାମ ଦେହୁରୀ, ଜିଲ୍ଲା ମୁଖ୍ୟ ପଶୁଚିକିତ୍ସକ ଅଧିକାରୀ ଡାକ୍ତର ରଞ୍ଜନ କୁମାର ଦାସ, ଅଞ୍ଚଳ ପରିଚାଳକ ମାର୍କଫେଡ଼, ଘନେଶ୍ୱର ମହାପାତ୍ର, ନିର୍ମଳ କ୍ରିଷ୍ଟାନୀ ପିପିଏଲ ସମ୍ବଲପୁରର ମାର୍କେଟ ଡେଭଲପମେଣ୍ଟ ଅଧିକାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଥମେ ଜିଲ୍ଲାର ଦୁଇ ଉପଖଣ୍ଡରୁ ଆସିଥିବା ଚାଷୀମାନେ ପଞ୍ଜୀକରଣ କରିବା ପରେ ମୃତ୍ତିକା ଦିବସ ପାଳନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଗ୍ରହଣ କରିଥିଲେ । ଏହି ବର୍ଷ ବିଶ୍ୱ ମୃତ୍ତିକା ଦିବସର ବିଷୟ ବସ୍ତୁ ରହିଛି 'ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା' । ଏହି ଅବସରରେ ଚାଷୀ ମାନଙ୍କୁ ଜୈବିକ ପ୍ରାଣଳୀରେ ଚାଷ କରିବା ପାଇଁ ଉତ୍ସାହିତ କରାଯାଇଛି । ଏହି ଅବସରରେ ଶ୍ରୀ ରାଉତ କହିଛନ୍ତି ଯେ ଚାଷୀମାନେ ହିଁ ମୃତ୍ତିକା । ଜଣେ ଚାଷୀ ଭାବରେ ଆମେ ପ୍ରଥମେ ମୃତ୍ତିକାର ସୁସ୍ଥତା ବା ତାର ଉର୍ବରତା ବିଷୟରେ ନିହାତି ଚିନ୍ତା କରିବା ଜରୁରୀ । ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବିଶ୍ୱରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଏହି ଦିବସକୁ ଆମେ ମାତ୍ର ଦିବସ ପାଳନ କଲେ ଅତ୍ୟୁକ୍ତି ହେବ ନାହିଁ । ୨୦୧୪ ମସିହାରୁ ସରକାରୀ ଭାବରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଉଛି ଏବଂ ଏହି ୧୦ ବର୍ଷରେ ସରକାର ମୃତ୍ତିକାକୁ କେମିତି ସୁରକ୍ଷା ଦିଆଯିବ ଏବଂ ଆଗାମୀ ପିଢ଼ି ପାଇଁ ସଂରକ୍ଷିତ ରଖାଯିବ ସେଥିପାଇଁ ଲୋକଙ୍କୁ ସଚେତନ କରିଛନ୍ତି । ମୃତ୍ତିକାକୁ କେମିତି ପରୀକ୍ଷା କରାଯାଇପାରିବ ଏବଂ ତାର ନମୁନା କେମିତି ମୃତ୍ତିକା ପରୀକ୍ଷା କେନ୍ଦ୍ରକୁ ପଠାଯାଇ ପାରିବ, ସେ ବିଷୟରେ ବିସ୍ତାର ରୂପରେ ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ । ଜୈବିକ ଖତ ବ୍ୟବହାର କରିବା ପାଇଁ ଚାଷୀ ମାନଙ୍କୁ ଉପଦେଶ ଦେବା ସହିତ ପରାମର୍ଶ ଦିଆଯାଇଥିଲା ।

# ମଦନମୋହନ ଜୀଉ ଓ ଶନିଶ୍ଚର ମହାରାଜାଙ୍କ ପ୍ରଥମ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବ୍ୟାସନଗର, ନ୍ୟୁଜ ବ୍ୟୁରୋ: ଯାଜପୁର ଜିଲ୍ଲାର ଧର୍ମଶାଳା ପଂଚାୟତ ସମିତି ଅନ୍ତର୍ଗତ ବିଛାଖଣ୍ଡିସ୍ଥ ମଦନମୋହନ ଜୀଉ ଓ ଶନିଶ୍ଚର ମହାରାଜାଙ୍କ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଚାରିଦିନ ବ୍ୟାପି ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଅଙ୍କୁରାରୋପଣ କଳସଯାତ୍ରା,ଯଜ୍ଞକାର୍ଯ୍ୟ ସହ ପଂଚାୟତ ହାଇସ୍କୁଲ ବିଛାଖଣ୍ଡି, ସରସ୍ୱତୀ ଶିଶୁ ମନ୍ଦିର ଓ ମଦନମୋହନ ଉ.ପ୍ରା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ପଣ୍ଡିତ ଗଣେଶ୍ୱର ପରିଡାଙ୍କ ପ୍ରବଚନ, ନିତାଇଗୌର (ଇସ୍କନ) ଭଜନ, ରାମପୁର-କଇଥାର ଲଉଡ଼ି ଖେଳ, ଅନନ୍ତ-ଗୋପାଳ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବକୁ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା ବିଛଖଣ୍ଡିର ଅଧିବାସୀ ପ୍ରଫେସର ଡ଼.କୁଶଚନ୍ଦ୍ର ପ୍ରଧାନ, ଗ୍ରାମ ମୁଖ୍ୟ କାଳନ୍ଦୀ ପାଣି ଓ ଧବଳେଶ୍ୱର ପ୍ରଧାନଙ୍କ ମାର୍ଗ ଦର୍ଶନ, ଗ୍ରାମର ସମସ୍ତ ଯୁବକମାନଙ୍କ ଆୟୋଜନ, ଗ୍ରାମବାସୀ ମାନଙ୍କ ସକ୍ରିୟ ସହଯୋଗ ଓ ଅଂଚଳର ସମସ୍ତ ମଦନମୋହନ ପ୍ରେମୀ ଭକ୍ତମାନଙ୍କ ସହଯୋଗୀତା ଉତ୍ସବର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥିଲା । ଉତ୍ସବର ଅନ୍ତିମ ଦିନରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦିତ ହୋଇଥିବାବେଳେ ଏକ ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କବିତା ପାଠ ଉତ୍ସବ ରେ ଡ଼ଃ କୁଶଚନ୍ଦ୍ର ପ୍ରଧାନ ଅଧକ୍ଷତା କରିଥିବାବେଳେ ଇଂ ସରୋଜକୁମାର ବେହେରା ସଂଯୋଜନା କରିଥିଲେ । ପ୍ରଥମେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟକ ରାଜକିଶୋର ପାଢ଼ୀ, ମୁଖ୍ୟ ବକ୍ତା ଭାବେ ପ୍ରଫେସର ମନୋରଞ୍ଜନ ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ ଶିକ୍ଷାବିତ ପ୍ରଫେସର ଡ଼ଃ ଦୁଷ୍ମନ୍ତ ନାୟକ, ମଧୁସୂଦନ ମହାପାତ୍ର, ରବୀନ୍ଦ୍ରନାଥ ବେହେରା, ଶଚିଦାନନ୍ଦ ଗୁରୁ, ନବଘନ ଦାସ, ଅଧକ୍ଷା କବିତା ବିଶ୍ୱାଳ, ଅଧ୍ୟାପିକା ପଦ୍ମିନୀ ତ୍ରିପାଠୀ, ରବିନାରାୟଣ ଶତପଥୀ, ଭଗବାନ ଦାସ, ଧନେଶ୍ୱର ଦାସ, ଗନ୍ଧର୍ବ ଚରଣ ଦାସ, ସୁରେଶ କୁମାର ମଲ୍ଲିକ, ପ୍ରଫେସର ସନ୍ତୋଷ କୁମାର ବେହେରା,ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମଲ୍ଲ, ଅଜୟ କୁମାର ପୃଷ୍ଟି, ସୂର୍ଯ୍ୟକାନ୍ତ ସାହୁ ତଥା ଅନେକ ଛାତ୍ରଛାତ୍ରୀ ବକ୍ତବ୍ୟ ସହ ସ୍ୱରଚିତ କବିତା ପାଠ କରିଥିଲେ । ସମସ୍ତ ଅତିଥି କବି ଓ କବୟିତ୍ରୀ ମାନଙ୍କୁ ପ୍ରମାଣପତ୍ର ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ତିମ ପର୍ଯ୍ୟାୟରେ ଏକ ସମ୍ବର୍ଦ୍ଧନା ସଭା ଡ଼ଃ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରୀର ପ୍ରାକ୍ତନ ବିଧାୟିକା ସୁନନ୍ଦା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ଗ୍ରାମର ଉଦୀୟମାନ ବ୍ୟକ୍ତିତ୍ୱ ପୂର୍ଣ୍ଣଚନ୍ଦ୍ର ଦାଶ, କାଳନ୍ଦୀ ପାଣି, ଧବଳେଶ୍ୱର ପ୍ରଧାନ, ପ୍ରାକ୍ତନ ଶିକ୍ଷକ ହାଡ଼ିବନ୍ଧୁ ସାମଲ,ଭୀମସେନ ନାୟକ, ରାଜୀବ ରାଉଳ, ଶିକ୍ଷକ ଦୁଖୀଶ୍ୟାମ ଦୋରା, ପଣ୍ଡିତ ଗଣେଶ୍ୱର ପରିଡା, ଗଣେଶ୍ୱର ବେହେରା, ପଙ୍କଜ ମଲ୍ଲ, ଆନନ୍ଦଚନ୍ଦ୍ର ପ୍ରଧାନ, ଦେବେନ୍ଦ୍ର କୁମାର ଦାସ, ଅଜୟ କୁମାର ସାହୁ, ଯଜ୍ଞ କାର୍ଯ୍ୟରେ ନିୟୋଜିତ ସମସ୍ତ ପଣ୍ଡିତ ମାନେ, ପୂଜାରୀ ଧ୍ରୁବ ଚରଣ ପାଣି ପ୍ରଭୃତିଙ୍କୁ ଡ଼ଃ ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ ।ପଞ୍ଚାୟତ ହାଇସ୍କୁଲ ବିଛାଖଣ୍ଡିର ଛାତ୍ର ଆକାଶ କୁମାର ବେହେରା ଧର୍ମଶାଳା ବ୍ଲକ ବିଜ୍ଞାନ ପ୍ରଦର୍ଶନୀ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଚାରିଦିନ ବ୍ୟାପି ପଚାଶ ହଜାରରୁ ଉର୍ଦ୍ଧ ଭକ୍ତମାନେ ମନ୍ଦିର ଦର୍ଶନ କରିବା ସହ ଆନନ୍ଦ ବଜାରରେ ସକାଳ ୧୦ ଘଟିକାରୁ ରାତ୍ର ୧୨ଟା ପର୍ଯ୍ୟନ୍ତ ପ୍ରସାଦ ସେବନ କରିବାସହ ସାଂସ୍କୃତିକ ତଥା ଆଧ୍ୟାତ୍ମିକ କାର୍ଯ୍ୟକୁ ଉପଭୋଗ କରିଥିଲେ । ଶେଷରେ ସମସ୍ତ ଗ୍ରାମବାସୀବୃନ୍ଦ ସବୁସମୟରେ ଏକମନ, ଏକଆତ୍ମା ଓ ଏକ ହୃଦୟ ହୋଇ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ଦିଗରେ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ । ହରିବୋଲ ଓ ହୁଳହୁଳି ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହେଉଥିଲା ।

# ଓଡ଼ିଶାର ଜୈବସମ୍ବଳ ଏବଂ ମାନବ କଲ୍ୟାଣରେ ସେମାନଙ୍କର ଉପଯୋଗ' ଶୀର୍ଷକ ଆଲୋଚନାଚକ୍ର




ବ୍ୟାସନଗର, ନ୍ୟୁଜ ବ୍ୟୁରୋ: ଯାଜପୁର ରୋଡ୍ ସ୍ଥିତ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଏବଂ ଓଡ଼ିଶା ଉଦ୍ଭିଦ ବିଜ୍ଞାନ ସମାଜ (ଓଡ଼ିଶା ବଟାନିକାଲ୍ ସୋସାଇଟି)ର ମିଳିତ ଆନୁକୂଲ୍ୟରେ ଗୁରୁବାର କଲେଜ ସମ୍ମିଳନୀ କକ୍ଷରେ 'ଓଡ଼ିଶାର ଜୈବସମ୍ବଳ ଏବଂ ମାନବ କଲ୍ୟାଣରେ ସେମାନଙ୍କର ଉପଯୋଗ" ଶୀର୍ଷକ ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି କ୍ଷଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଭାତ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧକ୍ଷ ଶରତ କୁମାର ମଲ୍ଲିକ ସ୍ୱାଗତ ଭାଷଣ ଦେଇ ଓଡ଼ିଶାର ସମୃଦ୍ଧ ଜୈବସମ୍ବଳ ଉପରେ ଜ୍ଞାନ ବଣ୍ଟନ ପାଇଁ ଏକ ମଞ୍ଚ ସୃଷ୍ଟି କରିବାର ପ୍ରୟାସକୁ ପ୍ରଶଂସା କରିଥିଲେ । ଅଧ୍ୟାପିକା ଡ. ପ୍ରତିଭା ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ତଥା ଓଡ଼ିଶା ଉଦ୍ଭିଦ ସମାଜର ସଭାପତି ପ୍ରଫେସର କୁଞ୍ଜ ବିହାରୀ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଞ୍ଚଳିକ ଜୈବ ସମ୍ପଦ ସଂରକ୍ଷଣ ଏବଂ ପ୍ରଭାବଶାଳୀ ବ୍ୟବହାରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ଉଦ୍ଭିଦ ବିଜ୍ଞାନ ସମାଜର କୋଷାଧକ୍ଷ ତଥା ଏସ୍.ଜେ. କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଆଶୀର୍ବାଦ ମହାପାତ୍ର, ଭିଏନ ସ୍ୱୟଂଶାସିତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ପୂର୍ବତନ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ତ୍ରିପାଠୀ ଏବଂ ବିନୋଦ ବିହାରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଏହି ଆଲୋଚନାଚକ୍ର ମାନବ କଲ୍ୟାଣ ନିମନ୍ତେ ଓଡ଼ିଶାର ଜୈବ ସମ୍ପଦର ସ୍ଥାୟୀ ବ୍ୟବହାର ବିଷୟରେ ଆଲୋଚନା କରିବା ପାଇଁ ଏକ ଅର୍ଥପୂର୍ଣ୍ଣ ମଞ୍ଚ ପ୍ରଦାନ କରିଛି । କଲେଜର ଛାତ୍ରଛାତ୍ରୀ ଏବଂ ଅଧ୍ୟାପିକା ଅଧ୍ୟାପକମାନେ ଏହି ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିଲେ ।

# ଖରିଫ ଧାନକ୍ରୟ ନେଇ ଜିଲ୍ଲାସ୍ତରୀୟ ସମୀକ୍ଷା

ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ: ସୁବର୍ଣ୍ଣପୁର ଜିଲ୍ଲା ନୋଡାଲ ସଚିବ ତଥା ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ବେସାମରିକ ଯୋଗାଣ ନିଗମ, କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ କରି ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ମିନି ସମ୍ମିଳନୀ କକ୍ଷରେ ନୋଡାଲ ସଚିବଙ୍କ ଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲାର ଖରିଫ ଧାନ କ୍ରୟ ସମ୍ବନ୍ଧୀୟ ପ୍ରସ୍ତୁତି ସହିତ ସମସ୍ତ ମଣ୍ଡି ଓ ପ୍ରାଥମିକ କୃଷି ସେବା ସମବାୟ ସମିତି ମାନଙ୍କରେ ଆନୁଷଙ୍ଗିକ ସରକାରୀ ସୁବିଧା ସୁନିଶ୍ଚିତ କରିବା ପାଇଁ ସମୀକ୍ଷା କରାଯାଇଥିଲା । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ, ମୁଖ୍ୟ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ସୁବର୍ଣ୍ଣପୁର, ଅତିରିକ୍ତ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ସୁବର୍ଣ୍ଣପୁର, ଜିଲ୍ଲା ସମବାୟ ସମିତି ନିବନ୍ଧକ, ସୁବର୍ଣ୍ଣପୁର, ଉପ ନିବନ୍ଧକ ସମବାୟ ସମିତି, ସୋନପୁର, ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି ଓ ସୋନପୁର ଙ୍କ ସମେତ ଜିଲ୍ଲା ସମସ୍ତ ପଞ୍ଚାୟତ ସମିତିରେ କାର୍ଯ୍ୟରତ ଯୋଗାଣ ନିରିକ୍ଷକମାନେ ଯୋଗଦାନ କରିଥିଲେ ।



# କାମ ନପାଇ ସୁବର୍ଣ୍ଣପୁର ଜିଲ୍ଲା ଠିକାଦାରମାନଙ୍କ ଅସନ୍ତୋଷ



ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ: ସୋନପୁର ସହର ସ୍ଥାନୀୟ ପିଡବ୍ଲୁଡି ଡାକବଙ୍ଗଳା ଠାରେ ଜିଲ୍ଲା ଠିକାଦାର ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍‌ର ଠିକାଦାର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାର ସମସ୍ତ ବିଭାଗର ନିର୍ମାଣ କାମରେ ଅନ୍ୟୁନ୍ୟ ୧ କୋଟି ପର୍ଯ୍ୟନ୍ତ ବାହାରୁଥିବା ସମସ୍ତ ଠିକା କାମରେ କେବଳ ସୁବର୍ଣ୍ଣପୁର ଜିଲ୍ଲାର ଠିକାଦାର ମାନେ ହିଁ ଅଂଶଗ୍ରହଣ କରିବେ ଓ ବାହାର ଜିଲ୍ଲାର ଠିକାଦାର ମାନଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ବାରଣ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି । ଅନ୍ୟ ଜିଲ୍ଲାର ଠିକାଦାର ମାନଙ୍କୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡରରେ ଅଂଶ ଗ୍ରହଣ ନ କରିବାକୁ ଅନୁରୋଧ କରାଯାଇଛି । ଯଦି ଦରକାର ପଡ଼େ ଏ ଦିଗରେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି । ସୂଚନା ଯୋଗ୍ୟ ଯେ ଅନେକ ଛୋଟ ଛୋଟ କାମ ଗୁଡ଼ିକର ଟେଣ୍ଡର ବାହାର ଜିଲ୍ଲାର ଠିକାଦାର ହାତଉ ଥିବା ବେଳେ ଜିଲ୍ଲାର ଠିକାଦାର ମାନେ କାମ ନ ପାଇ ବ୍ୟାପକ କ୍ଷତି ସହୁଛନ୍ତି ବୋଲି ଅଭିଯୋଗ କରିଛି ସଂଘ । ସଂଘର ସଭାପତି ଜୟ ମାଧବ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୁଶ ସାହୁ (ସାଧାରଣ ସମ୍ପାଦକ), ରାମକୃଷ୍ଣ ଦାସ (ସଧାରଣ ସମ୍ପାଦକ), ସୁମିତ୍ ପୂଜାହାରି (ଉପ ସଭାପତି) ଶିବ ନାରାୟଣ ବହିଦାର, ସତ୍ୟନାରାୟଣ ତ୍ରୀପାଠୀ, ଶରତ ମହାପାତ୍ର, ପୁଲକ ମିଶ୍ର, ବାପି ଦାସ, ସୁଧୀର ପଣ୍ଡା, ରଞ୍ଜିତ ରାୟ, ଗୁପ୍ତ ମିଶ୍ର, ବିପ୍ର ଦାସ, ଅମିୟ ରଞ୍ଜନ ଦାସ, ବୁବୁନ ମିଶ୍ର, ଶେଷ ମେହେର, କୁନାଲ୍ ପଧାନ, ସୌରଭ ବେଦବାକ, ରାଜୁ ପଣ୍ଡା, ଦେବ ତ୍ରିପାଠୀ, ସତ୍ୟନାରାୟଣ ପାଣ୍ଡେ, ରଜତ ଅଗ୍ରୱାଲ୍, କିରଟି ଦାଶ ପ୍ରମୁଖ ଠିକାଦାର ବୈଠକ ରେ ଉପସ୍ଥିତ ଥିଲେ ।

# ତ୍ରେତୟା ଯୁଗର ଆରାଧ ଦେବୀ ମାଁ ଦୁର୍ଗେଇ ଦେବୀଙ୍କ ବାର୍ଷିକ ପୂଜନୋତ୍ସବ ସମ୍ପନ୍ନ

ପଦ୍ମପୁର, ନ୍ୟୁଜ ବ୍ୟୁରୋ: ପଦ୍ମପୁର ଉପଖଣ୍ଡ ପାଇକମାଲ ବ୍ଲକ ମିଠାପାଲି ପଞ୍ଚାୟତ ମନଭଙ୍ଗ ଡ୍ୟାମ ଦେଇ ମାଁ ଙ୍କ ପୀଠ ସ୍ଥଳୀ ତ୍ରିତୟା ନୃସିଂହନାଥ ପର୍ବତମାଳା ଶିଖରେ ଅବସ୍ଥିତ ମାଁ ଦୁର୍ଗେଇଦେବୀ (ବୁଢ଼ୀ) ଙ୍କ ବାର୍ଷିକ ପୂଜାନୋତ୍ସବ ସମ୍ପନ୍ନ ହୋଇଯାଇଛି । ତା ୪ ରୁ ୫ ରିଖ ପର୍ଯ୍ୟନ୍ତ ଦୁଇ ଦିନ ଧରି ମାଁ ଦୁର୍ଗେଇ ଦେବୀଙ୍କ ବାର୍ଷିକ ପୂଜାନୋତ୍ସବ ଅନୁଷ୍ଠିତ ହୋଇଥିଲା । ପୂର୍ବବଧି ପରମ୍ପରା ଅନୁସାରେ ମାର୍ଗଶୀର ପୂର୍ଣ୍ଣିମା ତିଥିରେ ଗୁରୁବାର ଦିନ ଭୋର ସକାଳୁ ୪ ଘଣ୍ଟା ସମୟରେ ଦେହେରୀ (ଝାଙ୍କର) ସୁବାଷ ମଲ୍ଲିକ ଙ୍କ ଘରୁ ମାଁ ଙ୍କ ସାଜସଜ୍ଜା ତଥା ଦେବୀ ଙ୍କ ବସ୍ତ୍ର, ଖଣ୍ଡା ପାଟ ଶାଢ଼ୀ, ଅଳଙ୍କାର ଙ୍କୁ ପୂଜାର୍ଚ୍ଚନା ସହ ଆବାହନ ନିମନ୍ତ୍ରଣ କରା ଯାଇଥାଏ । ପରେ ବଜାଗଜା ଘଣ୍ଟ ଶଙ୍ଖ ସହ ଶୋଭାଯାତ୍ରାରେ ବାହାରି ସାଢ଼େ ୩ କିଲୋମିଟର ପାହାଡ଼ି ରାସ୍ତା ଉପରେ ଚାଲିଚାଲି ମାଁ ଙ୍କ ପୀଠ ସ୍ଥଳୀ କୁ ପହଞ୍ଚି ଥିଲେ । ପହଞ୍ଚିବା ପରେ ସେଠାରେ ସକାଳ ୮ ଘଣ୍ଟା ସମୟରେ ମାଁ ଦୁର୍ଗେଇ ଦେବୀଙ୍କ ସହ ପାର୍ଶ୍ୱ ଦେବ ଦେବୀଙ୍କର ଶୁକ୍ଳପୂଜା ସହ ପୂଜା ସମାପନ କରା ଯାଇଥାଏ । ରାତିରେ ମାଁ ଙ୍କ ଠାରେ ବଳୀଭୂଜା ଦିଆଯାଇଥାଏ । ମାନସିକ ଧାରିମାନେ ନଡ଼ିଆ ଜୁଗାର ଭୋଗ ସହିତ ବୁକା କୁକୁଡ଼ା ଆଦି ମାଁ ଙ୍କ ଠାରେ ବଳି ଦେଇଥାନ୍ତି । ପୂଜାର୍ଚ୍ଚନା ସମାପ୍ତି ପରେ ପରଦିନ ସକାଳୁ ପର୍ବତ ଶିଖରୁ ଆସି ମାନସିକ ଧାରିମାନେ ନିଜ ନିଜ ମଧ୍ୟରେ ପ୍ରସାଦ ସେବନ ପାଇଁ ଏକ ମନୋରମା ପରିବେଷ୍ଟିତ ମନଭଙ୍ଗ ଡ୍ୟାମ ପାଖରେ ରନ୍ଧାବଢା ର ଆୟୋଜନ କରି ବେଶ ଉପଭୋଗ କରିଥାନ୍ତି । ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା କୋଶଳୀ ହାସ୍ୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ହାସ୍ୟ କବି ଲଳିତ ବିଗଙ୍କ ସମେତ ଅନେକ କବିଗଣ ନିଜ ସ୍ୱରଚିତ କବିତା ମାନ ଆବୃତ କରିଥିଲେ । କିମ୍ବଦନ୍ତୀ ଅନୁସାରେ, ଯମୁନା କନ୍ଧୁଣୀ, ନୃସିଂହନାଥ ମହାପ୍ରଭୁ ଆବିର୍ଭାବ ହେଇଥିବା ବେଳେ ମାଁ ଦୁର୍ଗେଇ ଦେବୀଙ୍କ ଆରାଧ୍ୟ ଦେବୀ ଙ୍କ ଦୈବୀଶକ୍ତି ଉପାସନା ପରମ୍ପରା ସ୍ୱତନ୍ତ୍ରତା ରହିଅଛି । ମାଁ ଙ୍କ ଆରାଧନା କଲେ ସାନିଧ ଲାଭ କରିବା ସହ ମାନସିକ ପୂରଣ ହୋଇଥାଏ ବୋଲି ପୂର୍ଣ୍ଣ ବିଶ୍ୱାସ ରହିଛି । ନିଘଞ୍ଚ ଅରଣ୍ୟ ଓ ବନ୍ୟଜନ୍ତୁ ଙ୍କ ବାସସ୍ଥଳୀ ସତ୍ତ୍ୱେ ମାଁ ଦୂର୍ଗେଇଦେବୀ ଙ୍କ ପୂଜା ରେ କୌଣସି ଦିନ ଅଟଘଣ ଘଟିନାହିଁ । ଯାହାକି ମାଙ୍କ ଅପାର କରୁଣା ରହିଥିବା ବିଶ୍ୱାସ ରହିଛି ।ମାଁଙ୍କ ବାର୍ଷିକ ପୂଜାନୋତ୍ସବରେ ପାଇକମାଲ, ପଦ୍ମପୁର, ଝାରବନ୍ଧ, ବରଗଡ଼, ସମ୍ବଲପୁର,ନୂଆପଡା,ପାଟଣାଗଡ, କୋମନା,ସହ ପଡୋଶୀ ରାଜ୍ୟ ଛତିଶଗଡ଼ ରୁ ବହୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ସମାଗମ ପରିଲକ୍ଷିତ ହୋଇଥିଲା ।ନୂଆପଡା ଏହି ମାଁ ଦୂର୍ଗେଇ ଦେବୀ ଙ୍କ ପୀଠକୁ ବିଦ୍ୟୁତ କରଣ,ଯିବା ପାଇଁ ପାହାଚ ନିର୍ମାଣ କରିବାକୁ ଅଞ୍ଚଳ ବାସୀଙ୍କ ଦାବୀ ହେଉଛି । ସରକାର ଦୃଷ୍ଟି ଦେଇ ଏହି ମାଁ ଦୁର୍ଗେଇଦେବୀ ବୁଢ଼ୀ ମା'ଙ୍କ ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଦାବୀ ହେଉଛି । ପୂଜକ ସ୍ୱାଷ ମଲ୍ଲିକ, ଅନିରୁଦ୍ଧ ମଲ୍ଲିକ, ସଚ୍ଚିଦାନନ୍ଦ ମଲ୍ଲିକ, ତ୍ରିନାଥ ମଲ୍ଲିକ, ପ୍ରଦୀପ ମଲ୍ଲିକ, ଦେହୁରୀ ରଣଜିତ ମଲ୍ଲିକ, ସୁବାଚନ ମଲ୍ଲିକ, ବିଶିକେଶନ ମଲ୍ଲିକ, ଦୁର୍ଗେଇ ଦେବୀ ପୂଜା ପରିଚାଳନା କମିଟି ସଭାପତି ମଧୁସୁଦନ ପାଣ୍ଡେ, ଉପ ସଭାପତି ପୂର୍ଣ୍ଣ ଚନ୍ଦ୍ର ଭୋଇ, ସଂପାଦକ ବେଣୁଧର ମଲ୍ଲିକ, ସହ ସଂପାଦକ ତ୍ରିନାଥ ମଲ୍ଲିକ, କୋଷାଧକ୍ଷ ହିରଣ୍ୟ ମଲ୍ଲିକ, ମନଭଙ୍ଗ ଗୌନ୍ତିଆ ଅନନ୍ତରାମ ଭୋଇ, ମିଠାପାଲି ପୂର୍ବତନ ସରପଞ୍ଚ ଶ୍ରୀ ପାନାଲାଲ ସେଠ,ଦିବ୍ୟ ହଂସ ପ୍ରମୁଖଙ୍କ ସହ ଅନ୍ୟ ମାନେ ସହଯୋଗ କରିଥିଲେ । ମାଁ ଙ୍କ ବାର୍ଷିକ ପୂଜାନୋତ୍ସବ ଯାତ୍ରା ଶାନ୍ତି ଶୃଙ୍ଖଳା ସହ ସମାପନ ହୋଇଥିଲା ।

# ରାଷ୍ଟ୍ରବାଦୀ ସଂଗଠକ ନିର୍ମଳ ଷଡଙ୍ଗୀଙ୍କ ସ୍ମୃତିସଭା




କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ: ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପୂର୍ବତନ ରାଜ୍ୟ ସଂଗଠନ ସମ୍ପାଦକ ତଥା ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସଂଯୋଜକ ନିର୍ମଳ ଷଡ଼ଙ୍ଗୀଙ୍କ ଅକାଳ ବିୟୋଗରେ କେନ୍ଦ୍ରାପଡ଼ାରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ନିର୍ମଳ ଷଡ଼ଙ୍ଗୀ ସ୍ମୃତି ସମିତି ଆନୁକୂଲ୍ୟରେ ସ୍ଥାନୀୟ ଗରାପୁର ସ୍ଥିତ ଶିବାନନ୍ଦ ଆଶ୍ରମରେ କାର୍ଯ୍ୟକ୍ରମର ସଂଯୋଜକ ଅମୃତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଦିବ୍ୟ ଜୀବନ ସଂଘର ସଭାପତି ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଦ୍ୱୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପୂର୍ବପ୍ରାନ୍ତ ସହ ବୌଦ୍ଧିକ ପ୍ରମୁଖ ବିଶ୍ୱମ୍ଭର ପାଣି, ଏବିଭିପିର ପୂର୍ବ ପ୍ରାନ୍ତ ସଂଗଠନ ସମ୍ପାଦକ ବୁଦ୍ଧଦେବ ବାଗ, ବିଜେପି ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ହିନ୍ଦୁ ଜାଗରଣ ସାମୁଖ୍ୟର ରାଜ୍ୟ ସଂଯୋଜକ ତନ୍ମୟ ଦାଶ,ଅଖିଳ ଭାରତୀୟ କାର୍ଯ୍ୟକର୍ତ୍ତା ପ୍ରମୋଦ ରାଉତ,ଏବିଭିପି ରାଜ୍ୟ ଉପସଭାପତି ବୈଲୋଚନ ଦାସ, ସ୍ୱଦେଶୀ ଜାଗରଣ ମଞ୍ଚର ଜିଲ୍ଲା ସଂଯୋଜକ ମନୋରଞ୍ଜନ ମିଶ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରା, ପୂର୍ବତନ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଛାୟତ, ବରିଷ୍ଠ କାର୍ଯ୍ୟକର୍ତ୍ତା ବୈଦ୍ୟନାଥ ଚାଟାର୍ଜୀ, ରବିନାରାୟଣ ପତି ପ୍ରମୁଖ ଯୋଗଦେଇ ନିର୍ମଳ ଷଡ଼ଙ୍ଗୀ କିପରି ସଂଗଠନ ବିସ୍ତାର ପାଇଁ ସୁଦୂର ପୁରୀର କାକଟପୁରରୁ ନିଜ ଘର ଦ୍ୱାର ଛାଡି ସମ୍ପୂର୍ଣ୍ଣ ସମୟ ଦେଇ କେନ୍ଦ୍ରାପଡ଼ାରେ ଏବିଭିପି ଓ ସ୍ୱଦେଶୀ ସଂଗଠନ ବିସ୍ତାର ପାଇଁ ନିସ୍ୱାର୍ଥ ଭାବେ ଅନବରତ କାର୍ଯ୍ୟ କରିଥିଲେ ।

# ଫର୍ମୁଲା ୱାନ : ଭର୍ଷ୍ଟାପେନଙ୍କୁ ୨ ପଏଣ୍ଟରେ ହରାଇ ନୋରିସ ନୂଆ ବିଶ୍ୱ ଚାମ୍ପିଅନ୍



**ଆବୁଧାବି**

ସିଜନର ଅନ୍ତିମ ତଥା ୨୪ତମ ଫର୍ମୁଲା ୱାନ ରେସ୍ ଆବୁଧାବି ଗ୍ରାଁପ୍ରିରେ ମ୍ୟାକ ଲରେନ ଚାଳକ ଲାଣ୍ଡୋ ନୋରିସ ତୃତୀୟ ସ୍ଥାନରେ ରହି ଶେଷରେ ନୂଆ ବିଶ୍ୱ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି । ରେଡ୍ ବୁଲର ମ୍ୟାକ୍ସ ଭର୍ଷ୍ଟାପେନ ରେସ୍ ବିଜୟୀ ହୋଇଥିଲେ ବି ସେ ମାତ୍ର ୨ ପଏଣ୍ଟ ପଛରେ ରହି ବିଶ୍ୱ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲେ । ସିଜନରେ ୨୪ଟି ରେସରୁ ନୋରିସ ମୋଟ୍ ୪୨୩ ପଏଣ୍ଟ ସହ ପ୍ରଥମ, ଭର୍ଷ୍ଟାପେନ ୪୨୧ ପଏଣ୍ଟ ସହ ଦ୍ୱିତୀୟ ଏବଂ ଓସ୍କାର ପିଆଷ୍ଟ୍ରି ୪୧୦ ପଏଣ୍ଟ ସହ ତୃତୀୟ ସ୍ଥାନ ହାସଲ କରିଥିଲେ । ବ୍ରିଟେନର ପୂର୍ବତନ ବିଶ୍ୱ ଚାମ୍ପିଅନ ଲୁଇସ ହାମିଲଟନ ୧୫୬ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ରହିଥିଲେ । ହାମିଲଟନଙ୍କ ପରେ ୨୬ ବର୍ଷୀୟ ନୋରିସ ବ୍ରିଟେନର ନୂଆ ବିଶ୍ୱ ବିଜେତା ହୋଇଛନ୍ତି । ଆବୁ ଧାବିରେ ୫୮ ଲାପ୍ ବିଶିଷ୍ଟ ରେସକୁ ରେଡବୁଲ ଚାଳକ ଭର୍ଷ୍ଟାପେନ ୧:୨୬:୦୭.୪୬୯ ଟାଇମିଂ ସହ ପ୍ରଥମ (୨୫ ପଏଣ୍ଟ), ମ୍ୟାକ ଲରେନ ଚାଳକ ପିଆଷ୍ଟ୍ରି (+୧୨.୫୯୪) ଦ୍ୱିତୀୟ (୧୮ ପଏଣ୍ଟ) ଏବଂ ନୋରିସ (+୧୬.୫୭୨) ତୃତୀୟ (୧୫ ପଏଣ୍ଟ) ସ୍ଥାନ ହାସଲ କରିଥିଲେ । ରେସ୍‌ରେ ଯଦି ନୋରିସ ଆଉ ଗୋଟିଏ ସ୍ଥାନ ତଳେ ରହିଥାନ୍ତେ, ତେବେ ସେ ଚାମ୍ପିଅନ ହୋଇପାରି ନଥାନ୍ତେ । କାରଣ ଚତୁର୍ଥ ସ୍ଥାନରେ ରହିଥିଲେ ତାଙ୍କୁ ୧୨ ପଏଣ୍ଟ ମିଳିଥାନ୍ତା । ବିଶ୍ୱ ଚାମ୍ପିଅନ ହେବା ପରେ ନୋରିସ ଭାବବିହ୍ୱଳ ହୋଇ ପଡ଼ିଥିଲେ । ସେ ଭଗବାନ, ନିଜ ଟିମ୍ ଏବଂ ପ୍ରଶଂସକଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ଆଜି ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି

# କାହାକୁ କାହା ସହ ତୁଳନା କରିବା ଭୁଲ୍ : ସୂର୍ଯ୍ୟକୁମାର

**କଟକ**

ମଙ୍ଗଳବାରଠୁ ଆରମ୍ଭ ହେବ ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି ସିରିଜ୍ । ବାରବାଟୀରେ ଖେଳାଯିବ ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ୍ । ଏ ନେଇ ଦୁଇ ଦଳର ଖେଳାଳି ବାରବାଟୀରେ ପ୍ରାକ୍ଟିସ୍ କରିଛନ୍ତି । ମୁକାବିଲା ପୂର୍ବରୁ ବାରବାଟୀରେ ପ୍ରେସମିଟ୍ କରିଛନ୍ତି ଟି-ଟ୍ୱେଣ୍ଟି ଅଧିନାୟକ ସୂର୍ଯ୍ୟକୁମାର ଯାଦବ । ଟିମ୍ କମ୍ବିନେସନରେ ବେଶୀ କିଛି ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି । ଏହା ସହିତ ଟି-ଟ୍ୱେଣ୍ଟି ବିଶ୍ୱକପ ପ୍ରସ୍ତୁତିକୁ ନେଇ ପ୍ରତିକ୍ରିୟା ରଖି ସୂର୍ଯ୍ୟ କହିଛନ୍ତି, ପରୀକ୍ଷା ଆରମ୍ଭର ଶେଷ ୪ ଦିନ ପୂର୍ବରୁ ସବୁ ପାଠ ପଢାଯାଏ ନାହିଁ । ଏ ନେଇ ଆମ ପ୍ରସ୍ତୁତି କେବେଠୁ ଚାଲିଛି ।



କ୍ୟାପ୍ଟେନ୍ ସୂର୍ଯ୍ୟକୁମାର କହିଛନ୍ତି, ଗତ ୫ରୁ ୬ ସିରିଜ୍‌ରେ ଟିମ୍ କମ୍ବିନେସନରେ ବେଶୀ କିଛି ପରିବର୍ତ୍ତନ କରିନାହୁଁ ତେଣୁ ବେଶୀ କିଛି ପରିବର୍ତ୍ତନର ସମ୍ଭାବନା ନାହିଁ । ଆଗକୁ ବି ବେଶୀ ଅଦଳବଦଳ କରିବୁ ନାହିଁ । ଆଶା କରୁଛି ସବୁ ଭଲ ହେବ । ଶୁଭମନ ଗିଲ୍ ଫିଟ୍ ହୋଇ ଫେରିଛନ୍ତି । ତେଣୁ ସେ ତାଙ୍କ ସ୍ଥାନରେ ଖେଳିବେ । ସଞ୍ଜୁ ସାମସନ ଯେକୌଣସି ସ୍ଥାନରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ଅଛନ୍ତି । ହାର୍ଦ୍ଦିକ ପାଣ୍ଡ୍ୟା, ଶୁବମ ଦୁବେ ଅଲରାଉଣ୍ଡର, କାହାକୁ କାହା ସହ ତୁଳନା କରିବା ଠିକ୍ ନୁହେଁ । ୩ ନମ୍ବରରୁ ୭ ଯାଏ ସବୁ ବ୍ୟାଟର ଯେ କୌଣସି ସ୍ଥାନରେ ବ୍ୟାଟିଂ କରିପାରିବେ । ବାରବାଟୀରେ ବହୁ ପୂର୍ବରୁ ଘରୋଇ ମ୍ୟାଚ୍ ଖେଳିବାର ଅନୁଭୂତି ରହିଛି । ନିଜ ପ୍ରସ୍ତୁତି ଗୁରୁତ୍ୱ ବହନ କରେ ।

ଟି-ଟ୍ୱେଣ୍ଟି ଫର୍ମାଟରେ ଆସନ୍ତା ବିଶ୍ୱକପ ପ୍ରସ୍ତୁତିକୁ ନେଇ ପ୍ରତିକ୍ରିୟା ରଖି ସୂର୍ଯ୍ୟକୁମାର କହିଛନ୍ତି, 'ପରୀକ୍ଷା ଆରମ୍ଭର ଶେଷ ୪ ଦିନ ପୂର୍ବରୁ ସବୁ ପାଠ ପଢାଯାଏ ନାହିଁ । ତେଣୁ ଆମେ ୨୦୨୪ ଟି-ଟ୍ୱେଣ୍ଟି ବିଶ୍ୱ ପରଠାରୁ ପ୍ରସ୍ତୁତି ଆରମ୍ଭ କରିସାରିଛି । ଆଶା କରୁଛୁ ସବୁ ଭଲ ହେବ ।'

# ଜୁନିୟର ମହିଳା ହକି : ୱେଲ୍ସକୁ ହରାଇଲା ଭାରତ

**ସାଣ୍ଟିଆଗୋ**

ଏଫ୍ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍‌ର ୯ମ ସ୍ଥାନ ପାଇଁ ହୋଇଥିବା ଏକ କ୍ଲାସିଫିକେଶନ ମ୍ୟାଚ୍‌ରେ କ୍ୱାର୍ଟରଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିବା ଭାରତ ୩-୧ ଗୋଲ୍‌ରେ ୱେଲ୍ସକୁ ପରାସ୍ତ କରିଛି । ଦଳ ତରଫରୁ ହୀନା ବାନୋ (୧୪ତମ ମିନିଟ), ସୁନେଲିତା ଟପ୍ପୋ (୨୪ତମ) ଓ ଇଶିକା(୩୧ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ୱେଲ୍ସ ପାଇଁ ଏଲୋଇଜ୍ ମୋଟ୍ (୫୨ତମ) ଏକମାତ୍ର ଗୋଲ ଦେଇଥିଲେ । ପୁଲ୍ ପର୍ଯ୍ୟାୟରେ ଦୁଇ ବିଜୟ ଓ ଗୋଟିଏ ପରାଜୟ ବରଣ କରିଥିବା ଭାରତ ୯ମ ସ୍ଥାନ ଅଧିକାର କରିଛି ।



# ମହର୍ଷି ଗୁରୁକୁଳ ଟେକ୍ନୋ କନସେପ୍ଟ ସ୍କୁଲରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



**ଗୁରୁପୁର, ନ୍ୟୁଜ୍‌ବ୍ୟୁରୋ**

ଖେଳକୁଦ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶ ହୋଇଥାଏ । ଏହି କ୍ଷେତ୍ରରେ ଅଭିଭାବକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାମାନଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି । ଗୁଣୁପୁର ନୀଳାଦ୍ରି ବିହାର ସ୍ଥିତ ମହର୍ଷି ଗୁରୁକୁଳ ଟେକ୍ନୋ କନସେପ୍ଟ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଆଇଆରବିଏନ କମାଣ୍ଡେଣ୍ଟ ବ୍ରଜ ମୋହନ ନାୟକ ପତାକା ଉତ୍ତୋଳନ କରି ଏହିପରି ମତବ୍ୟକ୍ତ କରିଥିଲେ । ଶ୍ରୀ ନାୟକ ଆହୁରି କହିଥିଲେ ଯେ ଉତ୍ତମ କ୍ରୀଡ଼ାବିତ୍‌ଙ୍କୁ ଖେଳ ରୋଜଗାରକ୍ଷମ କରିବାରେ ସହାୟକ ହୋଇପାରିଛି । ଅନୁଷ୍ଠାନର ସଭାପତି ସନ୍ତୋଷ କୁମାର ଗୁରୁ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ଘୋଷଣା କରିଥିଲେ । ସେହିପରି ବିଦ୍ୟାଳୟର ସମ୍ପାଦକ ରାଜେଶ କୁମାର ପଣ୍ଡା ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବିଦ୍ୟାଳୟର ଉପ ସଭାପତି ଲୋକନାଥ ମିଶ୍ର, ସହ ସମ୍ପାଦକ କୃଷ୍ଣ ମାଧବ ଦାସ, ପ୍ରିନ୍ସପାଲ କୃଷ୍ଣ ଚନ୍ଦ୍ର ଶତପଥୀ ମଞ୍ଚାସୀନ ଥିଲେ । ଏହି ଅବସରରେ ଶିକ୍ଷକ ଜ୍ଞାନେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କ ମଶାଲ ଶୋଭାଯାତ୍ରା ମଙ୍ଗଳା ମନ୍ଦିର ଠାରୁ ବାହାରି ମିନିଷ୍ଟାଡିୟମରେ ପହଞ୍ଚି ମୁଖ୍ୟ ଅତିଥିଙ୍କୁ ହସ୍ତାନ୍ତର କରିଥିଲେ । ଶିକ୍ଷୟତ୍ରୀ ରଶ୍ମିତା ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଶେଷରେ ଶିକ୍ଷୟତ୍ରୀ ରଶ୍ମି ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ କ୍ରୀଡ଼ା ପ୍ରତିଯୋଗିତାକୁ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ପରିଚାଳନା କରିଥିଲେ ।

# ଆସନ୍ତା ୧୦ରୁ ଆରମ୍ଭ ହେବ ୩୧ତମ ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ କନଭେଣ୍ଟ ସ୍କୁଲ ଛକ ନିକଟସ୍ଥ ଲେଟ୍ କଟ୍ କ୍ଲବ ଆନୁକୂଲ୍ୟରେ ୩୧ତମ ସର୍ବ ଭାରତୀୟ ଟି-୨୦ ଡିଉଜ୍ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୦ ତାରିଖରୁ ଆରମ୍ଭ ହେବାକୁ ଯାଉଅଛି । ଏହି ଅବସରରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜନ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ସାଧାରଣ ସମ୍ପାଦକ ଦୀପକ କୁମାର ଦାଶ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ଲକ୍ଷ୍ମୀଧର ନାୟକ, ବରିଷ୍ଠ ସଦସ୍ୟ ବିଜୟ କୁମାର ରାୟ, ନରୋତ୍ତମ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ପଲବିନ୍ଦର ସିଂହ, ଅଜୟ ସିଂହ, ବିନୟ ଷଡ଼ଙ୍ଗୀ, ଦିବ୍ୟ ଲୋଚନ ଦାସ, ଗୌରବ ମହାନ୍ତି, ସୁବ୍ରତ ଲେଙ୍କା, ସମରଜିତ ଗୋସ୍ୱାମୀ, ମାନସ ମହାନ୍ତ, ରୋହିତ ଜେନା, ଦିପାନ ମାଇତି ଓ ଶାନ୍ତନୁ କର ଉପସ୍ଥିତ ଥିଲେ । ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଖଡ଼୍‌ଗପୁରର ସେର୍ସା, କୋଲକାତାର ଏଲ ଆର ଏସ ଏକାଡେମୀ, ଆନ୍ଧ୍ରପ୍ରଦେଶର ଇଷ୍ଟ କୋଷ୍ଟ ରେଲୱେ, ରାଞ୍ଚିର ସେର୍ସା, ଝାଡ଼ଖଣ୍ଡର ଟାଟା ଲିଓ, ଆନ୍ଧ୍ରପ୍ରଦେଶର ରାଜମୁନ୍ଦ୍ରି ୱରିୟାର୍ସ, ସମ୍ବଲପୁରର ଏମଏମସିସି, ଭୁବନେଶ୍ୱରର ଟିସିସି, ରାଉରକେଲାର ଆରସିଏ ଓ ବାରିପଦାର ଡିଆରକେ ସମେତ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଛନ୍ତି । ପ୍ରତ୍ୟେକ ଦିନ ସକାଳ ୯ଟାରୁ ଖେଳ ଆରମ୍ଭ ହେବା ସହ ୨ଟି ମ୍ୟାଚ୍ ଖେଳାଯିବ ତଥା ୧୪ ତାରିଖ ଦିନ ୧୨ଟା ବେଳେ ଫାଇନାଲ ମ୍ୟାଚ୍ ଖେଳାଯିବ । ପ୍ରଥମ ଦିନର ପ୍ରଥମ ମ୍ୟାଚ୍ ଡିଆରକେ ଓ ଟାଟା ଲେଓ ଏବଂ ଦ୍ୱିତୀୟ ମ୍ୟାଚ୍ ରାଞ୍ଚି ଓ ରାଉରକେଲା ମଧ୍ୟରେ ଖେଳାଯିବ । ପୁରସ୍କାର ସ୍ୱରୂପ ଚାମ୍ପିଅନ ଦଳକୁ ୧ ଲକ୍ଷ ଓ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୭୦ ହଜାର ଓ ଟ୍ରଫି ପ୍ରଦାନ କରାଯିବ । ବହୁ ସଂଖ୍ୟାରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବାକୁ ଟୁର୍ଣ୍ଣାମେଣ୍ଟର ସଭାପତି ଗିରିଶ ଚନ୍ଦ୍ର ଦାସ ଅନୁରୋଧ କରିଛନ୍ତି ।

# ସିରିଜ୍ ଜିତିବା ପରେ ବି ଟିମ୍ ଇଣ୍ଡିଆର ସ୍ଲୋ ଓଭର ପାଇଁ କଟିଲା ମ୍ୟାଚ୍ ଫି'

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଟିମ୍ ସୁନ୍ଦର ଖେଳ ପ୍ରଦର୍ଶନ କରି ଦକ୍ଷିଣ ଆଫ୍ରିକା ବିପକ୍ଷ ୱାନଡେ ସିରିଜ୍ ୨-୧ରେ ଜିତିଥିଲା । ସିରିଜର ପ୍ରଥମ ମ୍ୟାଚ୍ ରାଞ୍ଚିରେ ହୋଇଥିଲା, ଯାହାକୁ ଭାରତୀୟ ଟିମ୍ ୧୭ ରନ୍‌ରେ ଜିତିଥିଲା । ତେବେ ତା' ପର ମ୍ୟାଚ୍‌କୁ ଭ୍ରମଣକାରୀ ଟିମ୍ ରାୟପୁର ୱାନଡେରେ ୪ ୱିକେଟରେ ଜିତିଥିଲା । ପରାଜୟ ପରେ ଟିମ୍ ଇଣ୍ଡିଆ ବିଶାଖାପାଟନମ୍‌ରେ ହୋଇଥିବା ନିର୍ଣ୍ଣାୟକ ମ୍ୟାଚ୍‌ରେ ୯ ୱିକେଟରେ ବିଜୟୀ ହୋଇଥିଲା ।

ୱାନଡେ ସିରିଜ୍‌ରେ ବିଜୟ ପରେ ଭାରତୀୟ ଟିମ୍ ଉପରେ ଇଣ୍ଟରନ୍ୟାସନାଲ କ୍ରିକେଟ କାଉନସିଲ୍ ବା ଆଇସିସି ନେଇଛି ଆକ୍ସନ । ଭାରତୀୟ ଟିମ୍ ଉପରେ ମ୍ୟାଚ୍ ଫି'ର ୧୦ ପ୍ରତିଶତ ଜରିମାନା ଲଗାଇଛି । ସାଉଥ୍ ଆଫ୍ରିକା ବିପକ୍ଷ ରାୟପୁରରେ ଖେଳା ଯାଇଥିବା ଦ୍ୱିତୀୟ ୱାନଡେରେ ସ୍ଲୋ ଓଭର ରେଟ୍ କାରଣରୁ ଭାରତୀୟ ଟିମ୍‌କୁ ଏହି ଦଣ୍ଡ ମିଳିଛି । ଏମିରେଟ୍ସ ଆଇସିସି ଏଲିଟ୍ ପ୍ୟାନେଲ ଅଫ୍ ମ୍ୟାଚ୍ ରେଫରୀର ସଦସ୍ୟ ରିଚି ରିଚର୍ଡସନ୍ ଏହି ସଜା ଏଥିପାଇଁ ଶୁଣାଇଛନ୍ତି, କାରଣ ଟିମ୍ ଇଣ୍ଡିଆ ସମୟରେ ଦୁଇ ଓଭର କମ୍ ବୋଲିଂ କରିଛି । ଆଇସିସିର ଆଚାର ସଂହିତାର ଅନୁଚ୍ଛେଦ ୨.୨୨ ଅନୁସାରେ, ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଯାହାକି ନ୍ୟୁନତମ ଓଭର ରେଟ୍-ଉଲ୍ଲଂଘନ ସହ ଜଡିତ ମାମଲା ଉପରେ ଲାଗୁ ହେବ ।



ନିୟମ ଅନୁସାରେ, ନିର୍ଦ୍ଧାରିତ ସମୟରେ ଓଭର ପୂରା ନହେଲେ ଖେଳାଳିଙ୍କ ଉପରେ ପ୍ରତି ଓଭର ହାରରେ ୫% ଜରିମାନା ଲଗାଯାଇଥାଏ । ଭାରତ ଦୁଇ ଓଭର କମ୍ ବୋଲିଂ କରିଥିଲା, ଏହି କାରଣରୁ ମ୍ୟାଚ୍ ଫି'ରେ ୧୦% ପ୍ରତିଶତ ଫାଇନ ଲାଗିଥିଲା । ଭାରତୀୟ ଟିମ୍ କାର୍ଯ୍ୟକାରୀ ଅଧିନାୟକ କେଏଲ ରାହୁଲ ନିଜର ଭୁଲ ସ୍ୱୀକାର କରିଛନ୍ତି । ତେଣୁ କୌଣସି ଔପଚାରିକ ଶୁଣାଣିର ଆବଶ୍ୟକତା ପଡିଲାନି । ଉଲ୍ଲେଖନୀୟ ଯେ, ରାୟପୁର ୱାନଡେରେ ଭାରତୀୟ ଟିମ୍ ବିରାଟ କୋହଲି (୧୦୨) ଓ ରୁତୁରାଜ ଗାୟକ୍ୱାଡ (୧୦୫)ର ସୁନ୍ଦର ଇନିଂସ ଖେଳି ୩୫୮/୫ର ବଡ଼ ସ୍କୋର କରିଥିଲା । ଏହାପରେ ବି ଭାରତୀୟ ଟିମ୍ ମ୍ୟାଚ୍ ହାରି ଯାଇଥିଲା । ଦକ୍ଷିଣ ଆଫ୍ରିକାର ଏଡେନ୍ ମାର୍କରମଙ୍କ(୧୧୦ ରନ୍)ର ଦମଦାର ଇନିଂସ ସାହାଯ୍ୟରେ ୪ ୱିକେଟ୍‌ରେ ମ୍ୟାଚ୍ ଜିତିଥିଲା ।

# କଲେଜ ଛାତ୍ରଙ୍କୁ ଛୁରାମାଡ଼ : ସହପାଠୀ ଅଟକ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



କୁଳିଅଣା ଥାନା ଅନ୍ତର୍ଗତ ବାଇଗଣବାଡ଼ିଆ ସ୍ଥିତ ବିବି ମହାବିଦ୍ୟାଳୟରେ ଦୁଇ ଛାତ୍ର ମଧ୍ୟରେ ସଂଘର୍ଷ ପରେ ଛୁରାମାଡ଼ ହୋଇଛି । ଜଣେ ଗୁରୁତର, ଗୁରୁତର ଛାତ୍ର ଜଣକ ହେଲେ ଯୁକ୍ତ ଦୁଇ ବାଣିଜ୍ୟ ଦ୍ୱିତୀୟ ବର୍ଷର ଛାତ୍ର ପ୍ରହ୍ଲାଦ ବିନ୍ଧାଣି । ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି ପୁଲିସ୍ । ଅଭିଯୁକ୍ତ ଛାତ୍ର ଜଣକ ହେଲେ ବାରିପଦା ସଦର ଥାନା ଅଧୀନ ଦାମୋଦରପୁର୍ ଗ୍ରାମର ଅକ୍ଷୟ ବିଶ୍ୱାଳ । ସେ ମଧ୍ୟ ବାଣିଜ୍ୟ ଦ୍ୱିତୀୟ ବର୍ଷ ଛାତ୍ର । ଏହି ଘଟଣା ପରେ କଲେଜ୍ ପରିସରରେ ଉତ୍ତେଜନା ଦେଖାଦେଇଛି । କଲେଜ ଫାଟରେ ତାଲା ପକାଇଲେ ଗ୍ରାମବାସୀ । କଲେଜ ଭିତରେ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀ ଅଟକ ରହିଥିଲେ । ଗୁରୁତର ଛାତ୍ରଙ୍କୁ ପ୍ରଥମେ କୁଳିଅଣା ଡାକ୍ତରଖାନା ଓ ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । କଲେଜ ପରିସରରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି । ବାରିପଦା ସଦର ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିବା ପରେ ସ୍ଥିତି ଶାନ୍ତ ପଡ଼ିଛି ।

# ଅନଧିକୃତ ବିକ୍ରେତାଙ୍କ ବିରୁଦ୍ଧରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେସନ ଏବଂ ଟ୍ରେନରେ ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିବା ଅନଧିକୃତ ବିକ୍ରେତାଙ୍କ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ଭାରତୀୟ ରେଳ ଆଇନର ବ୍ୟବସ୍ଥା ଅନୁଯାୟୀ କଡ଼ାକଡ଼ି ଭାବରେ ପାଳନ କରି ଯାତ୍ରୀ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଏହି ଅଭିଯାନର ଲକ୍ଷ୍ୟ ଅଟେ । ଅନଧିକୃତ ବିକ୍ରେତା କାର୍ଯ୍ୟକଳାପ ଚିହ୍ନଟ କରିବା ପାଇଁ ବାଣିଜ୍ୟିକ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବରେ ନିୟୋଜିତ କରାଯାଇଛି । ସେମାନଙ୍କ ସହିତ, ରେଳ ସୁରକ୍ଷା ବଳ ଏବଂ ସରକାରୀ ରେଳ ପୋଲିସ କର୍ମଚାରୀମାନେ (ଯେଉଁମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପଯୁକ୍ତ ଭାବରେ ଅଧିକାରପ୍ରାପ୍ତ) ମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ଅଭିଯାନରେ ଅଂଶଗ୍ରହଣ କରୁଛନ୍ତି । ଅନଧିକୃତ ବିକ୍ରେତା ପରିଚ୍ଛନ୍ନତା ପ୍ରତି ବାଧା ସୃଷ୍ଟି କରିବା ସହ ବିକ୍ରି କରୁଥିବା ଦ୍ରବ୍ୟର ଅଧିକ ମୂଲ୍ୟ ଓ ଗୁଣବତ୍ତା ଏବଂ ସମ୍ଭାବ୍ୟ ସୁରକ୍ଷା ସମସ୍ୟା ସମେତ ଅନେକ ଚିନ୍ତା ସୃଷ୍ଟି କରିଥାନ୍ତି । ରେଳ ଆଇନ ଅନୁଯାୟୀ, ଅପରାଧୀମାନେ ଦଣ୍ଡ ଏବଂ ଜରିମାନା ସହ ଦଣ୍ଡିତ ହୋଇପାରିବେ । ଏହି ଅଭିଯାନକୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ନିଜେ ତଦାରଖ କରୁଛନ୍ତି ଯାହା ସମଗ୍ର ରେଳମଣ୍ଡଳରେ କଠୋର ଏବଂ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରୁଛି । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସମସ୍ତ ଯାତ୍ରୀଙ୍କୁ କେବଳ ଅଧିକୃତ ରେଳ ବିକ୍ରେତାଙ୍କଠାରୁ ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣିବାକୁ ଏବଂ ଚାଲୁଥିବା ଯାଞ୍ଚ ସମୟରେ ଯାଞ୍ଚ କରିଥିବା ଦଳଗୁଡ଼ିକୁ ସହଯୋଗ କରିବାକୁ ଅନୁରୋଧ କରୁଛି ।

# ଧାନ ଗଦାରେ ନିଆଁ ଲାଗି ୯ଏକର ଫସଲ ନଷ୍ଟ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ଧୁଙ୍ଗିଆଡିହି ଗ୍ରାମରେ ଧାନ ଅମଳ କରିବା ସମୟରେ ହଠାତ ନିଆଁ ଲାଗି ଧାନ ଗଦା ସହ ଅମଳ ପାଇଁ ବ୍ୟବହୃତ ଟ୍ରାକ୍ଟର ସମ୍ପୂର୍ଣ୍ଣ ଜଳି ଯାଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ଧୁଙ୍ଗିଆଡ଼ିହି ଗ୍ରାମର ରୋହିଦାସ ଗଣ୍ଡ, ବାବୁଦାସ ଗଣ୍ଡ, ଗାନ୍ଧୀ ରାମ ଗଣ୍ଡ ତିନିଜଣ ମିଶି ଛତିଶଗଡ଼ରୁ ଏକ ଧାନ ଅମଳ ମେସିନ ଲାଗିଥିବା ଟ୍ରାକ୍ଟର ଆଣି ଖଳାରେ ଧାନ ଅମଳ କରୁଥିଲେ । ହଠାତ ଧାନ ଗଦା ସହ ଟ୍ରାକ୍ଟରରେ ଲାଗିଯାଇଥିଲା ନିଆଁ । ଗ୍ରାମବାସୀ ସଙ୍ଗେ ସଙ୍ଗେ ରାଇଘର ଅଗ୍ନିଶମ ବିଭାଗକୁ ଖବର କରିଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲା । କିନ୍ତୁ ସେତେବେଳକୁ ଧାନ ଗଦା ସମ୍ପୂର୍ଣ୍ଣ ଜଳିଯାଇ ପାଉଁଶ ହୋଇଯାଇଥିଲା । ଗଦା ହୋଇଥିବା ଧାନ ନଅ ଏକର ଜମିର ବୋଲି କ୍ଷତି ହୋଇଥିବା ଚାଷୀ କହିଛନ୍ତି । ଅନ୍ୟ ବର୍ଷ ତୁଳନାରେ ଚଳିତ ବର୍ଷ ଭଲ ଧାନ ହୋଇଥିବା ବେଳେ ଅଞ୍ଚଳର ଚାଷୀ ଖୁସିରେ ଥିବା ବେଳେ ରୋହିଦାସ, ବାବୁଦାସ, ଗାନ୍ଧୀ ରାମ କହିବା କଥା ଧାର କରଜ କରି କରିଥିବା ଧାନ ଜଳି ନଷ୍ଟ ହେବାପରେ ସେମାନେ ବର୍ଷ ସାରା କ'ଣ ଖାଇବେ ଏବଂ କେମିତି ପରିବାର ଗୁଜୁରାଣ ମେଣ୍ଟେଇବେ ତାହା ନେଇ ସରକାରଙ୍କୁ ସାହାଯ୍ୟ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି । ପ୍ରଶାସନିକ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ସାହାଯ୍ୟର ହାତ ବଢେଇବାକୁ ଅଞ୍ଚଳ ବସି କହିଛନ୍ତି ।

# ଅଣ-ନାଗରିକମାନେ ଭୋଟର ହେବାକୁ ଅଯୋଗ୍ୟ



**ଏ. ସୂର୍ଯ୍ୟ ପ୍ରକାଶ**
ବରିଷ୍ଠ ସାମ୍ବାଦିକ, ନୂଆଦିଲ୍ଲୀର ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଏବଂ ପାଠାଗାରର କାର୍ଯ୍ୟନିର୍ବାହୀ ପରିଷଦର ଉପାଧ୍ୟକ୍ଷ

କଂଗ୍ରେସ ଏବଂ ବିଜେପିର ଅନ୍ୟ ରାଜନୈତିକ ବିରୋଧୀ ଦଳର ନେତାମାନେ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)କୁ ତୀବ୍ର ବିରୋଧ କରୁଛନ୍ତି ।

ଯଦିଓ ସମ୍ବିଧାନ ଏବଂ ସଂସଦ ଦ୍ୱାରା ପ୍ରଣୀତ ଆଇନଗୁଡ଼ିକ ନିର୍ବାଚନ ଆୟୋଗଙ୍କୁ ସମୟ ସମୟରେ ଭୋଟର ତାଲିକାକୁ ଅପଡେଟ୍ ଏବଂ ସଂଶୋଧନ କରିବାକୁ ବାଧ୍ୟତାମୂଳକ କରିଛି, ଏହି ଦଳଗୁଡ଼ିକ ଏହି ପ୍ରକ୍ରିୟାକୁ ଦୃଢ଼ ବିରୋଧ କରୁଛନ୍ତି । ସେମାନେ ଏହି ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ।

ଏହି ଦଳଗୁଡ଼ିକ ପୂର୍ବରୁ ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)କୁ ବିରୋଧ କରିଥିଲେ, କିନ୍ତୁ ସୁପ୍ରିମକୋର୍ଟରୁ କୌଣସି ଆଶ୍ୱସ୍ତି ପାଇ ନ ଥିଲେ । ସର୍ବୋଚ୍ଚ ନ୍ୟାୟାଳୟ କିଛି ସର୍ତ୍ତ ସହିତ ଏହି ପ୍ରକ୍ରିୟା ଜାରି ରଖିବାକୁ ନିର୍ବାଚନ ଆୟୋଗଙ୍କୁ ଅନୁମତି ଦେଇଥିଲେ । ଶେଷରେ, ସମସ୍ତ ହଟ୍ଟଗୋଳ ସତ୍ତ୍ୱେ, ବିହାରର ପ୍ରାୟ କୌଣସି ଭୋଟର ଅଭିଯୋଗ କରି ନ ଥିଲେ ଯେ ସେମାନଙ୍କ ନାମ ଭୁଲ୍ ଭାବରେ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି ।

ଏହି ରାଜନୈତିକ ଦଳଗୁଡ଼ିକ ଯେତେ ଶବ୍ଦ କଲେ ମଧ୍ୟ, ସେମାନେ ନିର୍ବାଚନ କମିଶନଙ୍କୁ ଏହାର ଦାୟିତ୍ୱ ପାଳନ କରିବାରୁ ବାଧା ଦେଇପାରିବେ ନାହିଁ । ଯେଉଁମାନେ ଗୋଟିଏ ସ୍ଥାନର ନୁହନ୍ତି, ବାସସ୍ଥାନ ସ୍ଥାନାନ୍ତର କରିଛନ୍ତି, କିମ୍ବା ବେଆଇନ ଭାବରେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦେବା ଅତ୍ୟନ୍ତ ଜରୁରୀ । ଯଦି ଆମେ ଗଣତାନ୍ତ୍ରିକ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ ଚାହୁଁ, ତେବେ ଏହି ପ୍ରକ୍ରିୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଗ୍ରହଣ କରିବାକୁ ଅବଶ୍ୟ ପଡ଼ିବ ।

କିନ୍ତୁ କଂଗ୍ରେସ ଦଳ, ତୃଣମୂଳ କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ଏବଂ ଦ୍ରାବିଡ଼ ମୁନ୍ନେତ୍ର ଖଜଗମ୍ (ଡିଏମକେ) ଭଳି ଦଳଗୁଡ଼ିକ ନିରନ୍ତର ଏସଆଇଆରକୁ ବିରୋଧ କରିଆସିଛନ୍ତି । ସେମାନେ ନିର୍ବାଚନ କମିଶନଙ୍କ ୧୨ଟି ରାଜ୍ୟରେ ଏହି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସାମ୍ପ୍ରତିକ ଘୋଷଣାକୁ ମଧ୍ୟ ଦୃଢ଼ ବିରୋଧ କରିଥିଲେ । ଆଶ୍ଚର୍ଯ୍ୟର କଥା, ଏସଆଇଆର ବିରୋଧରେ ଏହି ଦଳଗୁଡ଼ିକ ଯେଉଁ ଆପତ୍ତି ଉଠାଇଥିଲେ ସେଥି ମଧ୍ୟରୁ ଗୋଟିଏ ପ୍ରତିବାଦ ଏହା ଥିଲା ଯେ ନିର୍ବାଚନ କମିଶନ ଅଣ- ନାଗରିକମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦେବେ । ତଥାପି ସମ୍ବିଧାନ ନିର୍ବାଚନ କମିଶନଙ୍କୁ ନିଶ୍ଚିତ କରିବାକୁ ବାଧ୍ୟ କରେ ଯେ, କେବଳ ଭାରତୀୟ ନାଗରିକମାନେ ହିଁ ଯେକୌଣସି ନିର୍ବାଚନରେ ମତଦାନ ଅଧିକାର ସାବ୍ୟସ୍ତ କରିପାରିବେ ଏବଂ ସେଥି ନିମନ୍ତେ କେବଳ ସେହିମାନେ ହିଁ ଯୋଗ୍ୟ ।

ଯଦି ଭାରତୀୟ ନିର୍ବାଚନ ଆୟୋଗ ଏହି ସାମ୍ବିଧାନିକ ଦାୟିତ୍ୱ ପୂରଣ କରିବାରେ ବିଫଳ ହୁଅନ୍ତି, ତେବେ ଏହା ଅବୈଧ ଅପ୍ରବାସୀ ଏବଂ ଅବୈଧ ପ୍ରବାସୀମାନଙ୍କ ପାଇଁ ଭୋଟର ତାଲିକାରେ ପ୍ରବେଶ ପାଇଁ ଦ୍ୱାର ଉନ୍ମୁକ୍ତ କରିବ । ଏହା ଭାରତର ଏକତା ଏବଂ ଅଖଣ୍ଡତା ଏବଂ ଆମର ଗଣତାନ୍ତ୍ରିକ ପ୍ରକ୍ରିୟା ଉଭୟ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିବ । ପ୍ରଶ୍ନ ହେଉଛି: ଏହି ଦଳଗୁଡ଼ିକ ଅଣ-ନାଗରିକଙ୍କ ନାମ ବାଦ୍ ଦେବାର ବିରୋଧ କାହିଁକି କରୁଛନ୍ତି ?

ଏହି ପ୍ରସଙ୍ଗର ଶାସନ ପାଇଁ ମଧ୍ୟ ଗମ୍ଭୀର ପ୍ରଭାବ ରହିଛି, କାରଣ ସମ୍ବିଧାନ ବ୍ୟବସ୍ଥା କରେ ଯେ, ୨୫ ବର୍ଷରୁ ଅଧିକ ବୟସର ପ୍ରତ୍ୟେକ ଭୋଟର ସଂସଦର ସଦସ୍ୟ (ଏମ୍‌ପି) କିମ୍ବା ବିଧାୟକ ବନିପାରିବେ ଏବଂ ପରେ ରାଜ୍ୟର ମୁଖ୍ୟମନ୍ତ୍ରୀ କିମ୍ବା ଦେଶର ପ୍ରଧାନମନ୍ତ୍ରୀ ମଧ୍ୟ ହୋଇପାରିବେ । ତେଣୁ ଅଣ- ନାଗରିକମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ନ କରିବା, ନିଶ୍ଚିତ କରିବା ସକାଶେ ନିର୍ବାଚନ ଆୟୋଗଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ଦାୟିତ୍ୱ ରହିଛି । ଭାରତୀୟ ନିର୍ବାଚନ ଆୟୋଗଙ୍କ କ୍ଷମତା ସମ୍ବିଧାନରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି । ଧାରା ୩୨୪ ନିର୍ବାଚନ ଆୟୋଗଙ୍କୁ ନିର୍ବାଚନ ପରିଚାଳନା (ତଦାରଖ), ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କରିବାକୁ କ୍ଷମତା ପ୍ରଦାନ କରେ । ଏଥିରେ ସ୍ପଷ୍ଟ ଭାଷାରେ କୁହାଯାଇଛି :

(୧) କମିଶନ (ସମ୍ବିଧାନରେ ନିର୍ବାଚନ ଆୟୋଗ ନାମରେ ଉଲ୍ଲେଖ କରାଯାଇଛି) ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ସଂସଦ, ପ୍ରତ୍ୟେକ ରାଜ୍ୟର ବିଧାନସଭା ଏବଂ ସମ୍ବିଧାନ ଅଧୀନରେ ରାଷ୍ଟ୍ରପତି ଏବଂ ଉପ-ରାଷ୍ଟ୍ରପତିଙ୍କ ନିର୍ବାଚନ ପରିଚାଳନା ନିମନ୍ତେ ଏକମାତ୍ର ଦାୟିତ୍ୱ ଏବଂ କ୍ଷମତା ପ୍ରଦାନ କରିଛନ୍ତି ।

ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ, ସମ୍ବିଧାନର ଧାରା ୩୨୬ ଘୋଷଣା କରେ ଯେ, ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ ପ୍ରାପ୍ତବୟସ୍କ ନାଗରିକ (ମତଦାତା) ଙ୍କ ମତଦାନ ଆଧାରରେ ସମ୍ପନ୍ନ କରାଯିବ ।

ଅର୍ଥାତ୍, ପ୍ରତ୍ୟେକ ବ୍ୟକ୍ତି ଯିଏ ଭାରତର ନାଗରିକ, ନିର୍ଦ୍ଧାରିତ ତାରିଖରେ ଅତି କମରେ ୧୮ ବର୍ଷ ବୟସର ହୋଇଥିବେ ଏବଂ ଯିଏ ନିଜର ବାସସ୍ଥାନ, ମାନସିକ ଅସୁସ୍ଥତା, ଫୌଜଦାରୀ ଅପରାଧ କିମ୍ବା କୌଣସି ଦୁର୍ନୀତିଗ୍ରସ୍ତ କିମ୍ବା ଅବୈଧ ଆଚରଣ ଯୋଗୁଁ ଅନ୍ୟଥା ଅଯୋଗ୍ୟ ହୋଇ ନ ଥିବେ, ସେହି ବ୍ୟକ୍ତି ଭୋଟର ଭାବରେ ନାମ ପଞ୍ଜୀକରଣ କରିବାକୁ ଯୋଗ୍ୟ । ସରଳ ଭାଷାରେ କହିବାକୁ ଗଲେ, ପ୍ରତ୍ୟେକ ପଞ୍ଜିକୃତ ଭୋଟର ଭାରତର ନାଗରିକ, ୧୮ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର ହେବା ନିଶ୍ଚିତ କରିବା ନିମନ୍ତେ ନିର୍ବାଚନ ଆୟୋଗ ଦାୟୀ ଅଟନ୍ତି । ଏହା ସହ ସମ୍ବିଧାନ ଏବଂ ଆଇନରେ ନିର୍ଦ୍ଦିଷ୍ଟ ଭାବରେ ମତଦାନ ନିମନ୍ତେ ଯୋଗ୍ୟତା ମାନଦଣ୍ଡ ମଧ୍ୟ ପୂରଣ କରୁଥିବା ବାଞ୍ଛନୀୟ ।

ଏହା ବ୍ୟତୀତ, ଏହି ନାଗରିକତା ଆବଶ୍ୟକତାକୁ ଲୋକ ପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୧୬ରେ ମଧ୍ୟ ଆହୁରି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରାଯାଇଛି । ଏଥିରେ କୁହାଯାଇଛି ଯେ, ଭାରତର ନାଗରିକ ହୋଇ ନ ଥିବା ଜଣେ ବ୍ୟକ୍ତି ଭୋଟର ଭାବରେ ନିଜର ନାମ ପଞ୍ଜୀକରଣ କରିବାକୁ ଯୋଗ୍ୟ ନୁହଁନ୍ତି । ଧାରା ୨୧ ନିର୍ବାଚନ କମିଶନକୁ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଭୋଟର ତାଲିକା ପ୍ରସ୍ତୁତ କରିବାକୁ ଏବଂ ସମୟ ସମୟରେ ସଂଶୋଧନ କରିବାକୁ କ୍ଷମତା ପ୍ରଦାନ କରେ । ତେଣୁ, ସମ୍ବିଧାନ ଏବଂ ସଂସଦ ଦ୍ୱାରା ପ୍ରଣୀତ ନିର୍ବାଚନ ଆଇନ ଉଭୟ ସ୍ପଷ୍ଟ ଭାବରେ ଉଲ୍ଲେଖ କରେ ଯେ କେବଳ ଭାରତୀୟ ନାଗରିକମାନେ ଭୋଟର ହୋଇପାରିବେ ।

ସୋନିଆ ଗାନ୍ଧୀଙ୍କ ମାମଲା ହେଉଛି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ନାଗରିକତା କିପରି ଆବଶ୍ୟକ ତାହାର ଏକ ପ୍ରମୁଖ ଉଦାହରଣ । ୧୯୮୦ ମସିହାରେ ସୋନିଆ ଗାନ୍ଧୀଙ୍କ ନାମ ଭୋଟର ତାଲିକାରେ ଯୋଡା ଯାଇଥିଲା, ଯଦିଓ ସେତେବେଳେ ସେ ଇଟାଲୀର ନାଗରିକ ଥିଲେ । ଏକ ଅଭିଯୋଗ ପରେ, ୧୯୮୨ ମସିହାରେ ତାଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିଲା । ସେ ଏପ୍ରିଲ ୧୯୮୩ ମସିହାରେ ଭାରତୀୟ ନାଗରିକତା ପାଇଁ ଆବେଦନ କରିଥିଲେ ଏବଂ ସେହି ମାସରେ ତାଙ୍କୁ ନାଗରିକତା ପ୍ରଦାନ କରା ଯାଇଥିଲା । ପରବର୍ତ୍ତୀ ସମୟରେ ତାଙ୍କୁ ପୁନଃସ୍ଥାପିତ କରାଯାଇଥିଲା, ଏବଂ ସେ ସମୟରେ ସେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହିତ ୧, ସଫଦରଜଙ୍ଗ ରୋଡ୍‌ରେ ରହୁଥିଲେ ।

ଏହି ସମସ୍ତ ତଥ୍ୟକୁ ଦୃଷ୍ଟିରେ ରଖି, ନିର୍ବାଚନ କମିଶନ ନାଗରିକତାର ଏହି ବାଧ୍ୟତାମୂଳକ ଆବଶ୍ୟକତା ଉପରେ ଜୋର ଦେବା ଉଚିତ୍ ନୁହେଁ ବୋଲି କହିବା ସମ୍ପୂର୍ଣ୍ଣ ଅବାନ୍ତର ମନେହୁଏ । ଦୁର୍ଭାଗ୍ୟବଶତଃ, ଦେଶର ସବୁଠାରୁ ପୁରୁଣା ଦଳର କିଛି ମୁଖପାତ୍ର ମଧ୍ୟ ଏହି ସାମ୍ବିଧାନିକ ଏବଂ ଆଇନଗତ ବ୍ୟବସ୍ଥା ବିଷୟରେ ଅଜ୍ଞ । ସେମାନଙ୍କ ମଧ୍ୟରୁ ଜଣେ ସମ୍ପ୍ରତି ଟ୍ୱିଟ୍ କରି ନିର୍ବାଚନ କମିଶନଙ୍କ ନାଗରିକତା ଯାଞ୍ଚ କରିବାର କ୍ଷମତା ଉପରେ ପ୍ରଶ୍ନ ଉଠାଇଥିଲେ ।

ଯଦି ଏହା ସତ, ତେବେ ଆମେ କ'ଣ ଧରିନେବା ଉଚିତ ଯେ, ସମ୍ବିଧାନର ଧାରା ୩୨୪ ଏବଂ ୩୨୬ ରଦ୍ଦ କରାଯାଇଛି ? ଶେଷ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରାୟ ୨୦ ବର୍ଷ ପୂର୍ବେ, ୨୦୦୨ରୁ ୨୦୦୪ ମଧ୍ୟରେ କରା ଯାଇଥିଲା । ସେହି ସମୟରେ, ଏହି ପ୍ରକ୍ରିୟା ବିହାର, ଦିଲ୍ଲୀ, ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନ ସମେତ ଅନେକ ରାଜ୍ୟରେ ପରିଚାଳିତ ହୋଇଥିଲା । କଳ୍ପନା କରନ୍ତୁ, ଗତ ୨୨ ବର୍ଷ ମଧ୍ୟରେ ଏହି ତାଲିକାରେ ତାଲିକାଭୁକ୍ତ କେତେ ଲୋକ ଆଉ ରହୁ ନାହାଁନ୍ତି, ବାସସ୍ଥାନ ସ୍ଥାନାନ୍ତର କରିନାହାଁନ୍ତି କିମ୍ବା ରାଜ୍ୟ ବାହାରକୁ ଚାଲିଯାଇ ନାହାଁନ୍ତି ?

ତେଣୁ, ନିର୍ବାଚନ କମିଶନକୁ ସମ୍ବିଧାନ ଏବଂ ସଂସଦ ଦ୍ୱାରା ନିର୍ଦ୍ଦେଶିତ ଏହାର କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିବ । ଏହାକୁ ସମ୍ବିଧାନ ପ୍ରତି ବିଶ୍ୱସ୍ତ ରହିବାକୁ ପଡିବ ଏବଂ କୌଣସି ଧମକ କିମ୍ବା ଅଭିଯୋଗ ଦ୍ୱାରା ଭୟଭୀତ ହେବା ଉଚିତ୍ ନୁହେଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆତ୍ମସମର୍ପଣ...

ସହଯୋଗୀଙ୍କ ସହିତ ସୋମବାର ସକାଳେ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛି । ସେମାନଙ୍କଠାରୁ ଏକେ-୪୭, ୩୦ କାର୍ବିନ ରାଇଫଲ୍, ଆଇଏନଏସ ରାଇଫଲ୍, ଏବଂ ଏସଏଲଆର ସମେତ ମାରାତ୍ମକ ଜବତ କରାଯାଇଛି ।

ରାମଧେର ମାଝୀ କୁଖ୍ୟାତ ନକ୍ସଲବାଦୀ ନେତା ହିଡମାର ଜଣେ ଘନିଷ୍ଠ ବିଶ୍ୱାସୀ ବୋଲି ଜଣାପଡିଛି । ରାମଧେର ଉପରେ କୋଟିଏ ଟଙ୍କାର ପୁରସ୍କାର ରାଶି ଥିଲା । ଆତ୍ମସମର୍ପଣ କରିଥିବା ୧୨ ଜଣ ମାଓ କ୍ୟାଡରଙ୍କ ମଧ୍ୟରେ ଅଛନ୍ତି ରାମଧେର ମାଝୀ , ତିନି ଜଣ ଡିଭିଜନାଲ୍ ଭାଇସ୍ କମାଣ୍ଡର ଏବଂ ଅନ୍ୟାନ୍ୟ ପ୍ରମୁଖ ସଦସ୍ୟ । ଆତ୍ମସମର୍ପଣ ପରେ ଏମଏମସି ଜୋନ୍ (ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼)କୁ ନକ୍ସଲମୁକ୍ତ ଘୋଷଣା କରାଯାଇଛି ।

## ଜାଡ଼ରେ ଥରୁଛି ...

ମଧ୍ୟରେ ଘୁ.ଉଦୟଗିରିର ରାତି ତାପମାତ୍ରା ୪.୪ଡିଗ୍ରୀ ଛୁଇଁଛି । ଏହା ହେଉଛି ଏବର୍ଷର ସବୁଠାରୁ କମ୍ ରାତିର ତାପମାତ୍ରା । ଏଠାରେ ଗତ ଶୁକ୍ରବାର ପାରଦ ୧୦.୪ଡିଗ୍ରୀ ଥିବାବେଳେ ଶନିବାର ୫.୬ଡିଗ୍ରୀ ରହିଥିଲା । କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାରେ ପାରଦ ୬.୧ଡିଗ୍ରୀ ଛୁଇଁଛି । କୋରାପୁଟ ସହରରେ ପାରଦ ୧୦.୩ଡିଗ୍ରୀ ରହିଛି । ଉକ୍ତ ଜିଲ୍ଲାର ପାହାଡ଼ିଆ ଏବଂ ସମତଳ ଅଞ୍ଚଳରେ ପ୍ରବଳ ଶୀତ ଅନୁଭୂତ ହେଉଛି । ସୁନ୍ଦରଗଡ଼ ଜିଲାର ରାଉରକେଲାରେ ରାତିର ତାପମାତ୍ରା ୭.୨ଡିଗ୍ରୀ ଥିବାବେଳେ ସୁନ୍ଦରଗଡ଼ ସହରରେ ପାରଦ ୧୦ଡିଗ୍ରୀ ରହିଛି । ଝାରସୁଗୁଡ଼ାରେ ରାତିର ତାପମାତ୍ରା ୭.୬ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଜଧାନୀରେ ୧୧.୯ଡିଗ୍ରୀକୁ ଏବଂ କଟକରେ ୧୧.୮ ଡିଗ୍ରୀକୁ ତାପମାତ୍ରା ଖସି ଆସିଛି ।

## ପାକିସ୍ତାନ ଏବଂ ...

ହୋଇଥିବା ସୀମା ସଂଘର୍ଷକୁ ଜବାବ ଦେଇଛନ୍ତି । ସେ କହିଛନ୍ତି ଯେ ଆଫଗାନିସ୍ତାନର ଆଞ୍ଚଳିକ ଅଖଣ୍ଡତା, ସାର୍ବଭୌମତ୍ୱ ଏବଂ ସ୍ୱାଧୀନତାକୁ ଭାରତ ସମର୍ଥନ କରୁଛି । ମୁଖପାତ୍ର କହିଛନ୍ତି, 'ସୀମା ସଂଘର୍ଷର ଖବର ପାଇଛୁ ଯେଉଁଥିରେ ଅନେକ ଆଫଗାନିସ୍ତାନ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି । ନିରୀହ ଆଫଗାନିସ୍ତାନ ଲୋକଙ୍କ ଉପରେ ହୋଇଥିବା ଆକ୍ରମଣକୁ ଆମେ ନିନ୍ଦା କରୁଛୁ ।

## ରାଜ୍ୟରେ ବ୍ୟାଙ୍କ...

ରମେଶ ଚନ୍ଦ୍ର ବେହେରା, ସନ୍ତୋଷ ଖଟୁଆ, ରାମଚନ୍ଦ୍ର କାଡ଼ାମ, ତୁଷାରକାନ୍ତି ବେହେରା, ବିଭୂତି ବଳବନ୍ତରାୟ, ବଦ୍ରିନାରାୟଣ ପାତ୍ର, ସିଦ୍ଧାନ୍ତ ମହାପାତ୍ର ପ୍ରମୁଖଙ୍କ ଅନ୍ୟ କେତେକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ବ୍ୟାଙ୍କ ନଥିବା ସମସ୍ତ ପଞ୍ଚାୟତରେ ବ୍ୟାଙ୍କିଂ ସୁବିଧା ଉପଲବ୍ଧ କରାଇବା ଦିଗରେ ସରକାର ପଦକ୍ଷେପ ନେଇଛନ୍ତି । ଅନୁସୂଚିତ ଜାତି ଜନଜାତି ବର୍ଗ, ଋଷୀ, ଉଦ୍ୟୋଗୀ, ବ୍ୟବସାୟୀ ଓ ଛାତ୍ରଙ୍କୁ ଶିକ୍ଷାଋଣ ଆଦି ପ୍ରଦାନ କ୍ଷେତ୍ରରେ ଜାତୀୟକରଣ ବ୍ୟାଙ୍କ ଏବଂ ଘରୋଇ ବ୍ୟାଙ୍କମାନେ ଟାଳଟୁଳ ନୀତି ଅବଲମ୍ବନ କରି ଲୋକଙ୍କୁ ହଇରାଣ କରୁଥିବା ସମ୍ପର୍କରେ ବିଧାୟକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ, ଏ ଦିଗରେ ନିଶ୍ଚିତ ଭାବେ ଦୃଷ୍ଟି ଦିଆଯିବ ଏବଂ ସମ୍ପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ଯେପରି ନିୟମ ଅନୁସାରେ ସୁବିଧାରେ ଲୋକଙ୍କୁ ଋଣ ପ୍ରଦାନ କରିବେ, ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ ।

## ମୃତ ଛାତ୍ରୀଙ୍କ...

ସମ୍ମୁଖରେ ଧାରଣାରେ ବସିଥିଲେ । ତେବେ ଦାବି ପୂରଣର ପ୍ରତିଶ୍ରୁତି ପରେ ପରିବାର ଲୋକେ ଧାରଣାରୁ ଉଠିଛନ୍ତି । ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ପୀଡିତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି ।

## ଗାଁ କଳିରୁ ପୋଡାଜଳା...

ବିଭାଗ କିପରି ଜାଣିପାରିଲେ ନାହିଁ ଏବଂ ଏଭଳି ଅଭାବନୀୟ ଘଟଣାର ପୁନରାବୃତ୍ତି ଯେପରି ନହୁଏ, ସେ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନୁରୂପ ଭାବେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଆନ୍ଧ୍ର-ଓଡ଼ିଶାର ମିଳିତ ଉଦ୍ୟମରେ କୋରାପୁଟ ଜିଲ୍ଲାରେ ପ୍ରତିଷ୍ଠା କରାଯାଇଥିବା ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ଗ୍ରାମଗୁଡ଼ିକର ଏପର୍ଯ୍ୟନ୍ତ ବିକାଶମୂଳକ କାର୍ଯ୍ୟକ୍ରମ ହୋଇପାରି ନଥିବା ଏବଂ ସମ୍ପୃକ୍ତ ଅଞ୍ଚଳରେ ଲୋକେ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ସମସ୍ତ ସୁବିଧାରୁ ବଞ୍ଚିତ ହୋଇଥିବା ନେଇ ଉଦବେଗ ପ୍ରକାଶ କରିବା ସହ ଏ ଦିଗରେ ପଦକ୍ଷେପ ନେବାକୁ କହିଥିଲେ ।

## ମିଶନ ପାୱାର...

ଅନୁସାରେ ରାଜ୍ୟର ଋଣ ଭାର ୧୧.୯ ପ୍ରତିଶତ ସୁଧଦେୟ ୨.୨୬ ପ୍ରତିଶତ ମଧ୍ୟରେ ସୀମିତ ରହିବାର ଯେଉଁ ପ୍ରାବଧାନ ରହିଛି ଓଡ଼ିଶା ସେହି ସୀମାମଧ୍ୟରେ ରହିଛି । ୨୦୨୫ ଅକ୍ଟୋବର ସୁଦ୍ଧା ମୁଣ୍ଡପିଛା ଋଣ ଭାର ୨୬୯୭୮ ଟଙ୍କା ରହିଛି ଯାହା ଅନ୍ୟ ରାଜ୍ୟ ତୁଳନାରେ କମ୍ । ମୁଖ୍ୟମନ୍ତ୍ରୀ କହିଥିଲେ ଜନକଲ୍ୟାଣକାରୀ ଯୋଜନା ଯଥା ସୁଭଦ୍ରା, କୃଷକ ସମୃଦ୍ଧ ଯୋଜନା, ମାଧୋସିଂ ହାତଖର୍ଚ୍ଚ ଯୋଜନା, ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନା ଆଦି କ୍ଷେତ୍ରରେ ଆର୍ଥିକ ବ୍ୟବସ୍ଥା କରାଯାଇଛି । ବିକାଶର ଗତି ନିରନ୍ତର ରହିଛି ।

ଗୃହରେ ଅତିରିକ୍ତ ବଜେଟ୍ ଆଲୋଚନା ସଂକ୍ରାନ୍ତ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ବେଳେ ବିରୋଧୀ ଦଳ ଓ ସେମାନଙ୍କର ନେତା ଉପସ୍ଥିତ ନରହିବା, ନଆସିବା ନେଇ ମୁଖ୍ୟମନ୍ତ୍ରୀ ଏହାକୁ ନାପସନ୍ଦ କରିବା ସହ କହିଥିଲେ ଆଲୋଚନାର ଉତ୍ତର ଶୁଣିବାକୁ ସେମାନଙ୍କର ଧୈର୍ଯ୍ୟ ନାହିଁ । ସେ କହିଥିଲେ ବିଧାନସଭାକୁ ଆସିବା ଏବଂ ଏଠାରେ ଦୁଇମିନିଟ୍ ବସିବା ପାଇଁ ବିରୋଧୀ ଦଳ ନେତାଙ୍କର ଧୈର୍ଯ୍ୟ ନାହିଁ । କିନ୍ତୁ ନୂଆପଡାରେ ୬ ଘଣ୍ଟା ପ୍ରଚାର କରିବାକୁ ସମୟ ଅଛି । ଯଦି ଏଠି ବସି ଆମକୁ କିଛି ପ୍ରଶ୍ନ ପଚାରିଥାନ୍ତେ କିମ୍ବା ପରାମର୍ଶ ଦେଇଥାନ୍ତେ ତାହେଲେ ଆମେ ତାହାର ଉତ୍ତର ଦେବାକୁ ଚେଷ୍ଟା କରିଥାନ୍ତୁ । କିନ୍ତୁ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାରେ ରହିଲେ ନାହିଁ । ଶୁଣିବାକୁ ସେମାନଙ୍କର ଧୈର୍ଯ୍ୟ ନାହିଁ । ମୁଖ୍ୟମନ୍ତ୍ରୀ କହିଥିଲେ ଟ୍ରମ୍ପ ଟାରିଫ୍ ଛାଟ୍ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ସର୍ବୋଚ୍ଚସ୍ତରରେ ପହଞ୍ଚିଛି । ଅର୍ଥାତ୍ ଦେଶର ଅଭିବୃଦ୍ଧି ହାର ୮.୨ ପ୍ରତିଶତ ହୋଇଛି ଯାହା ସମଗ୍ର ବିଶ୍ୱରେ ଅଧିକ । ଜିଏସ୍‌ଟି ସଂସ୍କାର ପାଇଁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ଦ୍ୱାରା ଦେଶର ବିଭିନ୍ନ ବର୍ଗର ଲୋକେ ବିଶେଷକରି ଚାଷୀମାନେ ଉପକୃତ ହୋଇଛନ୍ତି । ରାଜ୍ୟରେ ୬୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରୁଥିବା ବେଳେ ସେମାନଙ୍କର ବିକାଶ ପାଇଁ ପ୍ରାଥମିକତା ଦିଆଯାଇଛି । ଚାଷୀମାନଙ୍କୁ ଇନ୍‌ପୁଟ୍ ସହାୟତା ଦିଆଯାଉଛି । ଧାନକିଣାରୁ କୌଣସି ଜଣେ ହେଲେ ଚାଷୀ ବାଦ୍ ପଡିବେ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ୫୮ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସୁଭଦ୍ରାରେ ଅଧିକ ସଂଖ୍ୟାରେ ହିତାଧିକାରୀ ଯୋଡିବା ପାଇଁ ଆଉ ୨୯୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ରାଜ୍ୟର ସବୁ ସ୍କୁଲର ଉନ୍ନତିକରଣ କରାଯିବା ଦିଗରେ ପଦକ୍ଷେପ ଦିଆଯାଇଛି । ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଉପରେ ପ୍ରାଥମିକତା ରହିଛି । ସେହିପରି ଓଡ଼ିଶାରେ ମେଗା ପ୍ରକଳ୍ପ ପ୍ରତିଷ୍ଠା, ୮୩ ହଜାର କୋଟି ଟଙ୍କାର ରାମେଶ୍ୱର-ପାରାଦ୍ୱୀପ ପ୍ରକଳ୍ପ, ୮୪ ହଜାର କୋଟି ଟଙ୍କାର ୬ ଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ରିଂ ରୋଡ୍ ନିର୍ମାଣ ପ୍ରକଳ୍ପ ହାତକୁ ନିଆଯାଇଛି । ସିଲିକନ୍ ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା କାର୍ଯ୍ୟାରମ୍ଭ ହୋଇଛି । ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ୭୧୯ଟି ପ୍ରସ୍ତାବ ମଧ୍ୟରୁ ୪୧୬ ପ୍ରସ୍ତାବ ଗ୍ରହଣ କରାଯାଇଛି । ଯେଉଁଥିରେ ୪ଲକ୍ଷ ୧୨ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ସହିତ ୨ ଲକ୍ଷରୁ ଅଧିକ ନିଯୁକ୍ତି ପ୍ରସ୍ତାବ ରହିଛି । ମୁଖ୍ୟମନ୍ତ୍ରୀ କହିଥିଲେ 'ମିଶନ ପାୱାର' ମୋଡରେ ଆଗାମୀ ଦୁଇ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଏବଂ ବିଦ୍ୟୁତ ଯୋଗାଣ କାର୍ଯ୍ୟକ୍ରମକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ହୋଇଛି । ସେହିପରି ୭୫ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ଏବଂ ୩୦ ହଜାର କୋଟିର ଏନ୍‌ଏଚ୍ ପ୍ରତିଷ୍ଠା କାର୍ଯ୍ୟ ସମୂହ ହାତକୁ ନିଆଯାଇଛି । ଓଡ଼ିଆ ଅସ୍ମିତା ପାଇଁ ସଂସ୍କୃତି ସୁରକ୍ଷା ବାବଦରେ ୪୮ କୋଟି ଟଙ୍କାର ପ୍ରସ୍ତାବ ବ୍ୟବସ୍ଥା କରାଯାଇଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିର ସୁରକ୍ଷା ପାଇଁ ୪୭ କୋଟି ଏବଂ ବରପୁତ୍ର ମାନଙ୍କୁ ସମ୍ମାନ ପ୍ରଦାନ କ୍ଷେତ୍ରରେ ମଧ୍ୟ ଅର୍ଥ ବ୍ୟବସ୍ଥା କରାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ରାଜ୍ୟର ରାଜସ୍ୱ ସଂଗ୍ରହ ପୂର୍ବବର୍ଷ ତୁଳନାରେ ଅଧିକ ହୋଇଛି । ଏ ବର୍ଷ ଏକଲକ୍ଷ ୨୪ ହଜାର ୬୯୮ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଛି ଯାହାକି ଧାର୍ଯ୍ୟଲକ୍ଷ୍ୟ ଠାରୁ ୮.୩୩ ପ୍ରତିଶତ ଅଧିକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ବାଚନିକ ଭୋଟ୍‌ରେ ବ୍ୟୟମଞ୍ଜୁରୀ ବିଲ୍ ଗୃହରେ ଅନୁମୋଦନ ଲାଭ କରିଥିଲା ।

# ଏଏମ୍ /ଏନ୍‌ଏସ୍‌ଇଣ୍ଡିଆ ପକ୍ଷରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଜାତୀୟ ପ୍ରଦୂଷଣ ନିବାରଣ ଦିବସ ପାଳିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍ /ଏନ୍‌ଏସ୍ ଇଣ୍ଡିଆ) ଏହାର ପାରାଦ୍ୱୀପ ଏବଂ ଡାବୁନା ପ୍ଲାଣ୍ଟରେ ସଚେତନତା ଅଧିବେଶନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହିତ ଜାତୀୟ ପ୍ରଦୂଷଣ ନିବାରଣ ଦିବସ ପାଳନ କରିଛି, ଯାହା ସ୍ଥାୟୀତ୍ୱ ଏବଂ ପରିବେଶ ସୁରକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃପ୍ରତିପାଦିତ କରୁଛି ।

ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦ୍ୱୀପ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି)ର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ପାରାଦ୍ୱୀପ ଏସପିସିବିର ପରିବେଶ ଇଞ୍ଜିନିୟର ଦିବ୍ୟଲୋଚନ ମହାପାତ୍ର ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଅଧିକାରୀମାନଙ୍କ ସମେତ ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ, ସ୍ଲରି ପାଇପ ଲାଇନ ଓ ଏଏମ୍ /ଏନ୍‌ଏସ୍ ପୋର୍ଟ୍ସର ମୁଖ୍ୟ ସି.ଏଚ. ହରିପ୍ରସାଦ, ପାରାଦ୍ୱୀପ କ୍ୟାପଟିଭ୍ ପାୱାର ପ୍ଲାଣ୍ଟର ମୁଖ୍ୟ ରାଜଶ୍ରୀ ସିହ୍ନା, ଓଡିଶାପରିବେଶ ବିଭାଗର ମୁଖ୍ୟଶ୍ରୀ ଶୁଭେନ୍ଦୁ କୁମାର ଦାଶ, ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟପରିବେଶ ବିଭାଗର ପ୍ରବନ୍ଧକ ଦେବଦତ୍ତ ଦାସ ଉପସ୍ଥିତ ଥିଲେ । ଏହି ଅବସରରେ ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ଅଂଶୀଦାରମାନେ ମଧ୍ୟ ଯୋଗ ଦେଇଥିଲେ ।

ଏହି ଅବସରରେ, ପୁଷ୍କର ଚନ୍ଦ୍ର ବେହେରା, ଭବିଷ୍ୟତ ପିଢ଼ିକୁ ସୁରକ୍ଷା ଦେବା ପାଇଁ ପ୍ରଦୂଷଣ ନିବାରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଦିବ୍ୟଲୋଚନ ମହାପାତ୍ର ଏହି ଦିବସ ପାଳନର ଗୁରୁତ୍ୱ ଉପରେ ନିଜର ମନ୍ତବ୍ୟ ରଖିଥିଲେ । ସି.ଏଚ୍. ହରିପ୍ରସାଦ ଏଏମ୍ /ଏନ୍‌ଏସ୍‌ଇଣ୍ଡିଆ ଦ୍ୱାରା ପ୍ରଦୂଷଣ ହ୍ରାସ କରିବା ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ଆଲୋକପାତ କରିଥିବାବେଳେ ରାଜଶ୍ରୀ ସିହ୍ନାପାୱାରପ୍ଲାଣ୍ଟରେ ନିର୍ଗମନ ହ୍ରାସ କରିବା ପାଇଁ ନିଆଯାଇଥିବା ପ୍ରମୁଖ ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ । ଶୁଭେନ୍ଦୁ କୁମାର ଦାଶ, ଭୋପାଳ ଗ୍ୟାସ୍ ଟ୍ରାଜେଡିରୁ ମିଳିଥିବା ଶିକ୍ଷା ଉପରେ ଆଲୋଚନା କରିବା ସହିତ ମାନବ ସଭ୍ୟତାକୁ ସୁରକ୍ଷା ଦେବା ପାଇଁ ପ୍ରଦୂଷଣ ହ୍ରାସ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମ ପ୍ଲାଣ୍ଟ ପରିସରରେ ଏକ ବୃକ୍ଷରୋପଣ ଅଭିଯାନ ସହିତ ଶେଷ ହୋଇଥିଲା, ଯେଉଁଠାରେ ବିଶିଷ୍ଟ ବ୍ୟକ୍ତି ଏବଂ କର୍ମଚାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ, ଯାହା ଏକ ସବୁଜ ଭବିଷ୍ୟତ ପ୍ରତି ସାମୂହିକ ଦାୟିତ୍ୱର ପ୍ରତୀକ ଥିଲା ।

ଡାବୁନା ବେନିଫିସିଏସନ୍ ପ୍ଲାଣ୍ଟରେ ସ୍ଥାୟୀତ୍ୱ ଏବଂ କର୍ମକ୍ଷେତ୍ର ଉତ୍କର୍ଷତା ଉପରେ ଧ୍ୟାନ ଦେଇ ଏକ ସଚେତନତା ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ସମୟରେ, କର୍ମଚାରୀ ଏବଂ ସହଯୋଗୀ କର୍ମଚାରୀମାନଙ୍କୁ ବର୍ଜ୍ୟବସ୍ତୁ ସୃଷ୍ଟି ହ୍ରାସ କରିବା, ଜଳ ଏବଂ ବିଦ୍ୟୁତ ସଂରକ୍ଷଣ କରିବା, ବାୟୁ ଏବଂ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପଦକ୍ଷେପ କାର୍ଯ୍ୟକାରୀ କରିବା ଏବଂ କାର୍ଯ୍ୟ କ୍ଷେତ୍ରରେ ହାଉସକିପିଂରେ ଉଚ୍ଚ ମାନଦଣ୍ଡ ବଜାୟ ରଖିବାରେ ସେମାନଙ୍କର ପ୍ରଶଂସନୀୟ ପ୍ରୟାସ ପାଇଁ ସମ୍ମାନିତ କରାଯାଇଥିଲା । ଅଧିବେଶନରେ କର୍ମଚାରୀ ଏବଂ ସହଯୋଗୀକର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ ସହିତ ଦୀର୍ଘକାଳୀନ ପରିବେଶଗତ ଦାୟିତ୍ୱ ସମ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା ।

ଜାତୀୟ ପ୍ରଦୂଷଣ ନିବାରଣ ଦିବସ, ୧୯୮୪ ମସିହା ଭୋପାଳ ଗ୍ୟାସ ଦୁର୍ଘଟଣାର ପୀଡିତମାନଙ୍କ ସ୍ମୃତିରେ ପାଳନ କରାଯାଇଥାଏ । ଏହି ଦିବସ ପ୍ରଦୂଷଣ ନିୟନ୍ତ୍ରଣ ବିଷୟରେ ସଚେତନତା ବୃଦ୍ଧି, ସ୍ଥାୟୀ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ପରିବେଶକୁ ସୁରକ୍ଷା ଦେଉଥିବା ପଦକ୍ଷେପ ଗ୍ରହଣ କରିବାକୁ ଶିଳ୍ପ ଏବଂ ବ୍ୟକ୍ତି ବିଶେଷଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ସର୍ଗୀକୃତ । ଏହିପରି ପଦକ୍ଷେପ ମାଧ୍ୟମରେ, ଏଏମ୍ / ଏନ୍‌ଏସ୍‌ଇଣ୍ଡିଆ ପ୍ରଦୂଷଣ ହ୍ରାସ କରିବା ଏବଂ ଏକ ସ୍ଥାୟୀ ସମାଜ ଗଠନ ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଚାଲିଛି ।

# ରାଜ୍ୟରେ ଗତ ଦେଢବର୍ଷରେ ୧୨୪୩୨ଟି ଲୋକମାନଙ୍କ ସମସ୍ୟା ସମାଧାନ କରାଯାଇଛି : ଆଇନ୍‌ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ନୂତନ ସରକାର ପ୍ରତିଷ୍ଠା ହେବା ପରେ ଗତ ଦେଢବର୍ଷ ଭିତରେ ସାଧାରଣ ଲୋକଙ୍କ ଠାରୁ ବିଭିନ୍ନ ସମସ୍ୟା ସମ୍ପର୍କିତ ୧୩୩୫୮ ଅଭିଯୋଗ ମିଳିଥିବା ବେଳେ ସେଥିମଧ୍ୟରୁ ୧୨୪୩୨ଟି ଅଭିଯୋଗର ଶୁଣାଣି କରାଯାଇ ସମାଧାନ କରାଯାଇଛି । ଅବଶିଷ୍ଟ ଅଭିଯୋଗ ଗୁଡ଼ିକର ସମାଧାନ ପାଇଁ ବିଭାଗୀୟସ୍ତରରେ ପଦକ୍ଷେପ ନିଆଯାଇଛି । ଆଜି ତାରିଖ ସୁଦ୍ଧା ୯୧ ପ୍ରତିଶତ ଅଭିଯୋଗର ଶୁଣାଣି କରାଯାଇ ସମାଧାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ବିଧାନ ସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ପ୍ରକାଶ କରିଛନ୍ତି । ଏହି ପ୍ରସଙ୍ଗରେ ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, ବିଧାୟକ ସର୍ବଶ୍ରୀ ଗଣେଶ୍ୱର ବେହେରା, ସନାତନ ବିଜୁଳି, ଦାଶରଥୀ ଗମାଙ୍ଗ ପ୍ରମୁଖ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ପୂର୍ବ ସରକାର ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ୨୦୦୮ ମସିହାରୁ ବନ୍ଦ ହୋଇଯାଇଥିଲା । ଯାହାଫଳରେ ଅଭିଯୋଗ ଶୁଣାଣି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ନୂଆ ସରକାର ଆସିବା ପରେ ତାହା କାର୍ଯ୍ୟକାରୀ ହୋଇଛି । ୨୦୨୧ ନଭେମ୍ବର ୧ ତାରିଖରୁ ଜନ ଶୁଣାଣି ପୋର୍ଟାଲ ଆରମ୍ଭ ହେବା ପରେ ଏପର୍ଯ୍ୟନ୍ତ ୧୪ ଲକ୍ଷ ୬୧ ହଜାର ୮୩୨ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୩ ଲକ୍ଷ ୭ ହଜାର ୨୫୩ ଅଭିଯୋଗର ଶୁଣାଣି କରାଯାଇ ସମାଧାନ କରାଯାଇଛି । ଆଉ ୧ ଲକ୍ଷ ୩୪ ହଜାର ଅଭିଯୋଗ ସମାଧାନ ପାଇଁ ବିଚାରଧୀନ ପର୍ଯ୍ୟାୟରେ ରହିଛି । ଜଟିଳ ସମସ୍ୟାର କରାଯାଇ ସମାଧାନ ଦିଗରେ ଉଦ୍ୟମ ହେଉଛି । ରାଜ୍ୟରେ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ଦିଗରେ ସରକାର ପ୍ରାଥମିକତା ଦେଉଛନ୍ତି ।

# ନବୀନ ସରକାର କ୍ଷମତାକୁ ଆସିବା ବେଳେ ରାଜ୍ୟର ଆର୍ଥିକ ଅବସ୍ଥା ଦୁର୍ବଳ ଥିଲା : ପ୍ରସନ୍ନ ଆଚାର୍ଯ୍ୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୋମବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ହୋଇଥିବା ବ୍ୟୟ ମଞ୍ଜୁରି ବିଲ୍ ଉପରେ ଗୃହରେ ଆଲୋଚନା ଆରମ୍ଭ ହୋଇଥିଲା । ବିରୋଧୀ ଦଳରୁ ବିଜେଡ଼ିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ ଆଲୋଚନା ଆରମ୍ଭ କରି ରାଜ୍ୟ ସରକାର ବଡ଼ ପରିମାଣର ବଜେଟ ପ୍ରସ୍ତୁତ କରୁଥିବା ବେଳେ ସେହି ଅନୁସାରେ ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ । ବିଭିନ୍ନ ବିଭାଗର ବଜେଟ ପରିମାଣ ଯାହା ମଞ୍ଜୁର ହେଉଛି, ତାହା ବି ଖର୍ଚ୍ଚ ହୋଇପାରୁ ନାହିଁ । ସରକାରଙ୍କ ଜନକଲ୍ୟାଣ ଯୋଜନା ଠିକଣା ଭାବେ କାର୍ଯ୍ୟକାରୀ ହେଉନାହିଁ ବୋଲି କହିଥିଲେ । ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ରାମଚନ୍ଦ୍ର କାଡ଼ାମ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ବ୍ୟବସ୍ଥାର ଉନ୍ନତି ପାଇଁ ସରକାର ଅର୍ଥ ବ୍ୟବସ୍ଥା କରୁନଥିବା ଯୋଗୁ ସେ ଅଞ୍ଚଳର ବିକାଶ ବାଧାପ୍ରାପ୍ତ ହେଉଛି ଏବଂ ଲୋକ ସାଧାରଣ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି । ଶାସକ ଦଳ ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ପୂର୍ବ ସରକାରଙ୍କୁ ସମାଲୋଚନା କରିବା ସହ ବର୍ତ୍ତମାନର ସରକାର ସମୟରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା କହିଥିଲେ । ବିରୋଧୀ ଦଳ ଉପନେତା ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ବିଗତ ସରକାରଙ୍କ ବିରୋଧରେ ଏବର ସରକାର ଯେଉଁ ଅଭିଯୋଗମାନ ଉଠାଉଛନ୍ତି, ତହାକୁ ଖଣ୍ଡନ କରି କହିଥିଲେ ଯେ, ନବୀନ ସରକାର କ୍ଷମତାକୁ ଆସିବା ବେଳେ ରାଜ୍ୟର ଆର୍ଥିକ ଅବସ୍ଥା ଦୁର୍ବଳ ଥିଲା । ରାଜ୍ୟକୁ ନିଅଣ୍ଟିଆ ପରିସ୍ଥିତିରୁ ଉଦ୍ଧାର କରି ସ୍ୱଚ୍ଛଳ ଏବଂ ଆର୍ଥିକ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟରେ ପ୍ରତିଷ୍ଠିତ କରାଯାଇ ପାରିଛି ଯାହାକୁ କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ଏବଂ ଖୋଦ୍ ପ୍ରଧାନମନ୍ତ୍ରୀ ମଧ୍ୟ ଉଚ୍ଚ ପ୍ରଶଂସା ରଖିଛନ୍ତି ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ବ୍ୟୟ ମଞ୍ଜୁରୀ ବିଲ୍ ଆଲୋଚନାରେ ବିଧାୟକ ସର୍ବଶ୍ରୀ ଅରବିନ୍ଦ ମହାପାତ୍ର, ଅଶୋକ କୁମାର ଦାସ, ଲକ୍ଷ୍ମଣ ବାଗ, ସନ୍ତୋଷ ଖଟୁଆ, ନିରଞ୍ଜନ ପୂଜାରୀ, ସୁଧୀରଞ୍ଜନ ପାଟଯୋଶୀ, ବିଧାୟିକା ଉପାସନା ମହାପାତ୍ର ପ୍ରମୁଖ ଭାଗ ନେଇଥିଲେ । ରିପୋର୍ଟ ଲେଖା ହେଲା ବେଳକୁ ଗୃହରେ ଆଲୋଚନା ଅବ୍ୟାହତ ରହିଥିଲା ।

# ପୁସ୍ତକ ମହୋତ୍ସବରେ ଆକର୍ଷଣର କେନ୍ଦ୍ର ପାଲିଟିଛି ଥିମ୍ ପାଭିଲିୟନ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆରମ୍ଭ ହୋଇଯାଇଛି ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୫ । ଭୁବନେଶ୍ୱର ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆରେ ଦିବା ୨ ଘଟିକାରୁ ରାତ୍ର ୯ ଘଟିକା ଏବଂ ଶନିବାର ଓ ରବିବାର ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଆୟୋଜିତ ହେଉଛି ପୁସ୍ତକ ମହୋତ୍ସବ । ଚଳିତ ବର୍ଷର ପୁସ୍ତକ ମହୋତ୍ସବରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସାରସ୍ୱତ ସାହିତ୍ୟ ସ୍ରଷ୍ଟାଙ୍କୁ କୃତିକୁ ପ୍ରାଧାନ୍ୟ ଦିଆଯାଇଛି । ଏଥିସହ ପୁସ୍ତକ ମହୋତ୍ସବର ଟ୍ୟାଗଲାଇନ୍ ରହିଛି 'ପୃଷ୍ଠା ଖୋଲନ୍ତୁ, ସ୍ୱପ୍ନକୁ ଜାଗ୍ରତ କରନ୍ତୁ' । ଚଳିତ ଥରର ପୁସ୍ତକ ମହୋତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦୁଇଟି ଥିମ୍ ପାଭିଲିୟନ ନିର୍ମାଣ କରାଯାଇଛି ଯାହାକି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଓଡ଼ିଶାର ବିଶିଷ୍ଟ ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ନେଇ ଆୟୋଜିତ ହୋଇଥିବା ଏହି ପାଭିଲିୟନରେ କୁନ୍ତଳା କୁମାରୀ ସାବତ, ସରଳା ଦେବୀ, କିଶୋରୀମଣି ଦେବୀ, ଅନ୍ନପୂର୍ଣ୍ଣା ମହାରଣା, ଶୈଳବାଳା ଦାସ, ରମାଦେବୀ, ଜମ୍ବୁବତୀ ପଟ୍ଟନାୟକ, ପରୀବେୱା, କୃଷ୍ଣା ମହାନ୍ତି, ମାଳତୀ ଚୌଧୁରୀ, ସୁଧାଂଶୁ ବାଳା ହାଜରା, ନିର୍ମଳା ଦେବୀ, ପାର୍ବତୀ ଦେବୀଙ୍କ ଫଟୋଚିତ୍ରକୁ ସ୍ଥାନିତ କରାଯାଇଛି । ଏଥିସହ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ସମ୍ପର୍କରେ ସମ୍ୟକ ବିବରଣୀ ପ୍ରଦାନ କରାଯାଇଛି । ସେହିପରି ଭାବରେ ଭାରତର ଲୌହମାନବ ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ (ସର୍ଦ୍ଦାର @୧୫୦) ପାଳନ ଅବସରରେ ତାଙ୍କ ଜୀବନୀକୁ ନେଇ ଏକ ଥିମ୍ ପାଭିଲିୟନ ପ୍ରସ୍ତୁତ କରାଯାଇଛି । ଏହି ପାଭିଲିୟନରେ ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତିକୁ ସ୍ଥାପିତ କରାଯିବା ସହ ତାଙ୍କ ଜୀବନୀ ଓ ଅଖଣ୍ଡ ଭାରତର ମୂଳଦୁଆ ସ୍ଥାପନ ଓ ଦେଶୀୟ ରାଜ୍ୟ ମିଶ୍ରଣରେ ତାଙ୍କର ଭୂମିକାକୁ ଚିତ୍ରକଳା ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି । ସମସ୍ତ ଚିତ୍ରକଳା ମଧ୍ୟରେ ଗୁଜରାଟରେ ରହିଥିବା ଷ୍ଟାଚ୍ୟୁ ଅଫ ୟୁନିଟିର ଚିତ୍ରକଳା ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରିଛି । ଦୁଇଟି ଥିମ୍ ପାଭିଲିୟନରେ ଦର୍ଶକମାନଙ୍କର ବେଶ ଭିଡ଼ ଦେଖିବାକୁ ମିଳୁଛି । ଓଡ଼ିଶାର ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ ଓ ସାରସ୍ୱତ ସାଧକମାନେ ହେଲେ ଚିର ନମସ୍ୟ । ସ୍ୱାଧୀନତା ସଂଗ୍ରାମୀ ଓ ସାରସ୍ୱତ ସାଧକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଯୁବପିଢ଼ିଙ୍କୁ ଆମ ଓଡ଼ିଶାର ମହିଳା ସ୍ୱାଧୀନତା ସଂଗ୍ରାମୀ ଓ ଲୌହମାନବ ସର୍ଦ୍ଦାର ପଟେଲଙ୍କ ଜୀବନୀ ଓ ଭୂମିକା ସମ୍ପର୍କରେ ଅବଗତ କରିବାର ସଂସ୍କୃତି ବିଭାଗର ଏହି ଅଭିନବ ପ୍ରୟାସ ପ୍ରଶଂସନୀୟ ବୋଲି ବୁଦ୍ଧିଜୀବୀ ଓ ପାଠକ ମହଲରେ ମତପ୍ରକାଶିତ ହୋଇଛି । ଆଜି ପୁସ୍ତକ ମହୋତ୍ସବର ତୃତୀୟ ଦିନରେ କବି ରମାକାନ୍ତ ରଥ ମଞ୍ଚରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ଲେଖିକା ସଂସଦର ମିଳିତ ଆନୁକୂଲ୍ୟରେ ଓଡ଼ିଶାର ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ଆଲୋଚନା ଚକ୍ର ଓ କବିତା ପାଠ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଆଲୋଚନା ଚକ୍ରରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଶ୍ରୀମତୀ ଭାରତୀ ପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଶକୁନ୍ତଳା ବଳିଆର ସିଂଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଅତିଥିମାନେ ଓଡ଼ିଶାର ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ । ଏଥିସହ ସମସ୍ତ ପ୍ରତିକୂଳ ପରିସ୍ଥିତିର ସାମ୍ନା କରି ମହିଳା ସ୍ୱାଧୀନତା ସଂଗ୍ରାମୀମାନେ କିପରି ଭାବେ ନିଜ ଜୀବନକୁ ଦେଶର ସ୍ୱାଧୀନତା ପାଇଁ ଉତ୍ସର୍ଗୀକୃତ କରିଥିଲେ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ପ୍ରକାଶଯୋଗ୍ୟ ଯେ, ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବର ମୁଖ୍ୟ ପ୍ରବେଶ ଦ୍ୱାରକୁ ମା' ରମାଦେବୀ ପ୍ରବେଶ ପଥ, ଭିତର ପ୍ରବେଶ ଦ୍ୱାରକୁ ସନ୍ଥକବି ଭୀମଭୋଇ ପ୍ରବେଶ ପଥ, ମୁଖ୍ୟ ମଞ୍ଚକୁ କବି ରମାକାନ୍ତ ରଥ ମଞ୍ଚ ଓ ଭିତର ମଞ୍ଚକୁ ଶହୀଦ ବାଜି ରାଉତ ମଞ୍ଚ ନାମରେ ନାମିତ କରାଯାଇଛି । ଏଥିସହ ପୁସ୍ତକ ମହୋତ୍ସବର ପ୍ରବେଶ ପଥ ପାଖରେ 'ଓଡ଼ିଆ ଅସ୍ମିତାର ପ୍ରତୀକ, ଓଡ଼ିଆ ଜାତିର ଗର୍ବ ଓ ଗୌରବ' ଶୀର୍ଷକରେ ବିଶିଷ୍ଟ ସାହିତ୍ୟିକମାନଙ୍କର କାଳଜୟୀ ଉପନ୍ୟାସର ଫଟୋଚିତ୍ରକୁ ମଧ୍ୟ ପ୍ରଦର୍ଶିତ କରାଯାଇଛି ।

# ସଡ଼କ ଦୁର୍ଘଟଣାରେ ହାସ୍ୟ ଅଭିନେତାଙ୍କର ପରଲୋକ

**ଧାମନଗର, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଯାତ୍ରା ଜଗତର ଜଣାଶୁଣା ତଥା ଲୋକପ୍ରିୟ ହାସ୍ୟ ଅଭିନେତା ଗୁରୁ ପ୍ରସାଦ ପୃଷ୍ଟିଙ୍କର ରବିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁକୁ ନେଇ ସମଗ୍ର କଳାଜଗତରେ ଶୋକର ଛାୟା ଖେଳିଯାଇଛି । ଏହାସହ ଧାମନଗର ଅଞ୍ଚଳ ସ୍ତବ୍ଧ ହୋଇଯାଇଛି । ଦି ଦିନ ଧରି ମଞ୍ଚରେ ଅଭିନୟ ଜରିଆରେ ହସାଇଥିବା ଗୁରୁଙ୍କ ଦେହାନ୍ତ ଯାତ୍ରା ପ୍ରେମୀଙ୍କୁ ଗଭୀର ଆଘାତ ଦେଇଛି । ଏପରିକି ଗୁରୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ କମିଟି ପକ୍ଷରୁ ଶେଷ ରାତିର ନାଟକ ପରିବେଷଣକୁ ବନ୍ଦ କରାଯାଇଥିଲା । କ୍ଷେଣ୍ଟପୁର ଯାତ୍ରା ମଞ୍ଚରେ ଗତ ୫ ତାରିଖରୁ ଯାତ୍ରା ଅନୁଷ୍ଠାନ ଇନ୍ଦ୍ର ଭୁବନ ଯାତ୍ରା ପରିବେଷଣ କରୁଥିଲା । ପ୍ରଥମ ରାତିରେ 'ଚିଠି ବାସୁଛି ତୁଳସୀ ତୁଳସୀ' ମଞ୍ଚସ୍ଥ ହୋଇଥିଲା । ଏଥିରେ ଅଭିନୟ କରୁଥିବା ଗୁରୁ ଦର୍ଶକଙ୍କୁ ହସାଇ ହସାଇ ବେଦମ କରିଥିଲେ । ଦ୍ୱିତୀୟ ଦିନର ନାଟକ 'ନ ଅଙ୍କ ଦୁର୍ଭିକ୍ଷ'ରେ ବି ତାଙ୍କ ଅଭିନୟ ଦର୍ଶକଙ୍କୁ ଭାବ ବିହ୍ୱଳ କରିଥିଲା । ଦି ଦିନ ଧରି ମଞ୍ଚରେ ଦେଖିଥିବା ଗୁରୁଙ୍କୁ ତୃତୀୟ ରାତିର ନାଟକ 'ସକଳ ତୀର୍ଥ ତୋ ଚରଣ'ର ଅଭିନୟ ପାଇଁ ଅପେକ୍ଷା କରିଥିଲେ । ହେଲେ ବିଧିର ବିଧାନ କିଛି ଅଲଗା ଥିଲା । କ୍ଷେଣ୍ଟପୁରରେ ଯାତ୍ରା ସାରି ଦି ଦିନ ହେଲା ଭଦ୍ରକରେ ସଂପର୍କୀୟଙ୍କ ଘରକୁ ଯାଉଥିଲେ । ଦିନରେ ବିଶ୍ରାମ ନେଇ ପୁଣି ଅନୁଷ୍ଠାନକୁ ଫେରୁଥିଲେ । ଶେଷ ରାତିର ନାଟକ ପରିବେଷଣ ପାଇଁ ଗୁରୁ ସଂପର୍କୀୟଙ୍କ ଘରୁ ବାଇକ୍ ଧରି ଆସୁଥିଲେ । ନଳାଙ୍ଗ ନିକଟ ଚିଙ୍ଗୁଡ଼ିପୁରଠାରେ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲେ ଗୁରୁ । ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିବା ଗୁରୁଙ୍କୁ ପୋଲିସ ଉଦ୍ଧାର କରି ଭଦ୍ରକ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରିଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ନବୀନଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ନିନ୍ଦନୀୟ : ପ୍ରମିଳା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗୃହକୁ ଆସୁନଥିବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆକ୍ଷେପକୁ ନେଇ ପ୍ରତିକ୍ରିୟା ରଖିଲେ ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ନିଜେ ମୁଖ୍ୟମନ୍ତ୍ରୀ ଗୃହକୁ ଆସୁ ନାହାନ୍ତି, ଅନୁପସ୍ଥିତ ରହୁଛନ୍ତି, ପ୍ରଶ୍ନ ଉତ୍ତରରେ ଭାଗ ନେଉନାହାନ୍ତି, ତାଙ୍କ ପାଇଁ ଅନ୍ୟ ମନ୍ତ୍ରୀ ଉତ୍ତର ରଖୁଛନ୍ତି ବୋଲି ପ୍ରମିଳା କହିଛନ୍ତି । ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ବେଳେ ସବୁବେଳେ ଗୃହକୁ ଆସୁଥିଲେ, ପ୍ରଶ୍ନ ଉତ୍ତରରେ ଭାଗ ନେଉଥିଲେ, ବିରୋଧୀ ଦଳଙ୍କ କଥା ଶୁଣୁଥିଲେ । ମୋହନ ମାଝିଙ୍କ ଠାରୁ ନବୀନ ବାବୁ ଅନେକ ଭଲ ଥିଲେ । ନବୀନଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ନିନ୍ଦନୀୟ । ମୁଖ୍ୟମନ୍ତ୍ରୀ ନିଜେ ଗୃହକୁ ଆସନ୍ତୁ ଆଗ, ବିରୋଧୀଙ୍କ କଥା ଶୁଣନ୍ତୁ ବୋଲି କହିଛନ୍ତି ବିରୋଧୀଦଳ ମୁଖ୍ୟ ସଚେତକ ।

# ରାଷ୍ଟ୍ରପତିଙ୍କ ଗାଁ ଓ ସ୍କୁଲ ପରିଦର୍ଶନ କଲେ ପଶ୍ଚିମବଙ୍ଗ ରାଜ୍ୟପାଳ




**ରାଇରଙ୍ଗପୁର/ବାଦାମପାହାଡ, ନ୍ୟୁଜ ବ୍ୟୁରୋ**

ସୋମବାର ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି ଆନନ୍ଦ ବୋଷ ସକାଳୁ କୋଲକତାସ୍ଥ ହାୱଡା ଷ୍ଟେସନରୁ ବନ୍ଦେ ଭାରତ ଟ୍ରେନ ଯୋଗେ ଟାଟା ନଗର ରେଳଷ୍ଟେସନରେ ପହଞ୍ଚିବା ପରେ ସେଠାରୁ ସଡ଼କ ପଥ ଦେଇ ରାଇରଙ୍ଗପୁର ଗସ୍ତରେ ଆସି ମଧ୍ୟାହ୍ନ ୧୨ ଘଟିକାରେ ରାଇରଙ୍ଗପୁରସ୍ଥ ପୂର୍ତ୍ତ ବିଭାଗର ଡାକ ବଙ୍ଗଳାରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ପରେ ତାଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି, ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ, ରାଷ୍ଟ୍ରପତିଙ୍କ ଉପଦେଷ୍ଟା ବିଜୟଲକ୍ଷ୍ମୀ ମହାନ୍ତି, ଏସଡିପିଓ ଗକୁଳାନନ୍ଦ ସାହୁ, ବିଜେପି ରାଜ୍ୟ ସମ୍ପାଦକ ରାମଚନ୍ଦ୍ର ହାଁସଦା, ପୂର୍ବତନ ବିଜେପି ରାଜ୍ୟ ସମ୍ପାଦକ ନବୀନ ରାମ୍, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି କୁରିଲାଲ ମହାନ୍ତ, ବରିଷ୍ଠ ନେତା ସଞ୍ଜୀବ ମହାନ୍ତି, ମନୋଜ ଦାସ, ବିକାଶ ମହାନ୍ତ, ଡ଼ାକ୍ତର ପି.ଏସ ମାଣିକେଶ୍ୱରୀ, ନନ୍ଦିଆ ମହାନ୍ତି, ସୁରତ ପଟ୍ଟନାୟକ, ସୁନିଲ ମହାନ୍ତଙ୍କ ସମେତ ଶତାଧିକ ଲୋକ ଉପସ୍ଥିତ ରହି ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ । ରାଜ୍ୟପାଳ ରାଇରଙ୍ଗପୁରରେ ପହଞ୍ଚିବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗାଁ ପାହାଡ଼ପୁରକୁ ପରିଦର୍ଶନ କରି ରାଷ୍ଟ୍ରପତିଙ୍କ ସ୍ୱାମୀ ଓ ଦୁଇ ପୁଅଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଏସଏଲଏସ୍ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ସେଠାକାର ଛାତ୍ରଛାତ୍ରୀଙ୍କ ସହିତ ଭାବ ବିନିମୟ କରିଥିଲେ । ସେଠାରୁ ସେ ରାଇରଙ୍ଗପୁରସ୍ଥ ପୂର୍ତ୍ତ ବିଭାଗର ଡାକ ବଙ୍ଗଳାକୁ ଫେରିବା ପରେ ସେଠାରେ ରାତ୍ରିଯାପନ କରିଛନ୍ତି ବୋଲି ସୂଚନା ରହିଛି ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, NIMAPARA

Mail I.D- ee_nimapara@yahoo.co.in

No:- Tender Online-Divn.NPR-10/2025-26 Date:- 28.12.2025

O-1722

**e-Procurement NOTICE**

1. Name of the work : Building Works for the year 2025-26.
2. Total No. of Projects : 01 (One) no of project.
3. Estimated cost of projects : Rs. 77.87 lakh
4. Class of contractor
   A) Estimated Cost above Rs 20.00lakhs and upto Rs. 300.00Lakhs. : "B" Class (of Odisha PWD) or relevant Class of other licensing authorities.
   B) Estimated Cost more than Rs 20.00laks and upto Rs. 40.00Lakhs. : "C" Class & "B" Class (of Odisha PWD) or relevant Class of other licensing authorities.
   C) Estimated Cost upto Rs. 20.00Lakhs : "D" Class & "C" Class (of Odisha PWD) or relevant Class of other licensing authorities.
5. Mode of Submission of tender : Tender should be submitted online only in website www. tendersori ssa.gov. in
6. Period of Completion : As per TCN
7. Other details.

| Procurement Officer | Bid identification No. | Availability of tender on-line for bidding From | To | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara. | Tender On-line-Divn. NPR-10/2025-26 | 09.12.2025 at 11.00 A.M. | 22.12.2025 up to 5.00 P.M | 22.12.2025 up to 11.00A.M. | 23.12.2025 at 11.00 A.M. Office of the S.E. R.W. Division, Nimapara. |

Further details can be seen from the website www.tendersorissa.gov.in

Sd/- Superintending Engineer
Rural Works Division, Nimapara.

OIPR-25099/11/0016/2526

ଭୁବନେଶ୍ୱର
୦୯ ଡିସେମ୍ବର,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ସୂର୍ଯ୍ୟମନ୍ଦିରରୁ ବାଲି କାଢିବା ପାଇଁ ମନ୍ଦିର କାନ୍ଥରେ ହେଲା ଡ୍ରିଲ୍



**କୋଣାର୍କ,୮।୧୨ ନ୍ୟୁଜ ବ୍ୟୁରୋ**

କୋଣାର୍କ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ କଢା ହେବ ବାଲି। ସୋମବାର ପୂର୍ବାହ୍ନରେ ଏଏସଆଇ ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ ଦିଲୀପ କୁମାର ଖମାରୀ, ଚେନ୍ନାଇର ବିଶେଷଜ୍ଞ ଦଳ କୋଣାର୍କ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢା ପ୍ରକ୍ରିୟା ଓ ସୂର୍ଯ୍ୟମନ୍ଦିର ସଂରକ୍ଷଣ ନେଇ ଅନୁଧ୍ୟାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍କଲ ସୁପରିଟେଣ୍ଡେଣ୍ଟ ଡ଼ଃ ଡି.ବି ଗଡ଼ନାୟକ, ଡେପୁଟି ସୁପରିଟେଡେଣ୍ଟ ଚିତ୍ତରଞ୍ଜନ ଦାଶ ଓ ଆଇଆଇଟି ଚେନ୍ନାଇର ବିଶେଷଜ୍ଞ ଦଳ ଉପସ୍ଥିତ ଥିଲେ। ମନ୍ଦିରର ପଶ୍ଚିମ ପାର୍ଶ୍ୱରେ ଜିରୋ ଭାଇବ୍ରାଣ୍ଟ ଡାଇମଣ୍ଡ ଡ୍ରିଲରେ ୧୬ସେମି ଗୋଲେଇରେ ଗର୍ତ୍ତ କରାଯାଉଛି। ପ୍ରାୟ ୭ ମିଟର ଖୋଳା ସରିଲାଣି। ଗତ ୨୦୨୨ ସେପ୍ଟେମ୍ବର ମାସ ୮ତାରିଖରେ ଏଏସଆଇ ଓ ବିଡିଆର ନିର୍ମାଣ ବିଭାଗ ସୂର୍ଯ୍ୟମନ୍ଦିର ଗର୍ଭଗୃହ ଦ୍ୱାର ନିକଟରେ ପୂଜାର୍ଚ୍ଚନା ସହିତ ହୋମଯଜ୍ଞ କରି ଶୁଭ ଦେଇଥିଲେ। ବାଲି ନିଷ୍କାସନ ସରିଲେ ପର୍ଯ୍ୟଟକଙ୍କ ପାଇଁ ଜଗମୋହନ ଦ୍ୱାର ଖୋଲି ଦିଆଯିବ ବୋଲି ଏଏସଆଇ ସୂଚନା ଦେଇଥିଲା। ଏକ ସ୍ୱତନ୍ତ୍ର ଲିଫ୍ଟ ମାଧ୍ୟମରେ ମନ୍ଦିର ଚୂଡ଼ାରୁ ଗର୍ଭଗୃହରେ ରହିଥିବା ବାଲି ଗୁଡିକୁ ମନ୍ଦିର ପାଦଦେଶକୁ ସୁରକ୍ଷିତ ଉପାୟରେ ପର୍ଯ୍ୟାୟକ୍ରମେ ବାହାର କରାଯିବ। ଏହି କାର୍ଯ୍ୟ ସମୟରେ ମନ୍ଦିର କୀର୍ତ୍ତିରାଜି ପ୍ରତି ବିଶେଷ ଧ୍ୟାନ ଦିଆଯିବ ।

# ନନ୍ଦନକାନନରେ ଗଡ଼ିବ ଶିଶୁ ରେଳଗାଡ଼ି: ସବୁ ଯନ୍ତ୍ରାଂଶ ବଦଳିଲା

**ବାରଙ୍ଗ ୦୮/୧୨**
**ନ୍ୟୁଜ ବ୍ୟୁରୋ**



ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଗତ ଜାନୁଆରୀ ମାସରୁ ଶିଶୁ ରେଳଗାଡ଼ି (ଟୟ ଟ୍ରେନ୍) ଚଳାଚଳ ବନ୍ଦ ଥିଲା । ଜାନୁଆରୀ ୧୯ ତାରିଖ ଅପରାହ୍ନରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ନେଇ ଯାଉଥିବାବେଳେ ଅଧା ରାସ୍ତାରେ ଟ୍ରେନ ଲାଇନ୍‌ଚ୍ୟୁତ୍ ହୋଇଥିଲା । ସେବେଠାରୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ କର୍ତ୍ତୃପକ୍ଷ ଶିଶୁ ରେଳଗାଡ଼ି ଚଳାଇବା ବନ୍ଦ ରଖିଥିଲେ । ଇତିମଧ୍ୟରେ ରେଳଗାଡ଼ିର ସବୁ ଯନ୍ତ୍ରାଂଶ ବଦଳାଯାଇ ନବୀକରଣ କରାଯାଇଛି । ଏବେ ତାହା ଗଡ଼ିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଆଗକୁ ନନ୍ଦନକାନନ ପ୍ରତିଷ୍ଠା ଦିବସ ଥିବାରୁ ଖୁବ୍‌ଶୀଘ୍ର ଶିଶୁ ରେଳଗାଡ଼ି ଚାଲିବ ବୋଲି ଜଣାପଡିଛି। ୧୯୭୧ ଅଗଷ୍ଟରେ ପ୍ରଥମ କରି ନନ୍ଦନକାନନରେ ଶିଶୁ ରେଳଗାଡି ଗଡ଼ିଥିଲା। ୨୦୦୬ ପର୍ଯ୍ୟନ୍ତ ନନ୍ଦନକାନନ କର୍ତ୍ତୃପକ୍ଷ ନିଜେ ଏହାକୁ ପରିଚାଳନା କରୁଥିଲେ। ଡିଜେଲ ଇଞ୍ଜିନ ଥିବାରୁ ବିଭିନ୍ନ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁଇ ବର୍ଷ ୨୦୦୮ ପର୍ଯ୍ୟନ୍ତ ତାହା ବନ୍ଦ କରାଯାଇଥିଲା । ପରେ ଇଞ୍ଜିନ୍ ଠିକ୍ କରି ଟେଣ୍ଡର ମାଧ୍ୟମରେ ୨୦୦୮ରୁ ଜଣେ ଠିକାଦାରଙ୍କ ଦ୍ୱାରା ଏହା ପରିଚାଳିତ ହେଲା । କିନ୍ତୁ ବେଶିଦିନ ଚାଲିପାରିଲାନି। ୨୦୧୪ରେ ବନ୍ଦ ହୋଇଗଲା। ଦୁଇ ବର୍ଷ ପରେ ପୁଣି ନନ୍ଦନକାନନ କର୍ତ୍ତୃପକ୍ଷ ନୂତନ ଜ୍ଞାନ କୌଶଳରେ ପ୍ରଦୂଷଣ ମୁକ୍ତ ଶିଶୁ ରେଳଗାଡି ଚଳାଇବାକୁ ନିଷ୍ପତ୍ତି ନେଲେ । ୨୦୧୬ ଅକ୍ଟୋବର ୨୦ରୁ ୨୦୨୦ ଡିସେମ୍ବର ମଧ୍ୟରେ ଆରଆଇଟିଇଏସ୍ ଲିମିଟେଡ ଏମସିଏଲ୍ ସିଏସଆର ପାଣ୍ଠି ଦ୍ୱାରା ୩୦୫ ଲକ୍ଷ ଟଙ୍କା ବ୍ୟୟରେ ରେଳ ଲାଇନ ଓ ପ୍ଲାଟଫର୍ମର ନବୀକରଣ ହୋଇଥିଲା । ପରେ ଏହା ୪୯୮.୬୩ ଲକ୍ଷ ଟଙ୍କାକୁ ବୃଦ୍ଧି ହୋଇଥିଲା। ଆମ୍ୟୁଜମେଣ୍ଟ ରାଇଟ୍ସ ଏବଂ ଫୟୁମ ଓ୍ୱାର୍ଲ୍ଡ ପାଟପରାଙ୍ଗ ଇଣ୍ଡଷ୍ଟ୍ରିକାଲ ଏରିଆ, ନୂଆଦିଲ୍ଲୀ ଦ୍ୱାରା ୮୧ ଲକ୍ଷ ୮୭ ହଜାର ୫୨୦ ଟଙ୍କାରେ ବ୍ୟାଟେରୀ ଚାଳିତ ଶିଶୁ ରେଳଗାଡି ନିର୍ମାଣ ହୋଇଥିଲା । ୨୦୨୧ ଅକ୍ଟୋବର ୮ରେ ଜଙ୍ଗଲ ବିଭାଗ ମନ୍ତ୍ରୀ ଶିଶୁ ରେଳଗାଡ଼ି ଲୋକାର୍ପଣ କରିଥିଲେ । ତେବେ ରେଳ ଗାଡ଼ିଟି କମ୍ ସମୟ ଚାଲି ଅଧିକ ସମୟ ଖରାପ ହେଉଥିଲା।

## କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍‌ର ୧୧ତମ ପ୍ରତିଷ୍ଠା ଦିବସ

# ପିଲାମାନଙ୍କୁ ଅନ୍ତର୍ନିହିତ ଦକ୍ଷତା ପରିପ୍ରକାଶ ନିମନ୍ତେ ସୁଯୋଗ ଦେବା ଉଚିତ



**ଭୁବନେଶ୍ୱର, ୮।୧୨ ନ୍ୟୁଜ ବ୍ୟୁରୋ**

କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ପାଇଁ ଥିବା ସ୍ପେଶାଲ୍ ଏଜୁକେସନାଲ୍ ନିଡ୍‌ସ (ସେନ୍) ଗ୍ଲୋବର ୧୧ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୋବେଲ ପୁରସ୍କାର ବିଜେତା ପ୍ରଫେସର ଅଭିଜିତ ବିନାୟକ ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି କହିଲେ, ଆମେ ସମସ୍ତେ ଭିନ୍ନ। ଆମେ ନିରନ୍ତର ସ୍ଥିର ଉପାୟରେ ନିଜର ସଫଳତାକୁ ଶ୍ରେୟ ଦେବାକୁ ଚେଷ୍ଟା କରୁ। ସେ କହିଲେ, ଶିକ୍ଷକ ଶିକ୍ଷୟିତ୍ରୀ କିମ୍ବା ଅଭିଭାବକ ସେମାନଙ୍କ ପିଲାଙ୍କ ଚିନ୍ତାଧାରା, ସର୍ଜନା ଓ ଦୃଷ୍ଟିକୋଣକୁ ଗୁରୁତ୍ୱଦେବା ଉଚିତ। ଅଭିଭାବକମାନେ ସେମାନଙ୍କ ଚିନ୍ତାଧାରା ପିଲାଙ୍କ ଉପରେ ଲଦିଦେବା ଉଚିତ ନୁହେଁ । ପିଲାମାନଙ୍କୁ ସେମାନଙ୍କ ଅନ୍ତର୍ନିହିତ ଦକ୍ଷତା ପରିପ୍ରକାଶ ନିମନ୍ତେ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କୁ ସୁଯୋଗ ଦେବା ଉଚିତ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ସେନ୍ ଗ୍ଲୋବ ଜରିଆରେ ମାନସିକ ଓ ଶାରୀରିକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସାଧାରଣ ଛାତ୍ରଛାତ୍ରୀଙ୍କ ସମକକ୍ଷ କରାଇବା ପାଇଁ ଯେଉଁ ପ୍ରୟାସ ଜାରି ରଖିଛି ତାହା ଭାରତରେ ବିରଳ । ଫଳରେ ଏଠାରେ ପଢୁଥିବା ଏହି ଛାତ୍ରଛାତ୍ରୀମାନେ ସାଧାରଣ ଛାତ୍ରଛାତ୍ରୀଙ୍କ ଭଳି ଶିକ୍ଷା ତଥା ବିଭିନ୍ନ କ୍ଷେତ୍ରରେ ଆତ୍ମବିଶ୍ୱାସ ସହ ପାରଦର୍ଶିତା ଲାଭ କରୁଛନ୍ତି । ଏଥିପାଇଁ ସେ କିଟ୍ ସେନ୍ ଗ୍ଲୋର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହା ସହ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟାର ପର୍ସନ ଡ. ମୋନାଲିସା ବଳ, ଅଧକ୍ଷ ଡ. ସଞ୍ଜୟ ସୁଆରଙ୍କ ସେମାନଙ୍କ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦିନ ତମାମ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ଦେଖିବାକୁ ମିଳିଥିଲା। ଏହା ସହ ବାଲ୍ ଶକ୍ତି ପୁରସ୍କାର ବିଜେତା କୋରୋକ୍ ବିଶ୍ୱାସଙ୍କ ଏକ ସୁନ୍ଦର ଶାସ୍ତ୍ରୀୟ କାର୍ଯ୍ୟକ୍ରମ ପ୍ରଦର୍ଶନ ଦର୍ଶକଙ୍କୁ ବିଶେଷ ଭାବରେ ଆକର୍ଷିତ କରିଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ. ମୋନାଲିସା ବଳ, ଡ. ସଞ୍ଜୟ ସୁଆର ଓ ଇଣ୍ଟରନ୍ୟାସ୍‌ନାଲ୍ କରିକୁଲମ୍‌ର ମୁଖ୍ୟ ଡ. ମାର୍କ କୋଲେମନ ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିଗୋରେ ଏବେ ବି ଅଚଳାବସ୍ଥା: ହସ୍ତକ୍ଷେପ କରିବାକୁ ମନାକଲେ ସର୍ବୋଚ୍ଚ ନ୍ୟାୟାଳୟ

**ନୂଆଦିଲ୍ଲୀ ୦୮/୧୨**
**ନ୍ୟୁଜ ବ୍ୟୁରୋ**



ଇଣ୍ଡିଗୋ ବିମାନ ଚଳାଚଳ ନେଇ ସଙ୍କଟ ଜାରି ରହିଛି । ଏଥିପାଇଁ ହଜାର ହଜାର ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ମଧ୍ୟ ଇଣ୍ଡିଗୋକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଏହି ସମୟରେ, ଦିଲ୍ଲୀ ବିମାନବନ୍ଦର କର୍ତ୍ତୃପକ୍ଷ ଯାତ୍ରୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଜାରି କରିଛନ୍ତି। କର୍ତ୍ତୃପକ୍ଷ କହିଛନ୍ତି ଯେ ଦିଲ୍ଲୀରୁ ଅଧିକାଂଶ ବିମାନ ଏବେ ସମୟ ଅନୁସାରେ ଉଡ଼ାଣ କରୁଛି। ତଥାପି ଏହା ଗୁରୁତ୍ୱପୂର୍ଣ୍ଣ ଯେ ସୋମବାର ଦିଲ୍ଲୀରୁ ୩୦୦ରୁ ଅଧିକ ବିମାନ ବାତିଲ କରାଯାଇଛି। ଦିଲ୍ଲୀ ବିମାନବନ୍ଦର ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି କହିଛି, 'ଦିଲ୍ଲୀ ବିମାନବନ୍ଦର କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ତଥାପି କିଛି ବିମାନ ବାତିଲ କିମ୍ବା ପୁନଃନିର୍ଦ୍ଧାରିତ ହୋଇପାରେ। ଆମର ଗ୍ରାଉଣ୍ଡ ଟିମ୍ ଯାତ୍ରୀଙ୍କ ସୁବିଧା ପାଇଁ କଠିନ ପରିଶ୍ରମ କରୁଛି। ଆମେ ଯାତ୍ରୀମାନଙ୍କୁ ସେମାନଙ୍କର ବିମାନ ସମ୍ପର୍କରେ ବିମାନ କମ୍ପାନୀ ସହିତ ଅପଡେଟ୍ ରହିବାକୁ ଅନୁରୋଧ କରୁଛୁ। ସେପଟେ ଇଣ୍ଡିଗୋ ସଙ୍କଟ ନେଇ ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମକୋର୍ଟ । ଦେଶର ସର୍ବୋଚ୍ଚ ଅଦାଲତ ଇଣ୍ଡିଗୋ ସଙ୍କଟରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି କହିଛନ୍ତି ଯେ ସରକାର ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଯଦି ପରିସ୍ଥିତି ସେହିପରି ରହିଥାନ୍ତା ତେବେ ଏହା ଭିନ୍ନ କଥା ହୋଇଥାନ୍ତା। ଆମେ ବୁଝୁଛୁ ଯେ ଲକ୍ଷ ଲକ୍ଷ ଲୋକ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ସରକାର ଏହି ମାମଲାକୁ ପରିଚାଳନା କରୁଛନ୍ତି ବୋଲି କହିଛନ୍ତି ସୁପ୍ରିମକୋର୍ଟ ।

ଆବେଦନରେ ଅଭିଯୋଗ କରାଯାଇଛି ଯେ ଇଣ୍ଡିଗୋର ବିମାନ ବାତିଲ ସମ୍ବିଧାନର ଧାରା ୨୧ ଉଲ୍ଲଂଘନ କରୁଛି। ଇଣ୍ଡିଗୋର ବିମାନ ବାତିଲ ଏବଂ ବିଳମ୍ବ ଯୋଗୁଁ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ ଶନିବାର ଆବେଦନକାରୀଙ୍କ ଓକିଲ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ବାସଭବନକୁ ଯାଇ ଏହି ବିଷୟରେ ତୁରନ୍ତ ଶୁଣାଣି ପାଇଁ ଅନୁରୋଧ କରିଥିଲେ। ବିମାନ ବାତିଲ ସମ୍ପର୍କରେ ସୁପ୍ରିମକୋର୍ଟରେ ଏକ ଜନଶୁଣାଣି ଆବେଦନ ଦାଖଲ କରାଯାଇଛି। ଆଇନଜୀବୀ ନରେନ୍ଦ୍ର ମିଶ୍ର କହିଛନ୍ତି ଯେ ଜଷ୍ଟିସ ସୂର୍ଯ୍ୟକାନ୍ତ ଆମର ଆବେଦନର ସମୀକ୍ଷା କରିଛନ୍ତି ଏବଂ ତାଙ୍କ କର୍ମଚାରୀଙ୍କୁ ଏହି ମାମଲା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଜେଆଇ ତାଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଏହି ମାମଲାର ଖୁବଶୀଘ୍ର ଶୁଣାଣି ହେବ। ତେଣୁ ସୋମବାର ଆବେଦନର ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆବେଦନରେ ଯାତ୍ରୀମାନଙ୍କୁ ଯଥେଷ୍ଟ ଅସୁବିଧା ଏବଂ ଏକ ମାନବିକ ସଙ୍କଟ ଦେଖାଦେଇଛି ବୋଲି ଅଭିଯୋଗ କରାଯାଇଛି ବୋଲି ସେ କହିଛନ୍ତି।

# ଭିଜିଲାନ୍ସ ପଞ୍ଝାରେ ଏଏସଆଇ

**ଯାଜପୁର, ୮।୧୨ ନ୍ୟୁଜ ବ୍ୟୁରୋ**

ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଯାଜପୁର ଟାଉନ ଥାନା ଏଏସଆଇ ନନ୍ଦକିଶୋର ଦାସ। ଜମିବାଡି ମାମଲାକୁ ନେଇ ଜଣେ ବ୍ୟକ୍ତିଙ୍କ ଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ।

ଏହି ଥାନା ଅନ୍ତର୍ଗତ ବଡବଜାର ଛକ ଅଞ୍ଚଳର ଦୋଳଗୋବିନ୍ଦ ସାହୁଙ୍କ ଠାରୁ ଏକ ଜମି ବାଡ଼ି ମାମଲା ପାଇଁ ସେ ୫ ହଜାର ଟଙ୍କା ଦାବି କରିଥିଲେ । ଏହାକୁ ନେଇ ଦୋଳଗୋବିନ୍ଦ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ ଦୋଳଗୋବିନ୍ଦ ଏଏସଆଇ ଶ୍ରୀ ଦାସଙ୍କୁ ଲାଞ୍ଚ ଦେବା ବେଳେ ଯାଜପୁର ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲେ। ତାଙ୍କ ନିକଟରୁ ୫ ହଜାର ଟଙ୍କା ଜବତ କରିଛନ୍ତି।



# ନିଖୋଜର ୧୧ ବର୍ଷ ପରେ ଗାଁ ମାଟିରେ ପାଦ ଦେଲେ ସୁଦାମ

**ରାଇରଙ୍ଗପୁର, ୮/୧୨**
**ନ୍ୟୁଜ ବ୍ୟୁରୋ**



ବାପାଙ୍କ ମୃତ୍ୟୁର ୩ ଦିନ ପରେ ନିଖୋଜ ହୋଇଯାଇଥିଲେ ବଡ଼ସାହି ବ୍ଲକ୍ ଅନ୍ତର୍ଗତ ପଉଁଶିଆ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ୪୧ ବର୍ଷୀୟ ସୁଦାମ ହେମ୍ବ୍ରମ। ଅଜାଣତରେ ଭାରତ ସୀମା ପାର ହୋଇ ବାଂଲାଦେଶକୁ ଚାଲିଯାଇଥିଲେ । ଶେଷରେ ଦୀର୍ଘ ୧୧ ବର୍ଷ ପରେ ଘରକୁ ଫେରିଛନ୍ତି ସୁଦାମ । ଓଡ଼ିଶାରେ ପହଞ୍ଚି ଗାଁ ମାଟିରେ ପାଦ ଥୋଇବା ସହ ତାଙ୍କୁ ଅପେକ୍ଷାରତ ପରିବାର ଲୋକେ ଲୁହ ଝରା ଆଲିଙ୍ଗନ କରିଥିଲେ । ଜଗନ୍ନାଥପୁର ଗ୍ରାମର ଲୋକେ ତାଙ୍କ ପାଇଁ ଏକ ସ୍ୱାଗତ ଉତ୍ସବର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମୟୂରଭଞ୍ଜ ପ୍ରଶାସନ ହେମ୍ବ୍ରମଙ୍କ ପୁନର୍ବାର ସମାଜରେ ମିଶିବା ପାଇଁ ପରାମର୍ଶ ଓ ସହାୟତା ସହିତ ନିରନ୍ତର ସହଯୋଗର ଆଶ୍ୱାସନା ଦେଇଛନ୍ତି।

ଆଜକୁ ପାଖାପାଖି ୧୧ ବର୍ଷ ପୂର୍ବେ ଅର୍ଥାତ ୨୦୧୪ରେ ପିତା କିଶୋର ହେମ୍ବ୍ରମଙ୍କ ମୃତ୍ୟୁର ତିନିଦିନ ପରେ ନିଖୋଜ ହୋଇଯାଇଥିଲେ ସୁଦାମ ହେମ୍ବ୍ରମ। ପରିବାର ଓ ସମ୍ପର୍କୀୟ ବହୁ ଖୋଜାଖୋଜି କରି ସୁଦାମଙ୍କୁ ପାଇନଥିଲେ। ସେ ଅଜାଣତରେ ଭାରତ ସୀମା ପାର ହୋଇ ବାଂଲାଦେଶକୁ ଚାଲିଯାଇଥିଲେ। ବାଂଲାଦେଶର ଏକ ସ୍ୱେଚ୍ଛାସେବୀ ସଂଗଠନ ମାନସିକ ବିକାରଗ୍ରସ୍ତ ସୁଦାମଙ୍କୁ ଗତ ଅକ୍ଟୋବର ୧୭ ତାରିଖ ଦିନ ଗୋଟିଏ ସ୍ଥାନରୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା କରାଇବା ପରେ ତାଙ୍କ ପାଟିରୁ 'ଜୟ ଜଗନ୍ନାଥ' ଶୁଣି ସେ ଭାରତୀୟ ଓ ଓଡ଼ିଶାର ଅନୁମାନ କରି ତାଙ୍କ ଘର ଠିକଣା ଖୋଜିଥିଲେ । ଶେଷରେ ପଶ୍ଚିମବଙ୍ଗର ଉତ୍ପଳ ରୟ ନାମକ ଜଣେ ମାନବାଧିକାର କମିଶନର ସମ୍ପାଦକଙ୍କ ସହାୟତାରେ ସୁଦାମଙ୍କ ସମ୍ପୂର୍ଣ୍ଣ ଠିକଣା ପାଇଥିଲେ।

ପରେ ଗାଁରେ ରହୁଥିବା ପୁତୁରାଙ୍କ ସହ ଯୋଗାଯୋଗ କରି ବାଂଲାଦେଶ ଓ ଭାରତର ହାଇକମିଶନର ଯୋଗାଯୋଗ ପରେ ସୁଦାମଙ୍କ ପ୍ରତ୍ୟାବର୍ତ୍ତନର ବାଟ ଫିଟିଥିଲା। ଶନିବାର ମୟୂରଭଞ୍ଜ ପୋଲିସ ଏକ ଟିମ୍ ବେତନଟୀ ଅତିରିକ୍ତ ତହସିଲଦାର, ସୁଦାମଙ୍କ ପୁତୁରା ଓ ଅନ୍ୟଜଣେ ସମ୍ପର୍କୀୟ ଉଦ୍ଧାର ପାଇଁ ପଶ୍ଚିମବଙ୍ଗର ଭାରତ-ବାଂଲାଦେଶ ସୀମାରେ ଥିବା ହରିଦାସପୁର-ବେନାପୋଲ ଲ୍ୟାଣ୍ଡ କଷ୍ଟମ୍ସ ଷ୍ଟେସନକୁ ଯାତ୍ରା କରିଥିଲେ। ଦସ୍ତାବିଜ ଯାଞ୍ଚ ଓ ହସ୍ତାନ୍ତର ପ୍ରକ୍ରିୟା ପରେ ବାଂଲାଦେଶ ଅଧିକାରୀ ରବିବାର ସୁଦାମଙ୍କୁ ହସ୍ତାନ୍ତର କରିଥିଲେ। ସୋମବାର ଘରେ ଆସି ପହଞ୍ଚିଛନ୍ତି ସୁଦାମ। ଏହି ସଫଳ ପ୍ରତ୍ୟାବର୍ତ୍ତନ ଭାରତ ଓ ବାଂଲାଦେଶ ମଧ୍ୟରେ ଦୃଢ଼ କୂଟନୈତିକ ଓ ପ୍ରଶାସନିକ ସମ୍ପର୍କକୁ ଉଜାଗର କରିଛି ବୋଲି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଡୁପାଲ୍ଲୀ କହିଛନ୍ତି। ଏହି ପୁନର୍ମିଳନ ଆମ ଜିଲ୍ଲା ପ୍ରଶାସନ, ପୋଲିସ ବାହିନୀ ଓ ଢାକା ହାଇ କମିଶନଙ୍କ ଅଟଳ ପ୍ରତିଶ୍ରୁତିର ପ୍ରମାଣ। ଏତେ ଦୀର୍ଘ ଯନ୍ତ୍ରଣା ପରେ ସୁଦାମ ହେମ୍ବ୍ରମଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ଦ୍ୱିପାକ୍ଷିକ ସହଯୋଗର ଶକ୍ତିକୁ ଦର୍ଶାଉଛି। ସୁଦାମଙ୍କ ପରିବାରରେ ତାଙ୍କ ଭାଇ ଭାଉଜ, ପୁତୁରା ଓ ଝିଆରି ରହିଛନ୍ତି।

## ଲାଞ୍ଜିବେର୍ଣ୍ଣାରେ ନିଆଁରେ ଜଳି କଲେଜ ଛାତ୍ରୀ ପ୍ରାଣହରାଇବା ଘଟଣା

# ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ସଜାଡ଼ିବାରେ ସରକାର କଠୋର ହୁଅନ୍ତୁ

**ଭୁବନେଶ୍ୱର, ୮/୧୨ ନ୍ୟୁଜ ବ୍ୟୁରୋ**



ରାଜଗାଙ୍ଗପୁର ଲାଞ୍ଜିବେର୍ଣ୍ଣାରେ ନିଆଁରେ ଜଳି କଲେଜ ଛାତ୍ରୀ ପ୍ରାଣ ହରାଇବା ଘଟଣା ଅତ୍ୟନ୍ତ ହୃଦୟ ବିଦାରକ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ଏପରି ଦୁଃଖଦ ସମୟରେ ପରିବାରବର୍ଗଙ୍କ ପ୍ରତି ସେ ତାଙ୍କର ଗଭୀର ସମବେଦନା ଜଣାଇବା ସହ ଛାତ୍ରୀଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

ଜୀବନରୁ ମାରିଦେବା ପାଇଁ ପୂର୍ବରୁ ଧମକ ମିଳିଥିବା ନେଇ ପରିବାର ଲୋକେ କହିବା ପରେ ବି ସରକାରଙ୍କ ନିଷ୍କ୍ରିୟତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି ବୋଲି ନବୀନ କହିଛନ୍ତି। ସରକାର କେତେ ଆଉ ନିରୀହ ଜୀବନ ଏପରି ଜଳିବାକୁ ଛାଡ଼ିଦେବେ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଓଡ଼ିଶାରେ ବଢୁଥିବା ଏହିପରି ଘଟଣାକୁ ରୋକିବା ଦିଗରେ ସରକାରଙ୍କ ଉଦାସୀନତା ଅପରାଧୀଙ୍କ ସାହସ ବଢ଼ାଉଛି। ଲୋକେ ଅସୁରକ୍ଷିତ ହେଉଛନ୍ତି, ଅପରାଧୀମାନେ ଖୁଲମଖୋଲା ବୁଲୁଛନ୍ତି। ସରକାର ସୁରକ୍ଷା କାହାକୁ ଦେଉଛନ୍ତି ବୋଲି ନବୀନ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ସଜାଡ଼ିବା ଦିଗରେ ସରକାର କଠୋର ହୁଅନ୍ତୁ। ଲୋକଙ୍କୁ ନ୍ୟାୟ ମିଳୁ, ଅପରାଧୀଙ୍କ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନବୀନ କହିଛନ୍ତି।

# କଟକ-ଭୁବନେଶ୍ୱର ମଧ୍ୟବର୍ତ୍ତୀ ବାରଙ୍ଗରେ ୭୨୫ ଏକର ଜାଗାରେ ସିଡିଏ ଗଢ଼ିବ ନୂଆ ସହର

**ବାରଙ୍ଗ,୦୮/୧୨**
**ନ୍ୟୁଜ ବ୍ୟୁରୋ**



କଟକ-ଭୁବନେଶ୍ୱର ମଧ୍ୟବର୍ତ୍ତୀ ବାରଙ୍ଗ ବ୍ଲକ ଅଧୀନରେ ରହିଛି ରତାଗଡ଼ ଗାଁ । ଦୁଇ ସହରର ପ୍ରଦୂଷଣ ବଳୟ ମଧ୍ୟରେ ଏହି ସୁନ୍ଦର ସବୁଜିମା ଭରା ଗାଁଟି ପେଶି ହୋଇଯାଉଥିଲେ ମଧ୍ୟ ସୁନାର ଫସଲ ଫଳାଇ ଉଭୟ ସହରବାସୀଙ୍କ ହାଣ୍ଡିଶାଳକୁ ତଟକା ପରିବା ଯୋଗାଉଛି। ଗୋଟିଏ ପଟେ ରେଳ ଧାରଣା, ଅନ୍ୟପଟେ ଜମି ମାଫିଆ ଓ ସହରାଭିମୁଖୀ ଲୋକମାନଙ୍କ ଚାଷଜମିରେ ଗୃହ ନିର୍ମାଣର ପ୍ରତିଯୋଗିତା ମଧ୍ୟରେ ଆଜି ବି ଗାଁଟି ସୁନାର ଫସଲ ଫଳାଉଥିବା କ୍ଷେତକୁ ସଂରକ୍ଷିତ ରଖିଛି । ଆଉ ଏହି ସଂଘର୍ଷରେ ଗ୍ରାମବାସୀଙ୍କ ପାଇଁ ବରଦାନ ସାଜିଛି ପୁରୀ କେନାଲ । କେନାଲରେ ନିରନ୍ତର ମହାନଦୀର ଜଳ ପ୍ରବାହ ଓ କେନାଲ ପାର୍ଶ୍ୱବର୍ତ୍ତୀ ଉର୍ବର ଚାଷଜମି ନୂଆ ନୂଆ ଫସଲ ଫଳାଇବାକୁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରୁଛି। ଫଳରେ ଏଠାକାର ଚାଷୀମାନେ ଆଜି ୟୁଟ୍ୟୁବ୍ ଦେଖି ଭଳିକି ଭଳି ଦେଶୀ ଓ ଚାଇନିଜ୍ ପରିବା ଫଳାଉଛନ୍ତି। ମାତ୍ର ବର୍ଷସାରା ଫସଲ ଫଳାଉଥିବା ଏହି ଚାଷଜମି ଉପରେ ଏବେ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ଆଖି ପଡ଼ିଛି। ନୂଆ ଟାଉନ୍ ପ୍ଲାନିଂରେ ସିଡିଏ ପକ୍ଷରୁ ଏହି ଅଞ୍ଚଳର ୭୨୫ ଏକର ଜମି ଅଧିଗ୍ରହଣ କରାଯିବ, ଯେଉଁଥିରେ ୧୨୦ ଏକର ତିନି ଫସଲି ଚାଷଜମି ଚାଲିଯିବ । ଫଳରେ ଏଠାକାର ଚାଷୀମାନେ ଜୀବିକା ହରାଇବେ। ସହର ନିକଟରେ ରହିଥିଲେ ମଧ୍ୟ ରତାଗଡ଼ ଗ୍ରାମର ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ । ମଜା କଥା ହେଲା, ପୂର୍ବରୁ ଏମାନେ ପାରମ୍ପରିକ ପଦ୍ଧତିରେ ଚାଷବାସ କରୁଥିବାବେଳେ ଏବେ ୟୁଟ୍ୟୁବ୍ ସାଜିଛି ସେମାନଙ୍କ ପ୍ରଶିକ୍ଷକ । ୟୁଟ୍ୟୁବ୍‌ରୁ ପ୍ରଶିକ୍ଷଣ ନେଇ ସେମାନେ ଉନ୍ନତଧରଣର ପନିପରିବା ଚାଷ କରୁଛନ୍ତି। ଖାଲି ଯେ ବାଇଗଣ, କୋବି, ବିଲାତି, ଭେଣ୍ଡି ଆଦି ଏମାନେ ଚାଷ କରୁଛନ୍ତି ତାହା ନୁହେଁ, ଭଳିକି ଭଳି ଚାଇନିଜ୍ ପରିବା ମଧ୍ୟ ଫଳାଉଛନ୍ତି। ସେଥିମଧ୍ୟରେ ରହିଛି ବ୍ରୋକୋଲି, ଚାଇନିଜ୍ କ୍ୟାବେଜ, ରେଡ୍ କ୍ୟାବେଜ, ଜୁଚୁନି, ସ୍ପ୍ରିଙ୍ଗ୍ ଓନିଅନ, ରେଡ୍ ଓ ଗ୍ରୀନ ଲେଟୁସ । କଟକ ଓ ଭୁବନେଶ୍ୱର ବଜାରରେ ଏସବୁ ପରିବାର ବେଶ୍ ଚାହିଦା ରହିଛି। ତେଣୁ ନୂଆପିଢ଼ିର ଯୁବକମାନେ ଚାକିରି ପଛରେ ନଧାଇଁ ମୋବାଇଲ ଦେଖି ଏହି ଚାଇନିଜ ପରିବା ଚାଷ କରୁଛନ୍ତି । ଏଥିରେ ଭଲ ଦି ପଇସା ରୋଜଗାର ମଧ୍ୟ ହେଉଛି। ଏଥିସହ ପରୋକ୍ଷରେ ୩୦୦ ପରିବାର ମଧ୍ୟ ଭରଣପୋଷଣ ହେଉଛନ୍ତି। ଚାଷରୁ ରୋଜଗାର କରି ଚାଷୀମାନେ ଘରଦ୍ୱାର କରିବା ସହ ପିଲାମାନଙ୍କୁ ଭଲ ସ୍କୁଲରେ ପଢ଼ାଇ ପାରୁଛନ୍ତି । ବର୍ତ୍ତମାନ ଏସବୁ ବିଲରେ ବାଇଗଣ ଫଳିଲାଣି। ସମସ୍ତଙ୍କର ମିଶାଇ ପ୍ରତିଦିନ ୩୦ କୁଇଣ୍ଟାଲରୁ ଅଧିକ ବାଇଗଣ ଏଠାରୁ ଭୁବନେଶ୍ୱର ବଜାରକୁ ଯାଉଛି । ଆଗକୁ ଚାଇନିଜ୍ ପରିବା ଉତ୍ପାଦନ ହେବ। ଦିନକୁ ଦିନ ପରିବା ଦର ଯେଭଳି ବୃଦ୍ଧି ପାଇଚାଲିଛି, ସେଥିରେ ପ୍ରତିଦିନ କୁଇଣ୍ଟାଲ କୁଇଣ୍ଟାଲ ପରିବା ଉତ୍ପାଦନ ହେଉଥିବା ଚାଷଜମିକୁ ହାତରୁ ଛାଡ଼ିବା କଥା ଚିନ୍ତା କଲାବେଳକୁ ଚାଷୀମାନଙ୍କ ହୃଦୟ କୋରି ହୋଇଯାଉଛି। ଚାଷ ଜମିରେ ସିଡିଏର ଟାଉନ୍ ପ୍ଲାନିଂ ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଲାଣି । ସୁନାର ପରିବା ହେଉଥିବା ଏକର ଏକର ଚାଷଜମିରେ ଠିଆ ହେବ ନୂଆ ସହର। ସେଥିପାଇଁ ମାପ ଚୁପ ଆରମ୍ଭ ହେଲାଣି। ଟାଉନ୍ ପ୍ଲାନିଂ କର, ହେଲେ ଚାଷଜମିକୁ ଛାଡ଼ିଦିଅ ବୋଲି ଚାଷୀମାନେ ଦାବି କରିଛନ୍ତି। ଏନେଇ ସେମାନେ ନେତା, ମନ୍ତ୍ରୀଙ୍କଠାରୁ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ମିଳୁନି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ବାରଙ୍ଗ ତହସିଲ ଅଞ୍ଚଳରେ ହଜାର ହଜାର ଏକର ଜମି ପଡ଼ିଆ ପଡ଼ିଥିବାବେଳେ ଏ ଚାଷଜମି ଉପରେ କାହିଁକି ସିଡିଏର ନଜର ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଭୌଗୋଳିକ ଅବସ୍ଥିତି ଦେଖିଲେ ରତାଗଡ଼ ଗାଁଟି କଟକ-ଭୁବନେଶ୍ୱର ଭାୟା ବାରଙ୍ଗ ରାସ୍ତାରୁ ପୁରୀ କେନାଲ ପାର୍ଶ୍ୱରେ ବାଙ୍କୀ-କଟକ ମୁଖ୍ୟ ରାସ୍ତା ଆଡକୁ ୪ କିଲୋମିଟର ଦୂର ଗଲେ ବାମ ପାର୍ଶ୍ୱରେ ପଡ଼ିବ । ଚାଷଜମିର ପୂର୍ବ ପାର୍ଶ୍ୱରେ ପୁରୀ କେନାଲ, ପଶ୍ଚିମରେ ରେଳ ଧାରଣା ଥିବାବେଳେ ଦକ୍ଷିଣ ପାର୍ଶ୍ୱରେ ଜଟେଶ୍ୱର ଓ ଘାଘେଡେଇ ପାହାଡ଼ ରହିଛି । ବଡ଼ କଥା ହେଲା ଚନ୍ଦକା ଜଙ୍ଗଲରୁ ହାତୀମାନେ ବିଭିନ୍ନ ସମୟରେ ଘାଘେଡ଼େଇ ଓ ଜଟେଶ୍ୱର ପାହାଡକୁ ଚାଲିଆସନ୍ତି। ଏଠାରେ ସହର ତିଆରି ହେଲେ ହାତୀଙ୍କ ଯାତାୟାତ ବାଧାପ୍ରାପ୍ତ ହେବ ବୋଲି କୁହାଯାଉଛି।



ଭୁବନେଶ୍ୱର : ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ସହ ବିଧାନସଭା ପରିଭ୍ରମଣରରେ ଆସିଥିବା ରାଜସ୍ୱ ସେବାର ଅଧିକାରୀମାନେ। ଏହି ଅବସରରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଅଛନ୍ତି । (ଫଟୋ : ସମ୍ବାଦ କଳିକା)

# ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସଶସ୍ତ୍ର ଆତ୍ମସମର୍ପଣ କଲେ ୧୦ ମାଓବାଦୀ



**ବାଲାଘାଟ, ୦୮/୧୨**

ମଧ୍ୟପ୍ରଦେଶର ବାଲାଘାଟ ଜିଲ୍ଲାରେ ପ୍ରଥମଥର ପାଇଁ ୧୦ ଜଣ ମାଓବାଦୀ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ଏହି ସମସ୍ତ ନକ୍ସଲଙ୍କ ମୁଣ୍ଡ ଉପରେ ମହାରାଷ୍ଟ୍ର, ଛତିଶଗଡ ଓ ମଧ୍ୟପ୍ରଦେଶ ସରକାରଙ୍କ ପକ୍ଷରୁ ମୋଟ ୨ କୋଟି ୩୬ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେମାନଙ୍କ ମଧ୍ୟରେ ଅଛନ୍ତି ୬୨ ଲକ୍ଷର ପୁରସ୍କାର ରାଶି ଥିବା ସୁରେନ୍ଦ୍ର ଓରଫ କବିର। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବାଲାଘାଟ ଜୋନରେ ଚଳିତବର୍ଷ ଏପର୍ଯ୍ୟନ୍ତ ୧୦ ଜଣ ମାଓବାଦୀ ସୁରକ୍ଷା ବାହିନୀ ଗୁଳିରେ ପ୍ରାଣ ହରାଇଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସରକାରୀ ନୀତି ଅନୁସାରେ ଆର୍ଥିକ ସହାୟତା ସହ ଥଇଥାନ କରାଯିବ। ସେମାନଙ୍କୁ ସମାଜର ମୁଖ୍ୟଧାରାରେ ସାମିଲ କରାଯିବ। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ପୁଲିସକୁ ୨ଟି ଏକେ-୪୭ ରାଇଫଲ, ୨ଟି ଇନସାସ୍ ରାଇଫଲ, ଗୋଟିଏ ଏସ୍‌ଏଲ୍‌ଆର, ୨ଟି ଏସ୍‌ଏସ୍‌ଆର, ୭ଟି ବିଜିଏଲ୍ ସେଲ୍ ଓ ୪ଟି ଓ୍ୱାକିଟକି ହସ୍ତାନ୍ତର କରିଛନ୍ତି । ଏହି ନକ୍ସଲମାନେ ଆତ୍ମସମର୍ପଣ କରିବା ଲାଗି ବନକର୍ମୀ ଗୁଲାବ ଉଇକେ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଯୋଗାଯୋଗ କରିଥିଲେ। ଯାହାଫଳରେ ସେମାନଙ୍କୁ ସ୍ୱତନ୍ତ୍ର ଗାଡିରେ ବାଲାଘାଟକୁ ଅଣାଯାଇଥିଲା। ଏସବୁ ମାଓବାଦୀମାନେ ସୁକମା, ବିଜାପୁର, ଦାନ୍ତେଓ୍ୱାଡା ଓ ଗଡଚିରୋଲି ଅଞ୍ଚଳର ବାସିନ୍ଦା ବୋଲି ସୂଚନା ମିଳିଛି।